RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheenews.com

ବାସ୍ତବତାର ପରିପ୍ରକାଶ


# ପ୍ରାଚୀ

# PRACHEE

ମାର୍ଚ୍ଚ ୨୦୨୧

ମୂଲ୍ୟ : ୨୫ ଟଙ୍କା





**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



***ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ***

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନୁଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଷଷ୍ଠ ବର୍ଷର ଦ୍ୱାଦଶ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓଁ 'ପ୍ରାଚୀ'ର କଲମ ୪୦

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 6, MARCH 2021, Issue No. XII
RNI No. : ODIODI/2015/64435
P.R. No. : CK(C)/96/2016-2018

ପ୍ରାଚୀ ପରିବାର :
ଉପଦେଷ୍ଟା :
କୃଷ୍ଣ ପ୍ରସାଦ ଦାସ
ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ
ସମ୍ପାଦନା ସହଯୋଗୀ :
ପ୍ରାଚୀ ପ୍ରଯୁକ୍ତା
ସହ ସମ୍ପାଦକ :
ଡ. ନିରୋଦ କୁମାର ମନ୍ତ୍ରୀ
ବନଲତା ସିଂହ
ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର
ଉପସ୍ଥାପନା :
ମମତା ଖଣ୍ଡାୟତରାୟ
ଡିଟିପି :
ପ୍ରଶାନ୍ତି ସାଇଁ
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
ବିଭୁପ୍ରସାଦ ନାୟକ
ଅଳଙ୍କରଣ :
ବିଜୟ କୁମାର ସାହୁ
ବିଜ୍ଞାପନ ଅଧିକାରୀ :
ରାମଚନ୍ଦ୍ର ବିଶ୍ୱାଳ
ବିତରଣ ଅଧିକାରୀ :
ପ୍ରଦୀପ୍ତ କୁମାର ପାଢ଼ୀ
ମୁଦ୍ରଣ :
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

ପ୍ରାଚୀ ସାହିତ୍ୟ ସମାଜ
ସଭାପତି :
ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheenews.com ରେ ଲଗ୍‌ଇନ୍ କରନ୍ତୁ ।

Declaration
Edited, Published & Owned by :
Dr. Bibhudatta Khandayatray



Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheenews.com


## ଏଇ ସଂଖ୍ୟାରେ...

### ପ୍ରବନ୍ଧ ବିଭାଗ


**ମଣିଷ କେବେ ଶିଖିବ ?**
- ପ୍ରଫେସର ନରୋତ୍ତମ ଗାଣ ୦୭

**ଦିଗହରା ସାହିତ୍ୟ ଓ ସାହିତ୍ୟିକ**
- ଡଃ. ନିରୋଦ କୁମାର ମନ୍ତ୍ରୀ ୦୯

**ଜାତିପ୍ରାଣ ଗୋପବନ୍ଧୁ**
- ବିକେଶ ସାହୁ ୧୦


### ଗଳ୍ପ ବିଭାଗ


**"ସିଏ ବି ଝିଅଟିଏ"**
- ଡଃ ବସନ୍ତ କୁମାରୀ ନନ୍ଦ ୧୨

**କରୋନା ର ଅପପ୍ରଚାର**
- ମମତା ବାରିକ ୧୪

**ଶାଶୁ ସାଜିଲା ସଉତୁଣୀ**
- ସରୋଜ କୁମାର ଜେନା ୧୬

**ଚା' ଏବଂ ସେ**
- ଦୁଷ୍ମନ୍ତ ବେହେରା ୧୯

**ପାରମ୍ପରିକ ଖାଦ୍ୟପେୟ**
- ମାନସ ରଞ୍ଜନ ପଟ୍ଟନାୟକ ୨୦

**ଚାରିଗୋଟି ଆମ୍ବଗଛର କାହାଣୀ**
- ଶ୍ରୀ ସତ୍ୟ ନାରାୟଣ ନନ୍ଦ ୨୨

**ଭାଇ - ଭାଇ**
- ଲିପ୍‌ସା ପଟେଲ ୨୫

**ପରିଚୟ**
- ମଧୁସ୍ମିତା ସେନାପତି ୨୮

**ଓଁ ସାଇନାଥାୟ ନମଃ - ସାଇ ଅନୁଭୂତି ୨୦୧୧**
- ସନ୍ତୋଷ କୁମାର ପାଲ ୩୦

**ପ୍ରେମ**
- ନିବେଦିତା ମହାପାତ୍ର ୩୩

**ମିନୁ**
- ଶ୍ରୀ କୁଞ୍ଜବିହାରୀ ସାହୁ ୩୫

**ବଗବଗୁଲି**
- ବନଲତା ସିଂ ୩୬

**କାଳିଝିଅ ଓ ଫେରିବାଲା**
- ସଚ୍ଚିଦାନନ୍ଦ କର ୩୮

**ଅନ୍ତର୍ଦାହ**
- ଦେବାଶିସ ମିଶ୍ର ୩୯


### କବିତା ବିଭାଗ


**ଜୀବନ ଯୁଦ୍ଧ**
- ରଶ୍ମିବାଳା ଶତପଥୀ ୪୧

**ସ୍ୱାର୍ଥପର**
- ସାଧନା ପଣ୍ଡା ୪୨

**କାଳିଆ କଳାକାହ୍ନୁ**
- ଆଦିତ୍ୟ ନାରାୟଣ ପତି ୪୩

**ଜ୍ଞାନ ପ୍ରଦାୟିନୀ ମାଆ ସରସ୍ୱତୀ**
- କଳ୍ପନା ରାୟ ୪୪

**ଫ୍ରେଣ୍ଡ ରିକ୍ୟୁଏଷ୍ଟ**
- ଶକୁନ୍ତଳା ପରିଡ଼ା ୪୫

**ଦିଅଁ ପରି ଦିଅଁଟିଏ**
- ପ୍ରଶାନ୍ତି ସ୍ୱାଇଁ ୪୬

**କିଏବା ହେବ ନିଜର**
- କବି କମଳ ନରେନ୍ଦ୍ର ପ୍ରସାଦ ବେହେରା ୪୭

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

# ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................
ଠିକଣା ........................................................ ପିନ୍‌କୋର୍ଡ଼ ................................
ମୋବାଇଲ୍ ନମ୍ବର ...................................... ଇ-ମେଲ୍ ........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର................................................. ତାରିଖ...................................
ବ୍ୟାଙ୍କ୍........................................ ସ୍ଥାନ..................................................
ତାରିଖ..................................... ଦସ୍ତଖତ................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**
ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧
E-mail : pracheepatrika@rediffmail.com, Web. : www.pracheenews.com

# ମଣିଷ କେବେ ଶିଖିବ ?

- ପ୍ରଫେସର ନରୋତ୍ତମ ଗାଣ

ପ୍ରକୃତିର ଆଉ ଏକ ହୃଦୟଫଟା ତାଣ୍ଡବ ଲୀଳା ଗତକାଲି ଭାରତର 'ଉତ୍ତରାଖଣ୍ଡ'ରେ ସଂଗଠିତ ହୋଇ ସମଗ୍ର ମାନବ ସମାଜ ପଚାରୁଛି: ତମେ ନିଜକୁ ଅପରାଜୟ ମନେ କରନାହିଁ । ଅପରାଜୟର ଅସ୍ମିତା ନେଇ ତୁମେ ନିଜର ମୂଢ଼ ପଣିଆର ଗୌରବମୟ ଇତିହାସ ଲେଖ ନାହିଁ । ଯେତେବେଳେ ଆମ୍ଭେ ଧରାପୃଷ୍ଠରେ କୌଣସି ପ୍ରକୃତିର ପ୍ରତିଶୋଧର ଜ୍ୱାଳାମୁଖୀର ଶିକାର ହେଉ, ସେତେବେଳେ ଆମ ଭିତରେ ଶ୍ମଶାନ ବୈରାଗ୍ୟ ଭଳି ଏକ ବିବେକବାନ ମନନଶୀଳ ସଦାଚାରୀ ମଣିଷର ଜନ୍ମ ହୁଏ । ସେତେବେଳେ ଆମେ କେତେ କେତେ ପ୍ରତିଜ୍ଞାମାନ କରିଦେଉ ଆଉ ଏମିତି କରିବାନି, ଆଉ ଏମିତି ହେବନାହିଁ, ପୁଣି ଦେହ ସୁହା ହେଇଗଲେ ସବୁ ଅତୀତ ହେଇଯାଏ । ପ୍ରତିଜ୍ଞାମାନ ଲିଭି ଯାଆନ୍ତି । "ଯେତେ ମାଠିବୁ ମାଠେ, ସେହି ଦରପୋଡ଼ା କାଠ" ରେ ପରିଣତ ହେଉ । ଏବେ କୁହାଯାଉଛି, ଜଳବାୟୁର ପରିବର୍ତ୍ତନର କୁପରିଣାମର ଏସବୁ ଦୈବୀ ଦୂର୍ବିପାକ ଘଟୁଥିବା ଘଟଣା ଗୁଡ଼ିକ ପରିପ୍ରକାଶ । ଚୀନ୍‌ର ଉହାନ୍‌ରେ ସୃଷ୍ଟି ହୋଇଥିବା କୋଭିଡ଼-୧୯ ର ମାରାତ୍ମକ ଭୂତାଣୁ ଆଜି ପୃଥିବୀକୁ ପରାହତ କରିଛି । ଧନୀ ଦରିଦ୍ର ସବୁ ଦେଶର ଲୋକମାନେ ସମାନ ଭାବେ ଏହି କ୍ଷୁଦ୍ର ଭୂତାଣୁ ନିକଟରେ ନତମସ୍ତକ । ଏହି କ୍ଷୁଦ୍ର ଭୂତାଣୁ ନିକଟରେ ସମସ୍ତେ ପରାଜୟ ସ୍ୱୀକାର କଲେଣି । ଏବେ ତ ଦେଖିଲେ ଉତ୍ତରାଖଣ୍ଡର ହିମସ୍ଖଳନର ମର୍ମନ୍ତୁଦ ଦୃଶ୍ୟ । ମଣିଷ କ'ଣ କିଛି ଶିଖୁନି ? ନା, ଶିଖିଲାଣି ?

'ଜଳବାୟୁର ପରିବର୍ତ୍ତନ' ର କୁପରିଣାମ ଏବେ ଆମେ ଅଙ୍ଗେ ନିଭେଉଛେ । କାହିଁକି ହେଉଛି, ଏଥିପାଇଁ ଦାୟୀ କିଏ ? ଏହାର କ'ଣ ନିରାକରଣ ନାହିଁ? ଉଜୁଡ଼ି ଯାଉଥିବା ଘରକୁ ଆଉ କ'ଣ ସଜାଡ଼ି ହେବ ନାହିଁ ? ଏମିତି ଅନେକ ଅସୁମାରୀ ପ୍ରଶ୍ନ ଆମ ମନ ଭିତରେ ଉଙ୍କି ମାରୁଛି ।

ଆମେ ସମସ୍ତେ ଏକ ଦିଶିବା ବୋଲି ଚେଷ୍ଟା କଲେ । ଏକା ପିନ୍ଧିବା, ଏକାଭଳି ଚିନ୍ତା କରିବା ଏବଂ ଏକାଭଳି ସମସ୍ତକାମ କରିବା ପାଇଁ ବ୍ୟସ୍ତ ହେଲେ । ଯେତେ ମତ ସେତେ ପଥ । ନଈର ଚଲାପଥରେ ଯେଭଳି ବାଙ୍କ ଅଛି, ଦେଶ ଦେଶ ଭିତରେ ସେଭଳି ଫାଙ୍କ ଅଛି । ସେହିଭଳି ବିକାଶର ଢାଞ୍ଚା ବା ମୂଳମନ୍ତ୍ର ଏକ ନୁହେଁ । ନିଜ ନିଜର ସଭ୍ୟତା, ସଂସ୍କୃତି ଏବଂ ଧର୍ମାନୁସାରେ ବିକାଶର ମାର୍ଗ ନିର୍ଦ୍ଧାରଣ କରାଯାଏ । ବଗିଚାରେ ବହୁ ପ୍ରକାରର, ବହୁ ରଂଗର, ବହୁ ବାସନାର ପୁଷ୍ପ ସବୁ ଅଛି । ପ୍ରତ୍ୟେକ ଫୁଲ ତା'ର ମଞ୍ଜିର ଜିନ୍ ଅନୁସାରେ ପ୍ରସ୍ଫୁଟିତ ହେଇଥାଏ । ପୃଥିବୀର ଅନେକ ସଭ୍ୟତା ଅଛି, ଥିଲା ଏବଂ ଅନେକ ସମୟର ବାଲିସ୍ତୂପ ତଳେ ପୋତି ହେଇଗଲେଣି । ଆଜି କିନ୍ତୁ ଭାରତ ସଭ୍ୟତା ଚିର ଅମ୍ଳାନ ରହିଛି । କାରଣ ସବୁ ସଭ୍ୟତାର ସମୟ, ପରିସ୍ଥିତି ,ବଂ ଭୌଗଳିକ ସୀମା ଭିତରେ ସୀମାବଦ୍ଧ ଥିଲା । ସେମାନେ କାଳଜୟୀ ହେଇ ପାରିଲେନି । ଅପର ପକ୍ଷରେ ଭାରତ ସଭ୍ୟତାର ସନାତନ ଧର୍ମ ଏବଂ ସଂସ୍କୃତିକୁ କାଳଜୟୀ ଏବଂ ଗାରିମାମୟ କରିଥିବା ଋଷି ଏବଂ ମୁନିଗଣଙ୍କ ଈଶ୍ୱର ଉପଲବ୍ଧ ଜ୍ଞାନ, ପ୍ରଜ୍ଞା ଓ ଅନୁଭୂତି କୌଣସି ସମୟ, ଦେଶ, ଜାତି, ଭୌଗଳିକ ସ୍ଥିତି ସହ ସୀମାବଦ୍ଧ ନଥିଲା । ଏହା ବିଶ୍ୱବ୍ୟାପକ ଏବଂ ସମସ୍ତ ବ୍ରହ୍ମାଣ୍ଡ ପାଇଁ ଉଦ୍ଦିଷ୍ଟ ଥିଲା । ଏସବୁ ଉପରେ ଅଧିଷ୍ଠିତ ଏବଂ ପ୍ରତିଷ୍ଠିତ ବିକାଶର ମନ୍ତ୍ର ପ୍ରକୃତ ବିକାଶର ମୂଳଦୂଆ । ଶିଳ୍ପ ବିପ୍ଳବ ଯୁଗରୁ ଆମେ ବୁଝିଗଲୁ ଏବଂ ଆମକୁ ବୁଝେଇ ଦିଆଗଲା ବିକାଶର ଅର୍ଥ ହେଉଛି ପ୍ରକୃତି ବିନିମୟରେ ମଣିଷ ସଭ୍ୟ ହେଇପାରିବ । ପାଶ୍ଚାତ୍ୟ ବର୍ଣ୍ଣିତ ଏବଂ ପାଶ୍ଚାତ୍ୟ ମାର୍ଗରେ ବିକାଶର ଅର୍ଥ ହେଉଛି ମଣିଷ ଏବଂ ସମସ୍ତ ଇତର ଜଗତ ଦୁଇଟି ଭିନ୍ନ ଭିନ୍ନ ଏବଂ ପରସ୍ପର ବିରୋଧି ଜଗତ୍ । ବିଜ୍ଞାନ, ଜ୍ଞାନ ଅର୍ଥ_ାମେ ବୁଝିଲୁ କଳ କାରଖାନା ଏବଂ ଯାନ୍ତ୍ରିକ ପଦ୍ଧତିରେ ସମସ୍ତ ପ୍ରକୃତି ଜଗତକୁ ପରାହତ ଏବଂ ନଷ୍ଟ କରିବା ବିକାଶର ଅନ୍ୟନାମ । ମଣିଷ ସ୍ୱର୍ଗଭଳି ପୃଥିବୀରେ ବାସ କରିବ । ଜାଗତିକ ସୁଖ ଏଠାରେ ମିଳିବ । ପୃଥିବୀର ସମସ୍ତ ଦେଶ ଏବଂ ରାଷ୍ଟ୍ରମାନଙ୍କୁ ବିକାଶର ଗୋଟିଏ ଶଗଡ଼ ଗୁଳାରେ ଚାଲିବା ପାଇଁ କୁହାଗଲା । ଏହାଦ୍ୱାରା ସମସ୍ତେ ସଭ୍ୟ, ଆଧୁନିକ ଓ ପାଶ୍ଚାତ୍ୟ ଭଳି ଚାକଚକ୍ୟ ହେଇଯିବେ ।

ସମସ୍ତେ ଗୋଟିଏ ଶଗଡ଼ ଗୁଳାରେ ଚାଲିଲେ । ଏହାକୁ ଆମେ ଜଗତୀକରଣ କହି ଶତମୁଖ ପ୍ରଶଂସାରେ ଅଧୀର ହେଇଉଠିଲୁ । ଅନ୍ୟ ବିକଳ୍ପ ମାର୍ଗ ଖୋଜିଲୁ ନାହୁଁ । ନିଜ ନିଜର ସଭ୍ୟତା ଏବଂ ସଂସ୍କୃତିକୁ ଭୁଲିଗଲୁ । ଅନ୍ୟର ଜ୍ୟୋତିର ଉଦ୍‌ଭାସିତ ହେବାକୁ ଚାହିଁଲୁ । ନିଜର ଅଫୁରନ୍ତ ଅମ୍ଳାନ ଜ୍ୟୋତିର ଉଦଗମ ସ୍ଥଳକୁ ଖୋଜିଲୁ ନାହୁଁ । ଅନ୍ୟ ସଭ୍ୟତା, ସଂସ୍କୃତି, ଇତିହାସକୁ ଆମ ଇତିହାସ ଭାବି ଅଧ୍ୟୟନ କଲୁ । ସେମାନଙ୍କର ଆତ୍ମଜୀବନୀ ଆମର ଆତ୍ମ ଜୀବନୀ ହେଲା । ଅନ୍ଧ ଭାବେ ଆମେ ଅନ୍ୟ ଏକ ଅନ୍ଧର ସାହାରା ନେଲେ କ'ଣ ହୁଏ, ସମସ୍ତେ ଜାଣନ୍ତି । ଧ୍ୱଂସ ମୁଖରେ ପଡ଼ିବା ବ୍ୟତୀତ ଅନ୍ୟକିଛି ନାହିଁ । ଆଜି ସମସ୍ତେ ଏହିଭଳି ବିକାଶର ଧାରାରେ ସାମିଲ କିରବାର କୁପରିଣାମର ଶିକାର ହେଉଛନ୍ତି । ସମସ୍ତ ପ୍ରକୃତି ଜଗତକୁ ନଷ୍ଟ କଲେ । ଜଳବାୟୁର ପରିବର୍ତ୍ତନ ହେଲା, ପୃଥିବୀର ତାପମାତ୍ରା ବୃଦ୍ଧି ପାଇଲା । ଶିଳ୍ପ ବିପ୍ଳବ ନାମରେ କୃଷିରେ ପାରମ୍ପରିକ

ଜୈବିକ ଚାଷ ନଷ୍ଟ କଲୁ । କୀଟ ନାଶକ ଔଷଧ, ସାର ପ୍ରୟୋଗ ଏବଂ ଆଧୁନିକ ଚାଷ ନାମରେ ଉତ୍ପାଦିତ ଶସ୍ୟ, ପନିପରିବା ଏବଂ ଫଳ ଆମମାନଙ୍କ ବହୁ ଅସାଧ୍ୟ ରୋଗର କାରଣ ହୋଇଛି ।

ଉପାୟ କ'ଣ ? ଯାହା ଆମକୁ ଧ୍ୱଂସ ଆଡ଼କୁ ନେଉଛି । ତାକୁ ଅନ୍ଧଭାବେ ଗ୍ରହଣ କରିବା ଅନୁଚିତ । ତାହା ସର୍ବାଦୌ ବର୍ଜନୀୟ । ଭାରତର ଦ୍ରଷ୍ଟା, ମନୀଷୀଗଣ, ମୁନି ଏବଂ ଋଷି ପ୍ରଦର୍ଶିତ ଓ ଅନୁଭୂତ ମାର୍ଗ ଯାହାକୁ ଆମେ ଭାରତର ସଭ୍ୟତାର କାଳଜୟୀ ହେବାରେ ଶ୍ରେୟ ଦେଉଅଛେ, ଆମର ପାଥେୟ ହେବା ଉଚିତ୍ । ପ୍ରକୃତି ଜଗତ ଏବଂ ମାନବଜଗତ ଦୁଇଟି ଭିନ୍ନ ଭିନ୍ନ ପରସ୍ପରଠାରୁ ଅଲଗା ଏବଂ ପରସ୍ପର ବିରୋଧୀ, ଗୋଷ୍ଠୀ, ଏହା ଭାବିବା ଆମ ...ପରିଚାୟକ । ଆମେ ପ୍ରକୃତିର ଉପାସକ ଥିଲୁ, ଏହି କାରଣରୁ ଏହା ଅନ୍ଧ ବିଶ୍ୱାସ ନୁହଁ, ବା ଅଜ୍ଞାନର ପରିଚାଳକ ନୁହେଁ । ଆମର ଶିକ୍ଷାବିତମାନେ ପାଶ୍ଚାତ୍ୟ ଶିକ୍ଷା ଦ୍ୱାରା ପ୍ରଭାବିତ ହୋଇ ଆମକୁ ପିଲାଦିନେ ଶିଖାଇଦେଲେ, ପ୍ରକୃତିର ଉପାସନା, ଏକ ଆଦିନ ଏବଂ ଅନ୍ଧ ସଂସ୍କୃତି । ଆଜି ଜଣାପଡୁଛି କିଏ ଠିକ୍ ଏବଂ ଭୁଲ କିଏ? ପ୍ରକୃତି ,ବଂ ମଣିଷ ପରସ୍ପରର ପରିପୂରକ । ଉଭୟ ଉଭୟଙ୍କର ଜୀବନଶୈଳୀ ଏବଂ ଜୀବନ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି । ଏକାଠି ହେବା ଏବଂ ସବୁ କ୍ଷେତ୍ରରେ ଏକ ହେବା, ସୃଷ୍ଟି ସର୍ଜନାର ମୂଳମନ୍ତ୍ର । ଭଗବାନ ସମସ୍ତଙ୍କୁ ସୃଷ୍ଟି କରି ସେମାନଙ୍କ ଭିତରେ ସହାନବସ୍ଥାନ, ସହଯୋଗ ଏବଂ ଦୟାସମ୍ପନ୍ନ ,ବଂ ପରସ୍ପର ପ୍ରତି ସମ୍ବେଦନଶୀଳ ହେବାର ବ୍ୟବସ୍ଥା କରିଛନ୍ତି । ଆମ ସମସ୍ତଙ୍କ ଭିତରେ ପରସ୍ପର ପ୍ରତି ନିର୍ଭରଶୀଳ ହେବା ହିଁ ସୃଷ୍ଟିର ବିକାଶ ଏବଂ ଅଭିବୃଦ୍ଧିର କାରଣ । ବର୍ତ୍ତମାନ ପରିସ୍ଥିତିରେ ଏହି ଏକାଠି ରହିବା ବିକାଶର ମୂଳମନ୍ତ୍ର ହେବା ଉଚିତ୍ । ଏଭଳି ବିକାଶର ପୁନର୍ବିନ୍ୟାସ କରିବା ଉଚିତ ଯାହା ଏକାଠି ରହିବାକୁ ନଷ୍ଟ କରିବ ନାହିଁ । ପରସ୍ପର ପ୍ରତି ସହାନୁଭୂତି ଏବଂ ସମ୍ବେଦନ ରହିବାକୁ ପ୍ରୋତ୍ସାହନ କରିବା ଉଚିତ୍ । ଅନ୍ୟ ଇତର ପ୍ରାଣୀ ଆମର ଶୀକାର ବା ଭୋଜ୍ୟ ନୁହଁ । ସମସ୍ତଙ୍କର ବଞ୍ଚିବାର ଅଧିକାର ଅଛି । ପାଣି, ପବନ, ଗଛଲତା, ପଶୁପକ୍ଷୀ ଏହି ସମସ୍ତଙ୍କ ନେଇ ଆମର ପୃଥିବୀ ସଂସାର । ଆମେ ସମସ୍ତେ ପରସ୍ପରକୁ ଭଲ ପାଇବା ଓ ସମ୍ମାନ ଦେଲେ ପ୍ରକୃତି ଆମ ଉପରେ ପ୍ରତିଶେଶଧ ନେବ ନାହିଁ । ଆମର ବିକାଶର ସଂଜ୍ଞା ଏଭଳି ପୁନର୍ନିର୍ଦ୍ଧାରଣ କରିବା ଉଚିତ ଯାହା ଏହି ଅତୁଟ ବନ୍ଧ ବା ଏକାଠି ରହିବା ଏବଂ ଏକ ବୋଲି ଅନୁଭବ କରିବାର ଭାବକୁ ନଷ୍ଟ କରିବ ନାହିଁ । ତେଣୁ କାରିଗରୀ କୌଶଳ ଏବଂ ବିଜ୍ଞାନର ଆଭିମୁଖ୍ୟରେ ପରିଣତ ଆଣିବା ଉଚିତ ଯାହା ଏହି ମୌଳିକତାକୁ ନଷ୍ଟ କରିବ ନାହିଁ । ଭାରତର ବେଦ ଏବଂ ଉପନିଷଦରେ ବାରମ୍ବାର ଘୋଷିତ ହେଇଛି ।

ସର୍ବେ ଭବନ୍ତୁ ସୁଖୀନଃ, ସର୍ବେ ସନ୍ତୁ ନିରାମୟ,
ସର୍ବେ ଭଦ୍ରାଣୀ ପଶ୍ୟନ୍ତୁ, ମା କଶ୍ଚିତ ଦୁଃଖ ଭାଗ୍ ଭବେତ୍ ।

ସମସ୍ତେ ସୁଖରେ ରୁହନ୍ତୁ, ସମସ୍ତେ ସୁସ୍ଥରେ ରୁହନ୍ତୁ, ସମସ୍ତେ ଭଲ ଦେଖନ୍ତୁ ଏବଂ କାହାର ଜୀବନରେ କଷ୍ଟ ବା ଦୁଃଖ ନଆସୁ ।

ଏଠାରେ ସମସ୍ତେ ଅର୍ଥ ସମଗ୍ର ବିଶ୍ୱ ସଚରାଚର । ମଣିଷ, ଜୀବଜଗତ, ପ୍ରାଣୀ ଜଗତ, ଗଛଲତା, ପାଣି ପବନ ଜଳ, ସ୍ଥଳ, ଆକାଶକୁ ନେଇ ଏହି ବିଶ୍ୱ ଜଗତ୍ ।

ଆମ ଜୀବନ ଦର୍ଶନ, ଜୀବନ ଶୈଳୀ ଏବଂ ଜୀବନର ଆଭିମୁଖ୍ୟରେ ପରିବର୍ତ୍ତନ ଆସୁ । ମଣିଷ ବ୍ୟତୀତ, ପ୍ରକୃତି ଆମ ଜୀବନ ଗଠନରେ ଏକ ପ୍ରମୁଖ ଭାଗୀଦାର । ଜଳ, ସ୍ଥଳ, ଅଗ୍ନି, ବାୟୁ, ଆକାଶ, ଜୀବଜଗତ ପ୍ରାଣୀଜଗତ ଏବଂ ଉଦ୍ଭିଦ ଜଗତ ଆମକୁ ବଂଚିବାରେ ବୃଦ୍ଧି ହେବାରେ ଏବଂ ବିକାଶରେ ଏକ ଅଙ୍ଗୀକାର ଭୂମିକା ଗ୍ରହଣ କରୁଛି । ଆମେ ସେମାନଙ୍କ ନିକଟରେ ଋଣୀ । ଆମେ ତାକୁ ପ୍ରତିଦାନ ବଦଳରେ ଦେଉଅଛେ କ'ଣ ? ଦବା ତ ଦୂରର କଥା ବରଂ ଅତ୍ୟାଚାର ସେମାନଙ୍କ ପ୍ରତି ଦିନକୁ ଦିନ ବଢ଼ିବା ଏକ ଚିରାଚରିତ ଅଭ୍ୟାସ ଆମର ହୋଇଗଲାଣି । ତେଣୁ ଆମର ସେମାନଙ୍କ ପ୍ରତି ଏକ ଗୁରୁ ଦାୟିତ୍ୱ ରହିଛି । ଏକଥା ବୁଝିଗଲେ, ଜୀବନର ଧାରା ହେଇଗଲେ ଏବଂ ଜୀବନ ଦର୍ଶନ ହୋଇଗଲେ, ପ୍ରକୃତି ଆମର ବନ୍ଧୁ ଏବଂ ଆମେ ତାଙ୍କର ବନ୍ଧୁ ହୋଇଯବା । ପୃଥିବୀ ମା ଆମର ଶାନ୍ତ ହେଇଯିବ । ଏହି ଏକତ୍ରିକରଣ, ପରସ୍ପର ପ୍ରତି ସହାନୁଭୂତି ଏବଂ ସମ୍ବେଦନଶୀତାରୁ ପୃଥିବୀ ସ୍ୱର୍ଗରେ ପରିଣତ ହୋଇଯିବ ।

ଇନ୍ଦିରାଗାନ୍ଧୀ ଜନଜାତି ବିଶ୍ୱବିଦ୍ୟାଳୟ
ରାଜନୀତି ବିଜ୍ଞାନ ବିଭାଗ
ଅମର କଣ୍ଟକ, ମଧ୍ୟପ୍ରଦେଶ ।

# ଦିଗହରା ସାହିତ୍ୟ ଓ ସାହିତ୍ୟିକ

- ଡଃ. ନିରୋଦ କୁମାର ମନ୍ତ୍ରୀ

ସଂପ୍ରତି ଯୁଗଚେତନା ସୁଦୂରପ୍ରସାରୀ । ବିଜ୍ଞାନର ଜୟଯାତ୍ରା ସହ ବ୍ୟକ୍ତିର ଭାବନା ମଧ୍ୟ ତାଳ ଦେଇ ଗତିମୁଖର । ଏହା ନିଶ୍ଚିତ ସମାଜ ପାଇଁ ଶୁଭଙ୍କର । ବିଶ୍ୱ ସହ ସମାନ ହୋଇ ନ ଚାଲିଲେ ପରିଚୟ ମିଳିବ ସ୍ଥାଣୁତାର । ଏ ସମସ୍ତ ଠିକ୍ ଠାକ୍ ଥିବାବେଳେ ସାହିତ୍ୟ ସର୍ଜନା ଦିଗଟିର କଥା ବିଚାର କରିବା ନିହାତି ଆବଶ୍ୟକ । ପ୍ରକୃତ ପକ୍ଷେ ଦେଖିଲେ ସମାଜର ପ୍ରତିଛବିକୁ ନେଇ ସାହିତ୍ୟ ସୃଷ୍ଟିହେବା ଜରୁରୀ । ଯଦି ଆମେ ପୂର୍ବ ସାହିତ୍ୟଗୁଡ଼ିକୁ ଅବଲୋକନ କରିବା ତେବେ ଏ ଧାରା ଥିଲା ଅବ୍ୟାହତ । ମାଟିର ମହାକବି ସାରଳା ଦାସଙ୍କ 'ମହାଭାରତ' ଗ୍ରନ୍ଥକୁ ଅଧ୍ୟୟନ କଲେ ପଞ୍ଚଦଶ ଶତାବ୍ଦୀର ସାମାଜିକ, ସାଂସ୍କୃତିକ ଓ ରାଜନୀତିକ ଜୀବନଧାରା ସ୍ପଷ୍ଟ ବାରି ହୋଇପଡ଼େ । ଠିକ ସେହିପରି ପଞ୍ଚସଖା ସାହିତ୍ୟ ମଧ୍ୟ ତତ୍କାଳୀନ ସାମାଜିକ ଧାରାରୁ ହୋଇନାହିଁ ବିଚ୍ୟୁତ । ଏହିପରି ପ୍ରତିଟି ଯୁଗର ସାହିତ୍ୟ ସାମାଜିକ ଓ ସାଂସ୍କୃତିକ ଦୃଷ୍ଟିକୋଣରୁ ସମୃଦ୍ଧ ।

ବର୍ତ୍ତମାନ ଯୁଗର ସାହିତ୍ୟିକଙ୍କ ଲେଖନୀ ସାମାଜିକ ଚେତନାଠାରୁ ବିଚ୍ଛିନ୍ନ ହେଲାପରି ମନେ ହୁଏ । ଯଦିଓ ସମାଜ ପୂର୍ବ ଅପେକ୍ଷା ଗମନାଗମନ ଓ ଯୋଗାଯୋଗ କ୍ଷେତ୍ରରେ ଅଗ୍ରଗାମୀ ହୋଇଛି, ତଥାପି ସାହିତ୍ୟର ପୃଷ୍ଠାରେ ସମାଜର ସ୍ୱର ନ ରହିବାରୁ କାରଣ ବୁଝାପଡ଼େ ନାହିଁ । ସୂକ୍ଷ୍ମଭାବେ ବିଚାର କଲେ ପୂର୍ବସୂରୀମାନେ ନିଜ ନିଜର ପୂର୍ବଜମାନଙ୍କର ସାହିତ୍ୟକୁ ଅଧ୍ୟୟନ କରୁଥିଲେ ଏବଂ ସେମାନଙ୍କ ଲେଖିବାର କୌଶଳକୁ ଆପଣାଉଥିଲେ । କିନ୍ତୁ ବର୍ତ୍ତମାନ ଦେଖିବାକୁ ମିଳୁଛି ଅଧ୍ୟୟନଠାରୁ ଦୂରରେ ରହି ପ୍ରତିଷ୍ଠିତ ସାହିତ୍ୟିକ ହେବାର ଘୋଡ଼ା ଦୌଡ଼ରେ ସମସ୍ତେ ବ୍ୟସ୍ତ । ଯାହା ଦ୍ୱାରାକି ସାହିତ୍ୟ ସମାଜଠାରୁ ଦୂରେଇ ଯାଉଛି ।

ଦ୍ୱିତୀୟ କଥାଟି ହେଉଛି ପ୍ରତିଯୋଗୀମୂଳକ ଭାବନା । ଅବଶ୍ୟ ପ୍ରତ୍ୟେକ ବ୍ୟକ୍ତି ପ୍ରତିଯୋଗୀ ହେବା ଶୁଭଙ୍କର । କିନ୍ତୁ ପ୍ରତିଯୋଗୀ ପାଇଁ ଯେଉଁ କଞ୍ଚାମାଲର ଆବଶ୍ୟକ ଅଛି ତାହା ଗ୍ରହଣ ନକରି ତରବରିଆ ହୋଇ ସାହିତ୍ୟରୂପୀ କୋଣାର୍କ ଗଢ଼ିଲେ ତାହା ଚିରସ୍ଥାୟୀ ହେବ ତ ? ତୃତୀୟ କଥାଟି ହେଉଛି ସାମାଜିକ ଗଣମାଧ୍ୟମର ବହୁଳ ପ୍ରଚାର ଓ ପ୍ରସାର । ଏହା ମଧ୍ୟ ସମାଜ ପାଇଁ ହିତରେ କିନ୍ତୁ କେତେକ ବ୍ୟକ୍ତି ନିଜକୁ ଏହି ଗଣମାଧ୍ୟମର ଆଶ୍ରୟ ନେଇ କବି, ପ୍ରାବନ୍ଧିକ ଓ ଗାଳ୍ପିକ ହେବାର ପ୍ରୟାସରେ ବ୍ୟସ୍ତ । ଠିକ୍ ଅଛି ନିଜର ପ୍ରକାଶନକୁ ଅନ୍ୟ ନିକଟରେ ପରିଚୟ ଦେବା ଜରୁରୀ । କଥାଟି ହେଉଛି ଫେସବୁକ୍, ହ୍ୱାଟସଆପ୍, ମେସେଞ୍ଜର ପରି ସାମାଜିକ ଗଣମାଧ୍ୟମରେ ସାଙ୍ଗସାଥୀମାନଙ୍କ ଅଭିନନ୍ଦନରେ ବିଭୋର ହୋଇ ସାହିତ୍ୟର ମୌଳିକ ଦିଗକୁ ଭୁଲିଯିବା ସଂପୂର୍ଣ୍ଣ ନିରର୍ଥକ । ଏହା ଦ୍ୱାରା ଭାଷା ଓ ସାହିତ୍ୟ କିମ୍ଭୁତକିମାକାର ରୂପ ନେବା ହିଁ ସାର ହେବ । ବାସ୍ତବ କଥାଟି ହେଉଛି ପାଣିଟାଙ୍କି ଫୁଲ୍ ଥିଲେ ଟ୍ୟାପରୁ ପାଣି ବାହାରିଥାଏ । ଟାଙ୍କି ଯଦି ଖାଲି ଅର୍ଥାତ୍ ଅଧ୍ୟୟନରୁ ପ୍ରାପ୍ତ ଜ୍ଞାନ ଯଦି ଖାଲି ତେବେ ଟ୍ୟାପ୍ ରୂପୀ ଲେଖନୀ ମୁନରୁ ଶବ୍ଦରୂପୀ ଜଳ କିପରି ବାହାରିବ ? ଏଥିପ୍ରତି ସାହିତ୍ୟିକମାନେ ଦୃଷ୍ଟିଦେବା ନିହାତି ଆବଶ୍ୟକ ।

ଗୋଲାପ ଫୁଲର ସୌନ୍ଦର୍ଯ୍ୟ ସମସ୍ତଙ୍କୁ ବିମୋହିତ କରିଥାଏ । କିନ୍ତୁ ଏହି ବିମୋହିନୀ ଶକ୍ତି ପାଇଁ କଢ଼ରୁ କ୍ରମଶଃ ସମୟାନୁସାରେ ପାଣିପାଗକୁ ଆପଣାର କରି ସେ ବଢ଼ିଥାଏ । ବଜାରରେ ଫୁଲ ବେପାରୀ ଗୋଲାପ ଫୁଲର କଢ଼କୁ ଜବରଦସ୍ତି ପାଖୁଡ଼ା ଫିଟାଇ କୃତ୍ରିମ ଉପାୟରେ ସ୍ପ୍ରେ କରି ରଖିଲେ ତାହା ମିଳିବା କଷ୍ଟକର । ଠିକ୍ ଏହିପରି ବର୍ତ୍ତମାନ ସାହିତ୍ୟର ଅବସ୍ଥା ଏପରି ମାନସିକତା ଠାରୁ ଦୂରରେ ରହି ସାହିତ୍ୟ ସର୍ଜନା କଲେ ଯାଇ ସାହିତ୍ୟର ଗୌରବ ବଜାୟ ରହିବ ବୋଲି ଆଶା ଓ ବିଶ୍ୱାସ ।

ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ, ନୟାଗଡ଼ ।

# ଜାତିପ୍ରାଣ ଗୋପବନ୍ଧୁ

- ବିକେଶ ସାହୁ

ପରିଚୟ - ପିଲାଟି ବେଳରୁ ସାହିତ୍ୟ ପ୍ରତି ଅହେତୁକ ସ୍ନେହ । ଆଜକୁ ବିଭିନ୍ନ ପତ୍ରପତ୍ରିକାରେ ମୋର କବିତା ପ୍ରକାଶିତ ହୋଇସାରିଛି । ଅଦ୍ୟାବଧି ଟାଇମପାସ ପ୍ରକାଶନ ତରଫରୁ 'ଉଦୟରାଗ ସମ୍ମାନ-୨୦୧୯', ସୃଜନଝରେ କେନ୍ଦୁଝର ତରଫରୁ 'ଗୀତିଝର ସମ୍ମାନ - ୨୦୧୯, ସମ୍ବାଦ ତରଫରୁ 'ଏଇ ମାସର ଲେଖକ' ଆଦି ବହୁ ପୁରସ୍କାର ଓ ସମ୍ମାନରେ ସମ୍ମାନୀତ । ସମ୍ପ୍ରତି ମୁଁ ରେଭେନ୍ସା ବିଶ୍ୱ ବିଦ୍ୟାଳୟ, କଟକରେ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଛାତ୍ର ଭାବେ ଅଧ୍ୟୟନରତ ।

"ବାଁନାଂ ଭାରତ ଶ୍ରେଷ୍ଠ, ଦେଶାନଂ ଉତ୍କଳ ଶୃତ
ଉତ୍କଳସ୍ୟସମେଦେଶ, ଦେଶ ନାସ୍ତି ମହୀତଳେ ।"

ଉତ୍କଳ ଜନନୀ ସହାରଧା । ଯାହାର ବୀରତ୍ୱ, ସଂସ୍କୃତି, ପରମ୍ପରା, ଐତିହ୍ୟ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ । ଯାହାର ଗୁଣ କୀର୍ତ୍ତନରେ କୋଣାର୍କ, ଲିଙ୍ଗରାଜ, ଧଉଳିଗିରି, ଲଳିତଗିରି ଆଦି କେତେ ଯେ ମନ୍ଦିର, ଦୁର୍ଗ, ସ୍ଥାପତ୍ୟ ଅଦ୍ୟାପି ଶତମୁଖ । ଯାହା କୋଳରେ ଅନେକ ମହାମନିଷୀ ଜନ୍ମ ନେଇ ଏ ମାଟିର ଗୌରବକୁ ମହିମାମଣ୍ଡିତ କରିଯାଇଛନ୍ତି । ସେହି ମହାମନିଷୀ ମାନଙ୍କ ମଧ୍ୟରେ ଉତ୍କଳମଣି ଗୋପବନ୍ଧୁ ଦାସ ଅନ୍ୟତମ । ଯିଏ ଆଜି ମରି ମଧ୍ୟ ଏ ମାଟି, ଏ ପାଣି, ଏ ପୁଣ୍ୟଧାମର ରେଣୁ ରେଣୁରେ ଜୀବିତ ଅଛନ୍ତି । ସେ କହିଥିବା ପ୍ରତ୍ୟେକଟି ବାଣୀ ଆଜି ମଧ୍ୟ ପ୍ରତିଟି ଓଡ଼ିଆଙ୍କ ହୃଦୟରେ ନିନାଦିତ ହେଉଛି ।

ଜାତୀୟ ଜୀବନର ସୁରକ୍ଷା ନିମିତ୍ତ ନିଜକୁ ସବୁବେଳେ ଉତ୍ସର୍ଗ କରି ସେ ଅନେକ ଥର କାରାବରଣ କରିଛନ୍ତି । ଜାତୀୟତା ରୂପକ ସରଳ ଶିଶୁଟିକୁ ଓଡ଼ିଶାର ନିର୍ଦ୍ଦିଷ୍ଟ ଭୂଖଣ୍ଡ ମଧ୍ୟରେ ସୀମାବଦ୍ଧ ନ ରଖି ସମଗ୍ର ଭାରତର ବିସ୍ତୀର୍ଣ୍ଣ ଭୂମିରେ ସମ୍ପ୍ରସାରିତ କରିବାରେ ନିଜକୁ ସଦାସର୍ବଦା ନିୟୋଜିତ କରିଥିଲେ । ତାଙ୍କ ମତରେ ସ୍ୱାଧୀନତା ହେଉଛି ମଣିଷର ଜନ୍ମଗତ ଅଧିକାର ସେଥିପାଇଁ ୧୯୨୧ ମସିହାରେ ଗାନ୍ଧିଜୀଙ୍କ ନେତୃତ୍ୱରେ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇ ବନ୍ଦୀ ମଧ୍ୟ ହୋଇଥିଲେ । କିନ୍ତୁ ଜନତାର ହୃଦୟରେ ସେ ଭରିଦେଲେ ସ୍ୱାଧୀନତାର ମନ୍ତ୍ର । ତାଙ୍କ ଭାଷାରେ -

ସ୍ୱାଧୀନତା ମାନବର ଜନ୍ମଗତ ଅଧିକାର
ସ୍ୱାଧୀନ ଭାଷଣ ଆଉ ସ୍ୱାଧୀନ ବିହାର
ସ୍ୱାଧୀନ ଜୀବନ ପୁଣି ସ୍ୱାଧୀନ ସମିତି
ଚାରି ସ୍ତମ୍ଭେ ମାନବର ସମାଜ ସଂସ୍ଥିତି । (କାରାକବିତା)

ଗୋପବନ୍ଧୁ ଥିଲେ ଜାତୀୟତାର ଜୀବନ୍ତ ପ୍ରତିମୂର୍ତ୍ତି । ଦେଶ, ଜାତିର ସେବା ପାଇଁ ସେ କାୟମନୋବାକ୍ୟରେ ନିଜକୁ ଉତ୍ସର୍ଗ କରିଦେଇଥିଲେ । ସମଗ୍ର ଭାରତ ଆଉ ଭାରତୀୟଙ୍କୁ ସେ ନିଜର ଆତ୍ମୀୟ ବୋଲି ଭାବୁଥିଲେ । କେବଳ ଓଡ଼ିଶା କିମ୍ବା ଭାରତ ମଧ୍ୟରେ ତାଙ୍କ ଜାତୀୟତା ବୋଧ ସୀମିତ ନ ଥିଲେ, ସମଗ୍ର ବିଶ୍ୱ ମାନବକୁ ସେ ନିଜର ବୋଲି ମଣୁଥିଲେ । ତାଙ୍କ ଜୀବନର ସର୍ବାଧିକ ସମୟ କାରାବାସରେ ହିଁ ଅତିବାହିତ ହେଉଥିଲା । ତେଣୁ ସେ ଯେତେବେଳେ କାରାମୁକ୍ତ ଥିଲେ ସଦାସର୍ବଦା ସମାଜ ହିତରେ ନିଜକୁ ଉତ୍ସର୍ଗ କରିଦେଇଥିବା ବେଳେ କାରାବାସରେ ଥିବାବେଳେ ନିଜ ଲେଖନୀ ମାଧ୍ୟମରେ ପ୍ରତିଟି ଦେଶବାସୀଙ୍କ ହୃଦୟରେ ଜାତୀୟ ପ୍ରୀତିର ବୀଜ ବପନ ନିମନ୍ତେ ସଦା ଚେଷ୍ଟିତ ଥିଲେ । ଉତ୍କଳର ପାଣି, ପବନ, ବନଲତା ସହ ଏ ମାଟିର ମଣିଷମାନଙ୍କୁ ସେ ପ୍ରାଣ ଭାରି ଭଲ ପାଉଥିଲେ । ଯାହା ତାଙ୍କ କବିତାର ଗୋଟିଏ ପଂକ୍ତିରୁ ଆମେ ଅତି ସହଜରେ ଅନୁଭବ କରିପାରିବା -

ମିଶୁ ମୋର ଦେହ ଏ ଦେଶ ମାଟିରେ
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ
ସ୍ୱରାଜ୍ୟର ପଥେ ଅଛି ଯେତେଗାଡ଼
ପୁରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

ସେ ସଦା ସର୍ବଦା ଅନ୍ୟର ସେବାରେ ନିଜକୁ ନିୟୋଜିତ କରିଦେଇଥିଲେ । ଜାତି, ଧର୍ମ, ବର୍ଣ୍ଣ ଆଦିର ବିନା ବାଛ ବିଚାରରେ ସେ ସମସ୍ତଙ୍କ ସେବା କରୁଥିଲେ । ଏ ଦେଶର ପ୍ରତିଟି ମଣିଷ ତାଙ୍କ ଆତ୍ମୀୟ । ତାଙ୍କ ମତରେ ସଂକୀର୍ଣ୍ଣ ସୀମା ମଧ୍ୟରେ ପ୍ରକୃତ ଜାତୀୟତାର ପୂର୍ଣ୍ଣ ବିକାଶ ଅସମ୍ଭବ । ସେ ଯେଉଁ ଜାତିର ହୁଅନ୍ତୁ, ପ୍ରଥମେ ସେ ମନୁଷ୍ୟ ହେଉଛି ଈଶ୍ୱରଙ୍କ ସନ୍ତାନ । ଯାହା ତାଙ୍କ ବିଶ୍ୱ ଭ୍ରାତୃତ୍ୱ ପ୍ରୀତିର ପରିଚୟ ପ୍ରଦାନ କରିଥାଏ । ସେ ସର୍ବଦା ଏକତାରେ ବିଶ୍ୱାସ ରଖୁଥିଲେ । ଜଣକର ବିକାଶରେ କଦାପି ଜାତୀୟତାର ବିକାଶ ସମ୍ଭବ ହୋଇନପାରେ । ତେଣୁ ସମସ୍ତଙ୍କ ଏକତା ଏବଂ ସହଯୋଗୀତା ହିଁ ଗୋଟିଏ ସମାଜ ବା ଗୋଷ୍ଠୀକୁ ଶିଖରରେ ପହଂଚିବା ପାଇଁ ବିଶେଷ ଭାବରେ ଗାଇ ଉଠିଥିଲେ -

ନିଜ ସ୍ୱାର୍ଥ ପାଇଁ ଜାତ ନୁହେଁ ହିନ୍ଦୁ
ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତ ବିନ୍ଦୁ ।

ଗୋପବନ୍ଧୁ କେବେ ନିଜକୁ ସଂକୀର୍ଣ୍ଣ ପରିବେଶ ମଧ୍ୟରେ ନିଜକୁ ସୀମାବଦ୍ଧ କରିନାହାନ୍ତି । ସବୁବେଳେ ସେ ଜାତୀୟ ଜୀବନର ବାର୍ତ୍ତା ପ୍ରଦାନ କରି ଆସିଥିଲେ । ଆଞ୍ଚଳିକତା କେବେ ମଧ୍ୟ ଜାତୀୟ ଜୀବନରେ ସଫଳତା ଆଣି ଦେଇ ପାରିବ ନାହିଁ, ବରଂ ଏହା ଗୋଟେ ଜାତି ଭିତରେ ଏକତାକୁ ବିଧ୍ୱସ୍ତ କରିଦିଏ । ତେଣୁ ସେ ସବୁବେଳେ ଜାତୀୟ ପ୍ରୀତିର ବାଣୀ ପ୍ରଚାର କରୁଥିଲେ । ସମସ୍ତଙ୍କ ହୃଦୟରେ ଜାତୀୟ ପ୍ରୀତିର ମଞ୍ଜି ବୁଣିବାରେ ଶତଚେଷ୍ଟିତ ଥିଲେ । ତେଣୁ କବି ବନ୍ଦୀର ଆତ୍ମକଥାରେ କହିଛନ୍ତି -

ଜାତୀୟ ମମତା ବିଶ୍ୱଜନ ପ୍ରୀତି
ଉତ୍କଳବାସୀର ହେଉ ଏହା ନୀତି
ନୀରବେ ନିଶ୍ଚଳେ ରହି ବନ୍ଦୀଘରେ
ମାଗେ ଏହି ଭିକ୍ଷା ପ୍ରଭୁ ଶ୍ରୀପୟରେ । (ବନ୍ଦୀର ଆତ୍ମକଥା)

ଗୋପବନ୍ଧୁଙ୍କ ଜାତୀୟତା ବଡ଼ ଅନ୍ତଃମୁଖୀ, ବହିଃମୁଖୀ ନୁହେଁ । ଯଦିଓ ତାଙ୍କ ଜାତୀୟ ଚେତନା ସମଗ୍ର ଭାରତମୁଖୀ ହୋଇଥିଲା । ତଥାପି ଉତ୍କଳ ମାଟିର କଲ୍ୟାଣ ପାଇଁ ସଦାସର୍ବଦା ବ୍ୟସ୍ତ ରୁହୁଥିଲେ । ଯାହାର ପ୍ରତିଫଳନ ଆମେ ତାଙ୍କ ସାହିତ୍ୟରେ ଅତି ସ୍ୱଷ୍ଟ ଭାବରେ ଉପଲବ୍ଧ କରିପାରିବା ।

ଅଛି ସେହି ଗିରି ଅଛି ସେ ବିପିନ
ଅଛି ତୋର ଶିଳା ସୁଦୃଢ଼ ପୁଳିନ ।
କିନ୍ତୁ କାହିଁ ଆହା ଏଷବ ସେ ବୀରତା ?
ଓଡ଼ିଆ ଜାତିର ପୂର୍ବ ଜାତୀୟତା । (ଅବକାଶଚିନ୍ତା)

ଧର୍ମ କ୍ଷେତ୍ରରେ ଗୋପବନ୍ଧୁ ଥିଲେ ଉଦାର । ବିଶ୍ୱର ପ୍ରତ୍ୟେକ ଧର୍ମ ପ୍ରତି ତାଙ୍କର ସମ୍ମାନବୋଧ ରହିଥିଲା । ମାତ୍ର ସେ ବିଶ୍ୱରେ କେବଳ ଗୋଟିଏ ଧର୍ମକୁ ସର୍ବୋଚ୍ଚ ସମ୍ମାନ ଦେଉଥିଲେ । ତାହା ହେଉଛି ମାନବଧର୍ମ । ତେଣୁ ସେ ଭାରତରେ ବାସ କରୁଥିବା ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ, ବୌଦ୍ଧ, ଜୈନ, ଶିଖ ସମସ୍ତଙ୍କୁ ଭାଇ ବୋଲି ମାନୁଥିଲେ । କାହିଁକି ନା ଆମେ ସମସ୍ତେ ହେଉଛୁ ଭାରତ ଜନନୀର ସନ୍ତାନ । ତେଣୁ ସେ କହି ଉଠିଥିଲେ -

ହିନ୍ଦୁ, ମୁସଲମାନ, ବୌଦ୍ଧ, ଖ୍ରୀଷ୍ଟିଆନ
ଶିଖ, ଜୈନ ଯେତେ ଭାରତ ସନ୍ତାନ ।
ଯେତେ ଧର୍ମ ଯେତେ ବର୍ଣ୍ଣ ଜାତି କୁଳ
ଭାରତ ଜନନୀ ସମସ୍ତଙ୍କ ମୂଳ ।

ଭାରତରେ ବାସ କରୁଥିବା ପ୍ରତ୍ୟେକ ଧର୍ମାବଲମ୍ବୀଙ୍କୁ ନିଜର ଭାଇର ଆସନ ପ୍ରଦାନ କରିଥିଲେ । ଯାହା ତାଙ୍କ ମହନୀୟ ଜାତୀୟ ପ୍ରୀତିର ଏକ ଅନନ୍ୟ ନିଦର୍ଶନ । ଅନ୍ୟ ପକ୍ଷରେ ଗୋପବନ୍ଧୁ କେବଳ ଜାତୀୟ ପ୍ରୀତି ଓ ମାନବ ପ୍ରୀତିରେ ଉଦବୁଦ୍ଧ ନ ଥିଲେ । ତା ବାହାରେ ମଧ୍ୟ ସେ ଏ ଜାତିର ମଉଡ଼ମଣିଙ୍କୁ ଭୁଲି ନାହାନ୍ତି । ନିଜକୁ ସେ ଜଗତର ନାଥ ଜଗନ୍ନାଥଙ୍କୁ ପାଦପଙ୍କଜରେ ସମର୍ପଣ କରିବା ସହ ଜୀବନ ଓ ମୃତ୍ୟୁରେ ସେ ହିଁ ତାଙ୍କର ଏକମାତ୍ର ଅବଲମ୍ବନ ବୋଲି ସ୍ୱୀକାର କରିଛନ୍ତି ।

"ପ୍ରଭୁ ଜଗନ୍ନାଥ ପତିତପାବନ
ଜୀବନେ ମରଣେ ତୁମେ ମୋ ଶରଣ"

ଗୋପବନ୍ଧୁ କେବଳ ଉତ୍କଳବନ୍ଧୁ ନଥିଲେ, ସେ ଥିଲେ ସମଗ୍ର ବିଶ୍ୱର ବନ୍ଧୁ, ଏ ଦେଶର ବନ୍ଧୁ । ସବୁ ସଂକୀର୍ଣ୍ଣତାରୁ ନିବୃତ ରହି ସଦାସର୍ବଦା ସେ ବିଶ୍ୱ ଭାତୃତ୍ୱର ମୁକ୍ତ ରାଗେଣି ଗାଇ ଉଠିଛନ୍ତି । ତାଙ୍କ ସାହିତ୍ୟ ଦେଶ, ଜାତି, ବିଶ୍ୱ ଭାବନା, ମାନବ ସେବାର ମହନତାରେ ପୂର୍ଣ୍ଣଗର୍ଭା । ଯାହା ସିଦ୍ଧ କରେ ତାଙ୍କ ମହନୀୟ ବ୍ୟକ୍ତିତ୍ୱ ଓ ଆଦର୍ଶକୁ ।

ଗୋପବନ୍ଧୁ କେବଳ ସମାଜସେବୀ ନଥିଲେ, ସେ ଥିଲେ ଜଣେ ସମାଜ ସଂସ୍କାରକ ମଧ୍ୟ । ତତ୍କାଳୀନ ସମାଜ ମଧ୍ୟରେ ଥିବା ଅନ୍ଧବିଶ୍ୱାସ, କୁସଂସ୍କାରକୁ ସେ କେବେ ମଧ୍ୟ ପ୍ରଶୟ ଦେଇ ନାହାନ୍ତି । ଆଜୀବନ ସେ ଅନ୍ଧବିଶ୍ୱାସ ଓ କୁସଂସ୍କାର ବିରୁଦ୍ଧରେ ସଂଗ୍ରାମ ରଚିଛନ୍ତି । ତାଙ୍କ ଜୀବନର ଅନ୍ୟ ଏକ ମହତ ନିଦର୍ଶନ ହେଉଛି ସତ୍ୟବାଦୀ ବନ ବିଦ୍ୟାଳୟ । ୧୯୦୯ ମସିହାରେ ସେ ଏହି ବିଦ୍ୟାଳୟ ପ୍ରତିଷ୍ଠା କରି ଏ ଜାତିର ଆଗାମୀ ପିଢ଼ି ସୃଷ୍ଟିରେ ଲାଗି ପଡ଼ିଥିଲେ । ଉପଯୁକ୍ତ ଶିକ୍ଷା ସହ ଜାତୀୟତାର ବୀଜ ବପନରେ ଏହି ବିଦ୍ୟାଳୟର ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯାହା ଦ୍ୱାରା ସମାଜରେ ଏକ ନୂତନ ଅଧ୍ୟାୟର ଆରମ୍ଭ ହୋଇଥିଲା । ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜାତୀୟତା, ସମାଜ ସଂସ୍କାର ଓ ଜନସେବା ।

ଏହା ବାଦ ଗୋପବନ୍ଧୁଙ୍କ ଦ୍ୱାରା ପ୍ରତିଷ୍ଠିତ ଏବଂ ପ୍ରକାଶିତ ସତ୍ୟବାଦୀ ୧୯୧୪ ଏବଂ ସମାଜ ୧୯୧୯ ଜନସାମଜରେ ନୂତନ ଆଲୋକର ବାର୍ତ୍ତା ପ୍ରେରଣ ପାଇଁ ଦୁଇଟି ଅମୋଘ ଅସ୍ତ୍ର ପରି କାମ କରିଥିଲା । ଯାହା ଦ୍ୱାରା ସେ ନିଜ ହୃଦୟର ସରଳ ତରଳ ବେଦନା ସବୁକୁ ଏ ଜାତିର ମଣିଷମାନଙ୍କ ପର୍ଯ୍ୟନ୍ତ ପହଞ୍ଚାଇ ପାରିଥିଲେ । ଯାହା ଉଭୟ ସମାଜ ସଂସ୍କାର ସହ ପ୍ରତ୍ୟେକଙ୍କ ମନରେ ଜାତୀୟ ଜୀବନର ମହାନତାକୁ ଅନୁଭବ କରେଇବାରେ ବିଶେଷ ରୂପେ ସହାୟକ ହୋଇଥିଲା ।

ସର୍ବୋପରି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ କେବଳ ଜଣେ କବି ନଥିଲେ, ସେ ଏକା ଧାରରେ ଜଣେ ଜାତୀୟବାଦୀ, ସମାଜ ସଂସ୍କାରକ, ସମାଜସେବୀ, ସ୍ୱାଧୀନତା ସଂଗ୍ରାମୀ ଓ ଜଣେ ଆଦର୍ଶ ଶିକ୍ଷକ । ସେ ଥିଲେ ବାସ୍ତବରେ ଉତ୍କଳ ଜନନୀର ଯୋଗ୍ୟତମ ସୂତ । ଏ ଉତ୍କଳ ପ୍ରଦେଶର ମଣି । ଯାହାଙ୍କ ମହତ କର୍ମ ପାଇଁ ଏ ଉତ୍କଳ ଜନନୀ ସଦା ଗର୍ବିତା । ତାଙ୍କ ସୀମିତ ଜୀବନ ପରିଧି ମଧ୍ୟରେ ସେ ଏ ଜାତି, ରାଷ୍ଟ୍ର, ସମାଜ ପାଇଁ ଯାହା କରିଯାଇଛନ୍ତି ବାସ୍ତବରେ ତାହା ଅବିସ୍ମରଣୀୟ । ତାଙ୍କ ବାଣୀରେ

"ମାନବ ଜୀବନ ନୁହଁଇ କେବଳ ବର୍ଷ ମାସ ଦିନ ଦଣ୍ଡ
କର୍ମେ ଜୀଇଁ ନର କର୍ମ ଏକା ତା'ର ଜୀବନର ମାନ ଦଣ୍ଡ"

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ (ଛାତ୍ର)
ରେଭେନ୍ସା ବିଶ୍ୱ ବିଦ୍ୟାଳୟ, କଟକ ।

# "ସିଏ ବି ଝିଅଟିଏ"

– ଡଃ ବସନ୍ତ କୁମାରୀ ନନ୍ଦ

ପିଲାଏ ମନଦେଇ ଶୁଣ –

କଥାରେ ଅଛି "ଯାହା ନାହିଁ ଭାରତେ ତାହା ନାହିଁ ମରତେ ।" ଅର୍ଥାତ୍ ଭାରତରେ ସବୁ କିଛି ରହିଛି । ସବୁଥିରେ ପରିପୂର୍ଣ୍ଣ । ଧନଧାନ୍ୟ, ଗୋପଲକ୍ଷ୍ମୀ କିଛିରେ ଅଭାବ ନାହିଁ । ଖଣି ଖାଦାନ, ପ୍ରାକୃତିକ ସଂପଦ, ଜ୍ଞାନବିଜ୍ଞାନ, ଶାସ୍ତ୍ର ପୁରାଣ, ସଂସ୍କୃତି, ପରମ୍ପରା ଧର୍ମ ସବୁରେ ଭରପୁର ଏହି ପୂଣ୍ୟଭୂମି ଭାରତ । ତା ମଧ୍ୟରେ ବିହାର ଏକ ରାଜ୍ୟ । ସେ ମଧ୍ୟ ନିଜ ଗାରିମାରେ ମହିମାରେ ମହିମାନ୍ୱିତ ।

ତଥାପି ଦାରିଦ୍ର୍ୟ କବଳରୁ ମୁକ୍ତିଲାଭ କରିନାହିଁ । ସୁଜଳା ସୁଫଳା ଏହି ରାଜ୍ୟ । କେଉଁଠି ଅନାହାର, କେଉଁଠି ଅନ୍ୟାଚାର, କେଉଁଠି ମୁଠାଏ ଏ ଦାନା ପାଇଁ ଆର୍ତ୍ତଚିତ୍କାର ରହି ରହି ଶୁଭୁଥାଏ ।

ସେହିପରି ଏହା ଏକ ସତ କାହାଣୀ । ଏକ ପାଠପଢ଼ା ଝିଅର । ଆମ ଓଡ଼ିଶାର ପଡୋଶୀ ରାଜ୍ୟ ବିହାର ବାସିନ୍ଦା ଝିଅଟି । ନାଁ ତାର ମୁନ୍ନାବତୀ କୁମାରୀ । ଖୁବ୍ ପ୍ରତିଭା ସମ୍ପନ୍ନ । ତୁଳସୀ ଦୁଇପତ୍ରରୁ ବାସିଲାପରି ପିଲାଦିନରୁ ତାର ସୁଗୁଣର ଆଭାସ ମିଳିଥିଲା । ବୁଦ୍ଧିମତୀ ଝିଅଟି ତାର ସୁଗୁଣ ରୂପକ ସୁବାସ ଦ୍ୱାରା ଚତୁର୍ଦ୍ଦିଗକୁ ସୁବାସିତ କରିଥିଲା । ୧୯୯୮ ମସିହାରେ ୧ମ ଶ୍ରେଣୀରେ ମାଟ୍ରିକ୍ ପାଶ୍ କଲା । ସେହି ସମୟରେ ତାର ୩ଟି ଯାକ ଭାଇଥିଲେ ବେକାର । ମା ମଧ୍ୟ କୀଡ଼ନି ରୋଗଗ୍ରସ୍ତ ଓ ଚିକିତ୍ସାଧୀନ ଥିଲେ । ଦାରିଦ୍ର୍ୟ ଥିଲା ସାଥୀ । ବାପା ଦେବୀଦୟାଲ ସାହୁଙ୍କ ମୃତ୍ୟୁ ହୁଏ ୨୦୧୨ ମସିହାରେ । ବିପଦ ଓ ଦୁଃଖ ତ ଏକୁଟିଆ ଆସେ ନାହିଁ । ତେଣୁ ମୁନ୍ନାବତୀର ଧୈର୍ଯ୍ୟକୁ ଦୋହଲାଇ ଦେବାକୁ ଏତେ ବାଧାବିଘ୍ନ ବିପଦ, ଦାରିଦ୍ର୍ୟ ସମସ୍ତେ ଯେପରି ଏକଜୁଟ ହୋଇଯାଇଥିଲେ ।

ହେଲେ ଧନ୍ୟ କହିବ ଏଇ ଝିଅଟିକୁ ଅସୀମ ଧୈର୍ଯ୍ୟ ଓ ସାହାସର ଗନ୍ତାଘର ତାର ମନ । ସୁଦୃଢ଼ ଆତ୍ମବିଶ୍ୱାସ । ଏତେ ସବୁ ପ୍ରତିକୂଳ ପରିସ୍ଥିତିରେ ତାର ଜୀବନ ନଦୀ ପ୍ରବାହିତ ହେଲେ ମଧ୍ୟ ସେ ସତସାହାସର ସଂକଳ୍ପ ନେଲା ଦିନେ ବଡ଼ ହେବ ପାଠ ପଢ଼ିବ । ନିଜ ଗୋଡ଼ରେ ଠିଆ ହେବ । ରୋଜଗାର କରିବ । ଏ ସମାଜରେ ଦେଖାଇଦେବ ସେ ଝିଅଟିଏ ହେଲେ ମଧ୍ୟ ଅସମ୍ଭବକୁ ଟାଳି ପାରିଛି । ଠିକ୍ ତାହାହିଁ ହେଲା । ମୁକ୍ତ ଲାଗିଲା । ମା'ର ରୋଗ ଚିକିତ୍ସା ଭାଇମାନଙ୍କ ପ୍ରତିପୋଷଣର ସବୁ ଦାୟିତ୍ୱ ମୁଣ୍ଡାଇଲା । ୨୦୦୬ ରୁ ୨୦୧୦ ରେ ସେ ଗ୍ରାଜୁଏସନ ସାରିଲା । ଟିଉସନ କରି ମୂଳ ଲାଗି ଆଗକୁ ପାଦ ବଢ଼ାଇଲା । ମନର ଦୃଢ଼ତା ଯୋଗୁ ଉଚ୍ଚ ଶିକ୍ଷା ଲାଗି ତାର ସ୍ୱପ୍ନକୁ ସାର୍ଥକ କରିବାକୁ ଆଗଭର ହେଲା । କଥାରେ ଅଛି –

ଦୃଢ଼ ଇଚ୍ଛା ଶକ୍ତି କଠିନ ପରିଶ୍ରମ ଓ ସତ୍‌ପଥରେ ନିୟୋଜିତ ଚିନ୍ତାଧାରା ତଥା ତଦନୁଯାୟୀ କର୍ମ ସଫଳତା ଆଣିଦିଏ । ଏଇ ଝିଅଟି ଭାଗ୍ୟରେ ତାହାହିଁ ହେଲା ।

କବିଙ୍କ ଭାଷାରେ –

ଯା ମନ ଯେପରି ତା ପାଇଁ ସେପରି ଫଳ ରଖିଥାଏ ବିଶ୍ୱ
ଉଚ୍ଚମନା ଉଚ୍ଚେ ଅମୃତ ଲଭଇ ନୀଚମନା ଲଭେ ବିଷ ।

ସାଧନାରେ ସିଦ୍ଧି ମିଳେ । ଏଇ ପାଠପଢୁଆ ଶ୍ରମଜୀବି ଝିଅଟିକୁ ଶେଷରେ ମିଳିଲା ସଫଳତା । ଘରଛାଡ଼ି ଚାଲିଆସିଲା ରାଞ୍ଚି ବିଶ୍ୱ ବିଦ୍ୟାଳୟ । ପି.ଜି. କରିବ ସଂସ୍କୃତ ଭାଷାରେ ଟିୟୁସନ କଲା । ପୁଣି ମଜଦୁରୀ କଲା । ରୋଜଗାର ଅର୍ଥରେ ସଂସ୍କୃତରେ ପି.ଜି କରି ରାଞ୍ଚି ବିଶ୍ୱବିଦ୍ୟାଳୟରେ ଟପ୍ପର ହୋଇଛି । ବର୍ତ୍ତମାନ ସେ ଟପ୍ପର ଓ ସ୍ୱର୍ଣ୍ଣ ବିଜୟିନୀ ମୁନ୍ନାବତୀ । ତାର ଲକ୍ଷ୍ୟ ସରିନାହିଁ । ପ୍ରତିଜ୍ଞା କରିଛି ସଂସ୍କୃତ ଭାଷାରେ ଏମ.ଫିଲ୍. କରିବ ଓ ଲେକ୍‌ଚର ହେବ । ତା'ର ଜୀବନ ଏକ ଚାଲେଜିଂ ସ୍ଥିତିରେ ଗତି କରୁଛି । ୨୦୧୦-୧୨ବର୍ଷ ପାଇଁ ସର୍ବମୋଟ ୧୬୦୦ ନମ୍ବରରୁ ୬୦ ପ୍ରତିଶତ ହାରରେ ୧୦୪୮ ନମ୍ବର ରଖି ଟପ୍ପର ହେବା ଜଣେ ଗରୀବ ଓ ମେଧାବୀ ଛାତ୍ରୀ ପକ୍ଷେ କମ୍ ଗୌରବର କଥା ନୁହେଁ ।

ସେ ଏ ଦେଶର ଗୃହମନ୍ତ୍ରୀଙ୍କ ହାତରୁ ଗ୍ରହଣ କରିବ ସ୍ୱର୍ଣ୍ଣପଦକ । ତାର ପରିଚୟ ଏବେ ଶ୍ରମିକ । କାମ ହେଉଛି ମଜଦୁରୀ । ଯେଉଁ କଠିନ ପରିଶ୍ରମ ଆନ୍ତରିକ ଉଦ୍ୟମ ତାକୁ ଶୀର୍ଷ ସ୍ଥାନରେ ପହଞ୍ଚାଇଛି ତାହା ପ୍ରତ୍ୟେକ ଛାତ୍ର ଜୀବନର ଧ୍ୟେୟ ଅଟେ । ପାଠ ପାଇଁ କେବଳ ଚୌକି ଟେବୁଲ, ବାରଲାଇଟ, କୋଠାଘର, ବହୁତ ବହିଖାତା, ଗାଡ଼ି ମଟର ଦରକାର ନାହିଁ । କେବଳ ସ୍ୱଚ୍ଛ ମନଟିଏ ଦରକାର ଉତ୍ତମ ଛାତ୍ରଟିଏ ପାଇଁ । ଭଲ ମଣିଷର ଉପାଦାନ ଦରକାର । ତାର ଜୀବନର ଭାଗ୍ୟ ବଦଳିବ ନିଶ୍ଚୟ । ଏହା କେବଳ ବିହାରର ଗୌରବ ନୁହେଁ, ଭାରତ ପାଇଁ ନୁହେଁ, ବରଂ ସମଗ୍ର ସମାଜ, ସମଗ୍ର ବିଶ୍ୱର, ସମଗ୍ର ମାନବ ଜାତିର ପ୍ରଗତିକୁ ପ୍ରଭାବିତ କରିବ । ସତ୍ ସାହାସ ସତ କର୍ମ ନିଷ୍ଠୟ ଶିଖରକୁ ଛୁଇଁବାରେ ସହାୟକ ହୁଏ । ତାର ଆତ୍ମବିଶ୍ୱାସ ବିଚାର ବୌଦ୍ଧିକ ପ୍ରତିଭାର ବିକାଶ ସଫଳତାର ଚମତ୍କାରିତା ପରିଣାମ ଉତ୍ପନ୍ନ କରିଛି ଯାହାଫଳରେ ସେ ମନୁଷ୍ୟ ଜୀବନକୁ ଗୌରବାନ୍ୱିତ କରି ଦାରିଦ୍ର୍ୟକୁ ଦୂରେଇ ଦେଇପାରିଛି । ତେଣୁ ନିଷ୍ଠା, କଠିନ ପରିଶ୍ରମ, ସଚ୍ଚୋଟତା ଜୀବନର ଲକ୍ଷ୍ୟ ହାସଲ କରିବାରେ କେତେ ସହାୟକ ଏହା ତାଙ୍କର ଜୀବନଧାରଣରୁ ଶିଖି ହୁଏ ।

ଜୀବନ ସଂଗୀତର ମୌଳିକ ରାଗରାଗିଣୀ କିମ୍ବା ଶାସନ ଅନୁଶାସନର ବାରଣ ବା ବନ୍ଧନକୁ ସ୍ୱାଗତ କରିବା ସେ ଶିଖିବ ତା ପାଇଁ ଜୀବନ ଜୀଇଁବା ଏକ ଆହ୍ୱାନ । ସତ୍ୟପ୍ରତି ନିଷ୍ଠା ପାଳନ, ତା ପାଇଁ ଏକ ଦୂରଗାମୀ ବାଦଲ ହୋଇପାରେନା । ଜୀବନକୁ ଡରି ଲୁଚି ସାଦାସିଧା ନିର୍ବୋଧ ମଣିଷଟିଏ ବି ନୁହେଁ ତା ଭିତରେ ଅଛି

ବୋଧଶକ୍ତି । ସଂସାରର ସୁଡଙ୍ଗ ଭିତରେ ଅଣନିଶ୍ୱାସୀ ପଥଟିଏ ବାଛି ନେଇ ଚାଲିଛି ଆଗକୁ ଆଗକୁ । ଜୀବନର ପାତ୍ର ଭରିବାକୁ କେତେ ସମୟ ବାକି, ସମୟ ହିଁ କହିବ । କିନ୍ତୁ ଲକ୍ଷ୍ୟ ତାର ସ୍ୱଚ୍ଛ ନିର୍ମଳ ଚିର ଭାସ୍କର । ପଥଭ୍ରାନ୍ତ ପଥିକର ଦିଗବାରେଣୀ । ସମ୍ମାନ, ସମ୍ବର୍ଦ୍ଧନା ପୁରସ୍କାର ଓ ଉପାୟନତା ପାଇଁ ସ୍ୱପ୍ନ । କିନ୍ତୁ ତାର ସାଧନାର ଦୃଢ଼ ମାନସିକତା ନିଶ୍ଚୟ ତାର ସ୍ୱପ୍ନକୁ ସାକାର କରିବ ତାର ମା, ଭାଇଙ୍କୁ ନେଇ ଛୋଟ ସଂସାରଟି ଦିନେନା ଦିନେ ହସି ଉଠିବ । ସେ ନିଶ୍ଚୟ ଦିନେ କର୍ମନିଯୁକ୍ତିଟିଏ ପାଇବ । ଆତ୍ମନିର୍ଭରଶୀଳ ହେବ ଓ ସମାଜରେ ତିଷ୍ଠିବ ।

କଥାରେ ଅଛି - କଠିନ ପରିଶ୍ରମ ଓ ସତ୍‌ପଥରେ ପରିଚାଳିତ ଆତ୍ମ ବିଶ୍ୱାସ ଆନ୍ତରିକ ଉଦ୍ୟମ ସଫଳତା ପାଇବାର ଚାବିକାଠି ।

ଆସନ୍ତୁ ! ଆମେ ଛାତ୍ର ସମାଜକୁ ଏ ବିଷୟରେ ସଚେତନ କରିବା ଓ ଦେଶ ଗଠନର ଦାୟିତ୍ୱ ବିଷୟରେ ଚିନ୍ତା କରିବା ।

ବନ୍ଦେ ଉତ୍କଳ ଜନନୀ ।

କାର୍ଯ୍ୟକାରୀ କମିଟି ସଭ୍ୟା
ଉତ୍କଳ ସମ୍ମିଳନୀ, କଟକ



# କରୋନା ର ଅପପ୍ରଚାର

- ମମତା ବାରିକ

ରଘୁନାଥପୁର ଏକ ଛୋଟ ଗାଁଟିଏ । ତା ପାଖରେ ଏକ ଛୋଟ ନଈ ବୋହିଯାଉଛି ଯାହାର ନାଁ ଚିରସ୍ରୋତା ନଈ । ସେହି ନଈରେ କେବେବି ପାଣି ଶୁଖେନି । ଗାଁର ସମସ୍ତ ଲୋକ ସେହି ନଈରେ ଥିବା ଏକ କାଠ ପୋଲରେ ନଈ ସେପାରିରେ ଥିବା ବଜାରକୁ ଯାଆନ୍ତି । ନିଜର ଆସବାବପତ୍ର ଦୈନନ୍ଦିନ ସାମଗ୍ରୀ କିଣିବାକୁ ଯାଆନ୍ତି ହେଲେ ସେହିଦିନ ସମୟ ବହୁତ ଖରାପ ଥିଲା ସମସ୍ତଙ୍କ ପାଇଁ । ହଠାତ ଗାଁରେ ଜଣଙ୍କର ରଡ଼ି ଶୁଭିଲା ସେହି ରଡ଼ି ଥିଲା ଏକ ନିରିହ ଅସହାୟ ମାଆର । ସମସ୍ତେ ସେଠାକୁ ଧାଁଦୌଡ଼ ହେଇ ଗଲେ । ସମସ୍ତେ କହୁଥାନ୍ତି କାଶିଆ ବୋଉର କ'ଣ ହେଲା ? ସେଠାକୁ ଯିବା ପରେ ଦେଖିଲେ କାଶିଆ ମାଆ କାନ୍ଦୁଛି ତା ଝିଅ ତାକୁ ଆଉଁସୁଛି । ଏହା ଦେଖି ତାକୁ ସମସ୍ତେ ପଚାରିଲେ କ'ଣ ହେଇଛି କାଶିଆ ମାଆର ? କାନ୍ଦୁଛ କ'ଣ ପାଇଁ ଟିକେ ଧୈର୍ଯ୍ୟ ଧର । ସେ ସମସ୍ତଙ୍କ ଆଶ୍ୱାସନା ପାଇବା ପରେ ଟିକେ କାନ୍ଦକୁ କମାଇଲା । ଚୁପ ହେଲା ତାପରେ ସମସ୍ତେ କହିଲେ କ'ଣ ହେଇଛି ?ସେ କିଛି କହି ପାରୁନଥାଏ । ତାପରେ ଝିଅ କହିଲା ମୋ ଭାଇଙ୍କୁ ଯେଉଁଠି ଚାକିରି କରିଥିଲା ସେଠିକାର ଜଣେ କର୍ମଚାରୀକୁ ହସ୍ପିଟାଲରେ ରଖା ଯାଇଥିଲା ତାଙ୍କର ପରୀକ୍ଷା ହେବା ପରେ ଜଣା ପଡ଼ିଲା କରୋନା ପଜିଟିଭ । ସେଥିପାଇଁ ତାଙ୍କ ଅଫିସର ସମସ୍ତଙ୍କୁ ହସ୍ପିଟାଲ ନେଇଛନ୍ତି । ଏହା ଶୁଣି ସମସ୍ତେ ସ୍ତମ୍ଭୀଭୂତ ହେଇଗଲେ କହିଲେ ଆଃ ଏତେ ବଡ଼ ରୋଗ ।

ଗାଁ ଲୋକଙ୍କ କଥା ଜାଣିଛ । ଟିକେ କଥାକୁ ବହୁତ କରିବେ ସଜ ମାଛରେ ପୋକ ପକାଇ ଦେବେ । ସମସ୍ତେ କହିଲେ ଏହା ଆମ ଗାଁ ପାଇଁ ଭଲ ଖବର ନୁହେଁ ? କିଏ କହିଲା ମୁଁ ନିଉଜରେ ଦେଖୁଥିଲି କାଲି ଏହି ରୋଗରେ କେହି ଭଲ ହେଉନାହାନ୍ତି । ଜଣକୁ ହେଲାମାନେ ତା ପରିବାର ହେବ । କିଏ କହିଲା ଏହି ରୋଗରେ ସିଏ କ'ଣ ବଂଚିବ ?

ଆଉ କିଏ କହିଲା ଏହି ରୋଗରେ ମେଡ଼ିକାଲରେ ରୋଗୀର ସେବା ଶୁଶ୍ରୁଷା କରନ୍ତିନି । ଯାହା ଦ୍ୱାରା ସେ ରୋଗୀ ମରିଯାଆନ୍ତି । ଡକ୍ଟର କେହି ରୋଗୀ ପାଖକୁ ଯାଆନ୍ତିନି, ଆଉ ସେମାନଙ୍କୁ ବି ଖାଇବାକୁ ଦିଅନ୍ତିନି । ତାଙ୍କୁ ଛୁଇଁଲେ କାଳେ ରୋଗ ଡେଇଁବ । ଆଉ କେହି କହିଲେ ସମସ୍ତ କରୋନା ପଜିଟିଭକୁ ନେଇ ଗୋଟିଏ କୋଠରୀରେ ରଖିଦିଅନ୍ତି ତାପରେ ସେମାନେ ଭଲ ଥିଲେ ବି ସମସ୍ତ ରୋଗୀମାନଙ୍କ ସାଂଗରେ ସେହି ରୋଗୀ ହୋଇ ମରିଯାଉଛନ୍ତି । ତମେ କ'ଣ ଦୈନନ୍ଦିନ ଖବର ପଢୁନ ଏହା ଶୁଣି କାଶିଆ ମାଆ ଆହୁରି ରଡ଼ି ଛାଡ଼ିଲା । ତା ଭିତରେ ସୁଦାମ ବୋଲି ଜଣେ ଗାଁର ଲୋକ ଥିଲେ । ଗାଁର କୁଜି ନେତା କହିଲେ ଚଳେ । ଗାଁର ଘର ଭଙ୍ଗା ନୀତି ଗୁଡ଼ିକ ସବୁ ସେହି କରେ । ସେ କହିଲା ଯାହା ହେଇଗଲାଣି ଛାଡ଼ ସେ କଥା । ଆମେ ମାନେ କେମିତି ଭଲରେ ରହିବା ସେ କଥା ଚିନ୍ତା କର । ତାଙ୍କ ପରିବାରର ଆମ ଗାଁରୁ ଆଜିଠାରୁ ଅଲଗା ହେଇଗଲା । ତା ପୁଅକୁ କରୋନା ମାନେ ଆମେ ତାଙ୍କ ଘରକୁ ଆଜି ଠାରୁ ନିଆଁ ପାଣି ବନ୍ଦ କରିଦେବା । ଏହା ଶୁଣି ଗାଁର ଲୋକମାନେ ହଁ କହିଲେ । ହେଲେ ଗାଁର ମୁଖିଆ ଚୁପ୍ ଥିଲେ ସେ କହିଲେ ମୋ ପୁଅ ବି ସହରରେ ରହୁଛି । ମୁଁ ଯଦି ତାଙ୍କୁ ଏମିତି କରିବି ତାହେଲେ ମୋ ପୁଅକୁ ଯଦି ଆଜି ହୋଇଥାନ୍ତା ନାଁ ଏମିତି ମୁଁ କରିପାରିବିନି । ଏହା ଭାବି କହିଲା ନାଁ ଏମିତି ହୋଇ ପାରିବନି । ମୁଁ କାଲି ଯାହା ନିଷ୍ପତ୍ତି ନେବି ତାହା ହେବ । ସମସ୍ତେ ନିଜ ଘରକୁ ଗଲେ । ମୁଖିଆ ସେହି କଥା ଭାବୁଥାନ୍ତି । କ'ଣ କରିବି ? ଏହା ଭାବି ଭାବି ସେ ତାଙ୍କ ପୁଅକୁ ଫୋନ କଲେ । ତାଙ୍କ ପୁଅ ଗୋଟେ ମେଡ଼ିକାଲରେ ଜଣେ ସାଧାରଣ କମ୍ପାଉଣ୍ଡର ଥିଲେ ସେ ଫୋନକୁ ଉଠାଇ କହିଲେ ହ୍ୟାଲୋ ବାପା କ'ଣ ସବୁ ଖବର ? ତମେ ମାଆ ହୁସିଆର ଚଳୁଥିବ ଘରୁ ବାହାରକୁ ବାହାରିବନି । ସରକାର ଯେଉଁ ନିୟମ ବାହାର କରିଛନ୍ତି ତାକୁ ମାନି ଚଳିବ । ଏହା ଶୁଣି ମୁଖିଆ ହଁ କହିଲେ । ତାପରେ ଧିର ସ୍ୱରରେ କହିଲେ ଶୁଣ ପୁଅ ତୁ ହସ୍ପିଟାଲରେ କାମ କରୁଛୁ ନାଁ ?

ମୁଁ ତମକୁ ଗୋଟେ କଥା ପଚାରିବି କହିବୁ ହେଲେ ତୋ କାମର ସପୋର୍ଟ ନେଇକି କହିବୁନି । ପୁଅ କହିଲା ହଁ ବାପା କୁହ ।

ବାପା କହିଲେ ସେଠି କରୋନା ରୋଗୀ ଅଛନ୍ତି ? ପୁଅ କହିଲା ହଁ ବାପା । ବହୁତ ଏବେ କରୋନା ରୋଗୀ । ତାପରେ ମୁଖିଆ ପଚାରିଲେ ସମସ୍ତେ ସୁସ୍ଥ ଅଛନ୍ତି । ସମସ୍ତଙ୍କୁ ଖାଇବା ସେବା ଯୋଗାଇ ଦିଆଯାଉଛି ତ ? ପୁଅ କହିଲା ହଁ ବାପା ସରକାର ତାଙ୍କ ପାଇଁ ମେଡ଼ିକାଲକୁ ବହୁତ ଅର୍ଥ ପ୍ରଦାନ କରୁଛି । ସେମାନେ କେମିତି ଭଲ ହେବେନି ବାପା କହିଲେ ଭଲ ହେଇଯିବେ ତ ?

ପୁଅ କହିଲା ହଁ ବାପା ସେମାନଙ୍କୁ ସବୁ ସେବା ଯୋଗାଇ ଦିଆଯାଉଛି । ସେମାନଙ୍କୁ ପରିଷ୍କାର ଗୃହରେ ଭର୍ତ୍ତି କରାଯାଉଛି । ସେମାନଙ୍କୁ ପରୀକ୍ଷା କରାଯାଉଛି ସବୁ ବେଳେ । ଏହା ଶୁଣି ମୁଖିଆ ଶାନ୍ତିରେ କହିଲେ ହେଉ ବାବା ମୁଁ ରହୁଛି ଭଗବାନ ତୋର ମଙ୍ଗଳ କରନ୍ତୁ । ତୁ ମୋ ବୋହୁ ଆଉ ନାତିଆକୁ ଆଣି ଘରେ ଛାଡ଼ିବୁ । ପୁଅ କହିଲା ହଉ ବାପା ଆପଣଙ୍କର ଯାହା ଇଚ୍ଛା ।

ତାପରଦିନ ସଭା ବସିଲା ଗାଁ ଲୋକ କାଶିଆ ମାଆ ତା ଭଉଣୀ ଉପସ୍ଥିତ ଥିଲେ । ମୁଖିଆ କହିଲେ ଶୁଣ ସମସ୍ତେ କାଶିଆ ଏବେ ଆମ ଗାଁକୁ ଆସିବନି । ସେ ହସ୍ପିଟାଲରେ ରହୁ । ପନ୍ଦରଦିନ ପରେ ନିଷ୍ପତ୍ତି ନେବି । କ'ଣ କେବେ ହେବ କାଶିଆ ମାଆ

ଭଗବାନଙ୍କୁ ଡାକୁଥାଏ । ତା ପୁଅ କେମିତି ଭଲ ହେବ । ମୁଖିଆ ତାଙ୍କୁ ସାନ୍ତ୍ୱନା ଦେଲେ କହିଲେ ଶୁଣି ମାଆ ତୋ ପୁଅ ଭଲ ହୋଇଯିବ? କରୋନା କାଳରେ ଏହି ଯେଉଁ ଅପପ୍ରଚାର ହେଉଛି ତୋ ପୁଅ ବଂଚିବନି ଏସବୁ କଥା ଭୁଲିଯା । ସେଥିପାଇଁ ଆମ ସରକାର କେତେ ପଦକ୍ଷେପ ନେଉଛନ୍ତି । ସେମାନେ କେମିତି ଭଲ ହେବେ? କରୋନା ଟିକା ବାହାରିନି ହେଲେ ତାକୁ କ'ଣ ଅଟକାଇ ଯାଇପାରିବ ନାହିଁ । ତୋ ପୁଅ ନିଶ୍ଚୟ ଭଲ ହେଇ ଫେରି ଆସିବ । ଲୋକ ତ ସେମିତି କହିବେ ଏହା ଶୁଣି କାଶିଆ ମାଆର ହୋସ୍ ପସିଲା । ଠିକ୍ ସେହି ସମୟରେ କାଶିଆର ଫୋନ୍ ଆସିଲା ତା ଭଉଣୀ କଥା ହେଲା ଦେଖିଲା ବେଳକୁ କାଶିଆ କରୋନା ନେଗେଟିଭ୍ ବାହାରିଛି । ସେ ଘରକୁ ଫେରି ଆସିବ । ଏହା ଶୁଣି କାଶିଆ ମାଆର ଖୁସି ନ କହିଲେ ସରେ । ପୁଅ ପାଇ ସବୁ ପ୍ରକାରର ରୋଷେଇ କରିବ ବୋଲି ପୁଅକୁ କହିଲା ପୁଅ ତୁ ଶିଘ୍ର ସେ ସହରରୁ ଘରକୁ ଫେରି ଆସିଲୁ ତା ପରେ ଗାଁର ସମସ୍ତେ ନିଜ ଘରକୁ ଫେରିଲେ ।

ବାରବାଟୀ ଗ୍ରାମ, ବାମଦେବପୁର, ଯାଜପୁର ।

VOICE FOR VOICELESS SOCIETY ODISHA
Regd. No. : 23717/65
VOICE FOR VOICELESS
INDIVIDUAL PARTICIPATION IN SOCIAL SERVICE
Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.pracheevoice.in
Whatsapp No. :
+91 88957 07011
Follow us :
ଗଛ ଲଗାନ୍ତୁ
ଜୀବନ ବଞ୍ଚାନ୍ତୁ

ଗଛ ଲଗାନ୍ତୁ * PLANT TREE

# ଶାଶୁ ସାଜିଲା ସଉତୁଣୀ

- ସରୋଜ କୁମାର ଜେନା

ଆଜି ମିରା, ଜୀବନର ଚକ୍ରବ୍ୟୁହରେ ଫସି ଯାଇ ବହୁତ ଯନ୍ତ୍ରଣା ପାଉଛି କି କେଉଁ ପାପର ପ୍ରାୟଶ୍ଚିତ ଭୋଗୁଛି । ହଁ ମିରା ସାମନ୍ତରାୟ ଆନନ୍ଦପୁର ଗ୍ରାମର ଯଶୋବନ୍ତ ସାମନ୍ତରାୟଙ୍କ ସାନ ଝିଅ ଭାରି ଅଲିଅଳି । ଜୀବନର ପ୍ରଥମ ସୋପାନରୁ ସେ ଦୁଃଖ କ'ଣ କେବେ ଅନୁଭବ କରିନଥିଲା କିନ୍ତୁ ଆଜି ଦୁଃଖ ତା ପାଇଁ ପାଲଟିଛି ଗୋଟେ ବନ୍ଧୁ ସଦୃଶ । ଦୀର୍ଘ ଚାରିବର୍ଷ ତଳର କଥା ଅଚାନକ ଯଶୋବନ୍ତଙ୍କ ଘରକୁ ଏକ ବିବାହ ପ୍ରସ୍ତାବ ଆସିଲା ଝିଅ ମିରା ପାଇଁ । ଏହି କଥା ଶୁଣି ଯଶୋବନ୍ତ ଭାରି ଖୁସି ହୋଇଯାଇଥିଲେ । ଯାହା ହେଉ ଏଥର ଝିଅକୁ ବିବାହ କରିଦେବାର ସମୟ ଆସିଗଲା ଦେଖୁ ଦେଖୁ ସବୁ ବୁଝିଲାପରେ ପ୍ରସ୍ତାବ ଆସିଲା ହରିଡ଼ା ବାଡ଼ି ଗ୍ରାମର ସଦାଶିବ ତ୍ରିପାଠୀଙ୍କ ବଡ଼ ପୁଅ ପାଇଁ । ସଦାଶିବ ତ୍ରିପାଠୀଙ୍କ ବଡ଼ ପୁଅ ସୁଦର୍ଶନ ଦେଖିବାକୁ ବହୁତ ସୁନ୍ଦର । କର୍ମରେ ସେ ଜଣେ ଡ୍ରାଇଭର ନିଜ ଗ୍ରାମରେ ନିଜର ଗାଡ଼ି ଚଳାଇ ଗୁଜୁରାଣ ମେଣ୍ଟାନ୍ତି । ବାପା ଜଣେ ଚାଷୀ । ଧୀରେଧୀରେ କିଛିଦିନପରେ ଉଭୟ ସୁଦର୍ଶନ ଏବଂ ମିରାର ବିବାହ ହୋଇଥିଲା । ଝିଅକୁ ବିଦାୟ କଲା ଦିନ ଯଶୋବନ୍ତ ବାବୁ ସଦାଶିବ ବାବୁଙ୍କୁ କହିଥିଲେ । ମୋ ଝିଅ ତୁମକୁ ଲାଗିଲା ସେ ଭାରି ଶାନ୍ତ ସ୍ୱଭାବର କାହାରି ମନରେ କେବେ ଦୁଃଖ ଦିଏନି । ଆଉ ମୋ ଝିଅ ଆଜିଠାରୁ ତୁମ ଘରର ବୋହୂ ହୋଇ ବିଦାୟ ନେଉଛି । ଏହା କହି ସେଦିନ ଯଶୋବନ୍ତ ବାବୁ ଆଉ ତାଙ୍କ ପରିବାର ଲୋକ ଝିଅକୁ ବିଦାୟ କରିଥିଲେ ।

କିନ୍ତୁ ଏପଟେ ଆସି ଘରେ ପହଂଚିବାପରେ ପୁଅ ବୋହୂଙ୍କୁ ପାଛୋଟି ନେଲେ ବନ୍ଧାପନା କରି ସଦାଶିବଙ୍କ ସ୍ତ୍ରୀ ମଉନାବତୀ । ପୁଅ ବୋହୂଙ୍କୁ ନେଇ ଇସାଣ ଗୃହରେ ମୁଣ୍ଡିଆ ମାରି ଆଣି ବୋହୂକୁ ଘରେ ପ୍ରବେଶ କରାଇଲେ । ସେ ଦିନ ସଦାଶିବ ବାବୁ ବହୁତ ଖୁସି ହୋଇ ଯାଇଥିଲେ ଆଉ ମନେ ମନେ ଧୀରେ କାନ୍ଦି ପକେଇଲେ । ଠିକ୍ ଏହି ସମୟରେ ତାଙ୍କ ସ୍ତ୍ରୀ ଡାକ ପକାଇଲେ ଏଇ ଶୁଣୁଚ ବଜାରକୁ ଯାଅ ଟିକିଏ କିଛି ସଉଦା ନେଇଆସିବ । ଏହା ଶୁଣି ସେ ସେଠୁ ବଜାରକୁ ଗଲେ । ଏମିତି ତିନିଦିନ ବିତିଗଲା ପରେ ପୁଅ ଆଉ ବୋହୂର ବାସର ରାତି ଆସି ଉପନୀତ ହେଲା । ଘରେ ସେଦିନ ଭୋଜି ଭାତରେ ବ୍ୟସ୍ତ ମଧ୍ୟରେ କେତେବେଳେ ରାତି ହେଲା ଆଉ ଏପଟେ ଜୀବନର ମଧୁ ରାତି ବିତାଇବା ପାଇଁ ଚାହିଁ ରହିଥିଲା ସୁଦର୍ଶନ । ସବୁପରେ କିନ୍ତୁ ନିଜ ମା'କୁ ବହୁତ ଭଲପାଏ ସୁଦର୍ଶନ । ତାଙ୍କରି କଥାରେ ଉଠ କହିଲେ ଉଠ ବସ କହିଲେ ବସ । ରାତି ଗଡ଼ି ଯାଉଥାଏ ଏପଟେ ଗୃହ ମଧ୍ୟରେ ଏକାକି ପତୀଙ୍କ ବାଟକୁ ଚାହିଁ ରହିଥାଏ ମିରା । ଠିକ୍ ଏହି ସମୟରେ ହଠାତ୍ କବାଟ ଠକ୍ ଠକ୍ ହେଲା । କିନ୍ତୁ ଆଣ୍ଠୁଏ ବଳର ଓଢ଼ଣୀ ଟାଣି କବାଟ ଫିଟାଇଲା ମିରା । ଏହା ପରେ ନମ୍ର ଭାବେ ପାଦ ସ୍ପର୍ଶ କରି ନତ ମସ୍ତକ ହୋଇ ମୁଣ୍ଡିଆ ମାରିଲା ଆଉ ହାତରେ କ୍ଷୀର ଗ୍ଲାସ୍‌କୁ ଧରି ଆଣି ଦେବାକୁ ଚାହିଁଲା ବେଳକୁ ଠିକ୍ ଏହି ସମୟରେ ନିଜ ଶାଶୁ ତାରି ଓଢ଼ଣୀ ଟେକି ଦେଲେ । ଏହାପରେ ମିରା କହିଲା ବୋଉ ଆପଣ ? ଏହା ଶୁଣି ମଉନାବତୀ କହିଲେ ହଁ ମୁଁ । କିନ୍ତୁ ସେଦିନ ଯାହା ଘଟିଲା ଏହା ଆପଣମାନେ ଶୁଣିଲେ ବି ଆଚମ୍ବିତ ହୋଇଯିବେ । ନିଜ ବୋହୂକୁ ସେଦିନ ମଉନାବତୀ କହିଲେ ଶୁଣୁ ମିରା ବୋହୂ । ଆଜି ତୁମର ବାସରରାତି ସ୍ୱପ୍ନର ରାତି ପ୍ରତି ନବବିବାହିତା ପୁଅ ଆଉ ଝିଅମାନଙ୍କର ଏହା ପ୍ରଥମ ରାତି । କିନ୍ତୁ ଆଜି ମୋ ପୁଅ ସହିତ ତୋର ମିଳନ ହୋଇପାରିବ ନାହିଁ କାହିଁକି ନା ମୋ ପୁଅର ସର୍ପ ଦୋଷ ଅଛି ଏହା ତାର ଚାରି ପାଂଚ ବର୍ଷ ଯାଏ ରହିଛି । ଆଉ ଜ୍ୟୋତିଷ କହିଛନ୍ତି ଯଦିଓ ତୁମର ମିଳନ ହେବ ତାହେଲେ ମୋ ପୁଅର ଅନିଷ୍ଟ ହେବ । ଏମିତିକି ମୋ ପୁଅ ମରିଯାଇ ପାରେ । ଏହି କଥା ଶୁଣିଲା ପରେ ମିରା ହାତରୁ କ୍ଷୀର ଗ୍ଲାସଟି ଖସି ପଡ଼ିଲା ଆଉ ଆଶ୍ଚର୍ଯ୍ୟ ହୋଇଗଲା ଆଉ ଶାଶୁ ମୁହଁକୁ ଚାହିଁ ରହିଲା । ଏହା ପରେ ମିରା କହିଲା ତୁମେ ସତ କହୁଚ ବୋଉ । ଏହା ଶୁଣି ମଉନାବତୀ କହିଲେ ତୁ କ'ଣ ମୋ କଥାକୁ ବିଶ୍ୱାସ କରୁନୁ । ଏହା ଶୁଣି ମିରା କହିଲା ନା ବୋଉ ମୁଁ ବିଶ୍ୱାସ ଯାଉଛି । ଆଉ ତୁମକୁ ପ୍ରତିଶ୍ରୁତି ଦେଉଛି ମୁଁ ମୋ ସ୍ୱାମୀଙ୍କ ମଙ୍ଗଳ ପାଇଁ ଆମେ ଚାରି ବର୍ଷ ପର୍ଯ୍ୟନ୍ତ ଏକାଠି ହେବୁନି । ଏହା ଶୁଣି ମଉନାବତୀ କହିଲେ ଶୁଣୁ ବୋହୂ ଏହି କଥା କାହାକୁ କହିବୁନି ଏହା ତୋ ମୋ ବ୍ୟତୀତ ଆଉ ଯେମିତି କେହି ଜାଣିବେ ନାହିଁ । ଏହି ଚାରିବର୍ଷ ମୋ ପୁଅ ମୋ ପାଖରେ ରାତିରେ ଶୋଇବ । ଏହା ପରେ ମିରା କହିଲା ଠିକ୍ ଅଛି ବୋଉ ମୁଁ ପ୍ରତିଶୃତି ଦେଉଛି ଏହା କେହି ଜାଣିବେ ନାହିଁ । ଏହା ପରେ ସେଦିନ ମଉନାବତୀ ପୁଅକୁ ନେଇ ନିଜ ରୁମରେ ଶୋଇଗଲେ । ଏପଟେ ବାସର ରାତି ମିରା ପାଇଁ ଫିକା ପଡ଼ିଗଲା । ଶେଯରେ ରଜନୀଗନ୍ଧା ମାଳ ଶୁଖି ଯାଉଥାଏ ଆଉ ଘର ସାରା କାଚରେ ପରିପୂର୍ଣ୍ଣ ଓ ଗୋରସ ସବୁ ନିର୍ଝରିଣୀ ପରି ବୋହି ବୋହି ସିଏବି ମିରାରର ପାଦର କାଚ ଆଘାତରେ ଶୋଣିତ ନିଗିଡ଼ି ଧବଳ ବର୍ଣ୍ଣରୁ ପାଲଟିଛି ପାଦର ଅଳିତା ସଦୃଶ । ମୁଣ୍ଡରେ ହାତକୁ ଦେଇ ଚିନ୍ତାମଗ୍ନରେ ବସିଗଲା । ଏହା କ'ଣ ସତ ଠାକୁର । କଣ ମୋ ପ୍ରଥମ ସ୍ପର୍ଶରେ ମୋ ସାତ ଜନମର ସାଥି ମୋ ଠାରୁ ଦୂରେଇ ଯାଇଥାନ୍ତେ ଆଉ ମୁଁ କଳଙ୍କିତ ହୋଇଯିବି । ନାଁ ଏହା ମୁଁ କେବେ ହେବାକୁ ଦେବିନି । ଏମିତିରେ ରାତି ପାହିଗଲା ସକାଳୁ ସକାଳୁ ଘର ସଫା କରି ନିଜର ନିତ୍ୟକର୍ମ ସାରି ସକାଳୁ ସଭିଙ୍କ ଚରଣ ଛୁଇଁ ଆଶିଷ ନେଲା । ଘର ଅଗଣାରେ ନିଜର ଶଶୁର ସଦାଶିବ

ତ୍ରିପାଠୀ ବସିଥାନ୍ତି ନୂଆ ବୋହୂ ମିରା ଚା' କରି ନେଇଦେଲା ଆଉ ମୁଣ୍ଡିଆ ମାରିଲା । ଶଶୁର କହିଲେ ଆଶିଷ ଦେଇ କହିଲେ ଅହ୍ୟ ସୁଲକ୍ଷଣୀ ହୁଅ ମା । ଏହା ଶୁଣି ମିରା କହିଲା ତୁମ୍ ତୁଣ୍ଡ ସୁତୁଣ୍ଡ ହେଉ । ଏହା ପରେ ସଦାଶିବ ବାବୁ କହିଲେ ଗୋଟିଏ କଥା କହିବି ମା ଶୁଣିବୁ । ଏହା ପରେ ମିରା କହିଲା କହୁନ ବାପା ନିଶ୍ଚିତ ଶୁଣିବି । ଶୁଣ ତାହେଲେ ସଦାଶିବ ବାବୁ କହିଲେ, ଏହି ଯେଉଁ ତୋର ଶାଶୁ ଇଏ ତୋର ସାବତ ଶାଶୁ । ଏହା ଶୁଣି ମିରା କହିଲା ଏ କଣ ତୁମେ କହୁଚ ବାପା । ସେଠୁ ସଦାଶିବ କହିଲେ ହଁ ରେ ମା ମୁଁ ଠିକ୍ କହୁଛି । ଏହି ତୋ ଦିଅର ପାପୁନ ୬ ବର୍ଷର ହୋଇଥିଲା । ତୁମ ପ୍ରଥମ ସ୍ତ୍ରୀ ନିର୍ମଳା ଅନ୍ୟପାରିକୁ ଚାଲିଗଲେ ହଠାତ୍ ହୃଦଘାତ ହୋଇ । ଏମିତିରେ କିଛିଦିନ ଅପେକ୍ଷା କରି ରହିଲି ଆଉ ପିଲାଙ୍କ ଭବିଷ୍ୟତ ପାଇଁ ପୁନଶ୍ଚ ବିବାହ କଲି ସେତେବେଳକୁ ସୁଦର୍ଶନକୁ ୨୦ ବର୍ଷ ହୋଇଥାଏ ।

କିନ୍ତୁ ଏହି ମଉନାବତୀ ସେ ବି ପ୍ରଥମ ବିବାହ କରିଥିଲେ ଏହି ନିକଟସ୍ଥ ଗ୍ରାମ ଜମ୍ବେଶ୍ୱରରେ ତାଙ୍କର ସ୍ୱାମୀ ବୃକକ ରୋଗରେ ଆକ୍ରାନ୍ତ ହୋଇ ମରିଗଲେ । ପରେ ସେ ଆଉ ମୁଁ ଉଭୟ ପୁଣି ଦ୍ୱିତୀୟ ବିବାହ କଲୁ । ଜାଣି ପାରିଲ ବୋହୂମା ଏହା ପରେ ମିରା କହିଲା ଆଉ ସ୍ନେହାଲିନ୍ । ଏହା ପରେ ସଦାଶିବ କହିଲେ ସେ ଏହି ସ୍ତ୍ରୀର ଝିଅ ମାନେ ତୁମ ନଣନ୍ଦ ଇତିମଧ୍ୟରେ ଆମ ଦ୍ୱିତୀୟ ବିବାହକୁ ନଅ ବର୍ଷ ବିତିଗଲାଣି । ଆଉ ଶୁଣ ଏହା ଉପରେ ମୁଁ ପରେ କହିବି ମଉନାବତୀ ଆସିଲାଣି ତୁମେ ଯାଅ । ପରେ ସବୁ କଥା କହିବି ଦିନପରେ ଦିନ ବିତି ଚାଲିଲା । ଧୀରେଧୀରେ ମଉନାବତୀ ଅସଲ ଉଦ୍ଦେଶ୍ୟ ଦେଖେଇ ଚାଲିଲା । ଆଉ କେବେ କେବେ ମଉନାବତୀ ମାଡ଼ ଗାଳି ଆରମ୍ଭ କରି ଚାଲିଲେ ମିରା ଉପରେ ବିନା କାରଣରେ ଯୌତୁକ କଥା ଉଠେଇ ମାଡ଼ ମାରନ୍ତି ମିରାକୁ ଆଉ ଯଦିଓ ଏହି କଥାକୁ ଅବରୋଧ କରନ୍ତି ସଦାଶିବଙ୍କୁ ବି ନାନା ଗାଳି ଦେବାକୁ ପଛଉ ନଥିଲେ ମଉନାବତୀ । ଏପଟେ ପୁଅ ସୁଦର୍ଶନ ବାହାରକୁ ଗାଡ଼ିନେଇ ଗଲାବେଳେ ଏହାର ଫାଇଦା ମାରି ମିରା ଉପରେ ନିର୍ଯ୍ୟାତନା ମଉନାବତୀ ଦେଇ ଚାଲନ୍ତି ଦିନେ ପ୍ରବଳ ମାଡ଼ ଖାଇଥାଏ । ମିରାର ପ୍ରବଳ ଦେହ ଦରଜ ହୋଇ ରାତିରେ ଜ୍ୱର ଆସିଥାଏ । କିନ୍ତୁ ଏପଟେ ପୁଅ ସୁଦର୍ଶନକୁ ମତେଇ ଆହୁରି ଗାଳି ଦେଲା ସେହି ରାତିରେ ମଉନାବତୀ । ରାତି ତମାମ ଭୀଷଣ ଜ୍ୱର । ଏମିତି ତିନିଦିନ ବିତିଗଲା ଜ୍ୱର ଛାଡୁ ନଥାଏ ହଠାତ୍ ଗୋଟିଏ ଦିନ ମେଡ଼ିକାଲ ବାହାରିଲା ଯିବା ପାଇଁ କିନ୍ତୁ ଏପଟେ ମଉନାବତୀ କହିଲେ କଣ ଆଉ ଜଣକୁ ବାଧି ଯାଉଛି । ହଉ ହଉ ତୁମ କଥା ବୁଝୁଛି । ମିରା କହିଲା ନାଇଁ ବୋଉ ମୋତେ ଦୁଇତିନି ଦିନ ହେଲା ଜ୍ୱର । ମୁଁ ସେଥିପାଇଁ ମେଡ଼ିକାଲ ଯିବାକୁ ବାହାରିଛି । ମଉନାବତୀ କହିଲେ ସାଥିରେ କାହାକୁ ନେଇ ଯିବୁ କିଲୋ । ମିରା କହିଲା ଭାବୁଚି ସେ ଆସିଲେ ସାଥି ହୋଇ ଯିବୁ । ମଉନାବତୀ କହିଲେ ମୋ ପୁଅ କ'ଣ ପାଇଁ ଯିବ କି ? ମୁଁ ଯିବି ତୋ ସାଥିରେ । ସେଦିନ ବାଟରେ ଗଲାବେଳେ କହିଥିଲେ ମଉନାବତୀ ଶୁଣୁ ମିରା ବାହାରେ ଆମେ ଶାଶୁ ବୋହୂ ବୋଲି ପରିଚୟ ଦେବୁନି । ଯିଏ ପଚାରିବ କହିବୁ ଆମେ ଦୁଇ ଯାଆ । ଏହା ପରେ ମିରା କହିଲା ତୁମେ ଏମିତି କ'ଣ କହୁଚ ବୋଉ ଏ କି କଥା । ମଉନାବତୀ କହିଲେ ତୋତେ ଯେତିକି କହୁଛି ତୁ ସେତିକି କରେ । ନଚେତ ଘରେ ତୁ ଦେଖିବୁ ମୋ ବିଶ୍ୱ ରୂପ । କିନ୍ତୁ ଏପଟେ ପ୍ରକୃତ କଥା ହେଉଛି ମିରା ଏବଂ ସୁଦର୍ଶନକୁ ମିଳାମିଶା କରାଇବା ମଉନାବତୀ ଉଦ୍ଦେଶ୍ୟ ନୁହେଁ । ଏପଟେ କିଛି କିଛି ଲୋକ ମିରାକୁ କହୁଥାନ୍ତି ଆରେ ତୋ ସ୍ୱାମୀକୁ କଣ ତୋ ଶାଶୁ ଗୁଣୀ ଗାରେଡ଼ି କରି ପାଖରେ ସ୍ୱାମୀ କରି ରଖିଛି କି ? ସେ ତୋ ଶାଶୁ ନା ସଉତୁଣୀ । ବାହାରେ ମଧ୍ୟ ସବୁଠାରେ ଟାପରା ପ୍ରତିଦିନ ଶୁଣିବାକୁ ପଡୁଛି ।

ଅସଲ କଥା ଗୋଟିଏ ଦିନ ଜାଣିବାକୁ ପାଇଲା ମିରା ଦିନେ ଦେହ ଭଲ ନଥାଏ ନିଜ ସ୍ୱାମୀ ସୁଦର୍ଶନଙ୍କର ଏହି କଥା ଜାଣିପାରି ରାତିରେ ମଉନାବତୀ ଅର୍ଥାତ୍ ନିଜ ଶାଶୁ ରୁମକୁ ଗଲା ମିରା ସ୍ୱାମୀଙ୍କ ସେବା କରିବା ପାଇଁ କିନ୍ତୁ ସେଦିନ ସେଠି ଯାହା ମିରା ଦେଖିଲା ସେ ବିଶ୍ୱାସ କରି ପାରିଲା ନାହିଁ ନିଜ ଆଖିକୁ । ସମାଜର ଲୋକଙ୍କ ଠାରୁ ଯାହା ସବୁ ଶୁଣୁଥିଲା ସେ ଏହା ନିଜ ସ୍ୱଚକ୍ଷୁରେ ଦେଖିଲା ମା ପୁଅ କାମନା ଜ୍ୱାଳାରେ ଲିପ୍ତ । ଏହାକୁ ସେଦିନ ବିରୋଧ କରିବାକୁ ଯାଇ ବହୁତ ମାଡ଼ ଗାଳି ଶୁଣିବାକୁ ପଡ଼ିଥିଲା । ଏମିତିକି ମଉନାବତୀ କହିଥିଲେ ଯଦିଓ ଏହା ବାହାରେ କେଉଁଠି ପରିପ୍ରକାଶ କରିବୁ ତୋତେ ଜୀବନରୁ ମାରି ଦେବି ।

ଏହା ପରଠାରୁ ପ୍ରାୟ ପ୍ରତିଦିନ ସୁଦର୍ଶନର ଅନୁପସ୍ଥିତିର ଫାଇଦା ଉଠେଇ ସବୁବେଳେ ମିରା ଉପରକୁ ନିର୍ଯ୍ୟାତନା ଦେଇ ଚାଲିଲେ । ହଠାତ୍ ଗୋଟିଏ ଦିନ ସବୁ ଦିନ ପାଇଁ ଉଭୟଙ୍କୁ ଅଲଗା କରିବା ପାଇଁ ମଉନାବତୀ ଉପାୟ ପାଂଚି ସୁଦର୍ଶନ ଆଗରେ ମିଛ କହିଲେ ଶୁଣ ପୁଅ ତୋ ସ୍ତ୍ରୀ ତୋ ବାପାଙ୍କ ସହିତ ଖରାପ ସମ୍ପର୍କ ରଖିଛି । ଏହା ଶୁଣି ମିରା କହିଲା ତୁମେ ତାଙ୍କ କଥାରେ ବିଶ୍ୱାସ ଯାଇ ପାରୁଛ । ହଁ ବିଶ୍ୱାସ କେମିତି ଯିବିନି । ସେ ତୁମ ଗୁପ୍ତ ସ୍ତ୍ରୀ । ଯିଏ ନିଜ ସ୍ତ୍ରୀ ଥାଉ ଥାଉ ନିଜ ସାବତ ମାଆକୁ ସ୍ତ୍ରୀ ରୂପେ ଗ୍ରହଣ କରି ପାରେ ସେ କିଭଳି ସ୍ୱାମୀ ଏଥିରୁ ଆଜି ସ୍ପଷ୍ଟ ବାରି ହୋଇପଡୁଛି । ଏହା ଶୁଣି ଲାଜରେ ସୁଦର୍ଶନ ସେଠାରୁ ପଳେଇଲା । ଆଉ ରାତି ବୋଲି ମଉନାବତୀ ସବୁଦିନ ପାଇଁ ଜୀବନରୁ ମାରି ଦେବାପାଇଁ ମିରାକୁ ଚେଷ୍ଟା କଲାବେଳେ ବଳ ପୂର୍ବକ ଘର ବାହାରକୁ ଚାଲିଆସିଥିଲା ମିରା । ଏହି ଗ୍ରାମର ସାହିକୁ ମଧ୍ୟ ଦେଖିବାକୁ ପାଇଥିଲେ ମିରା ଦେହ ସାରା କିରୋସିନ ସେଦିନ ମଉନାବତୀ ଚାହିଁଥିଲା ମିରାକୁ ଜାଳି ମାରିଦେବାପାଇଁ । କିନ୍ତୁ ମିରା ରକ୍ଷା କର ରକ୍ଷା କର କହି ଆଖପାଖ ଲୋକଙ୍କୁ ଡାକିଥିଲା । ଆଉ କିଛି ଲୋକ ମିରାର ନିଜ ବାପଘରକୁ ଜଣାଇଥିଲେ ତୁରନ୍ତ ।

ଏହା ଶୁଣି ସେଦିନ ମିରା ଘରଲୋକ ସବୁଦିନ ପାଇଁ ନେଇ ଯିବାକୁ ଆସିଲେ । କିନ୍ତୁ ଦୁର୍ଭାଗ୍ୟ ସେଦିନ ସଦାଶିବ ବାବୁ ଏହା ଶୁଣି ନଥିଲେ ଏକ ଜରୁରୀ କାମରେ ବାହାରକୁ ଯାଇଥିଲେ । ଆସି ଦେଖନ୍ତି ଏସବୁ ଘଟି ଯାଇଛି । ଘର ଆଗରେ ପ୍ରବଳ ଗହଳି ସେଦିନ

ସବୁ ଦେଖି କଣ ଅବା କହିବେ । ନିଜ ସମୁଦି ଯଶୋବନ୍ତ କହିଲେ ଏମିତି ଶାଶୁ ମୁଁ ଜଗତେ ଦେଖିନି ସମୁଦି ଜାଣିଲ ତୁମେ ମୋ ଝିଅ ସହିତ ଭଲ ଖେଳ ଖେଳିଲ । ଏହା ଶୁଣି ସଦାଶିବ କହିଲେ ଯାହା କହୁଛ କୁହ ସମୁଦି ମୁଁ ସବୁ ଶୁଣିବି । ଏହା ପରେ ମିରା କହିଲା ସତ କହିବ ବାପା ତୁମ ପୁଅଙ୍କର କାଳ ସର୍ପ ଦୋଷ ଥିଲା କି ? ଏହା ଶୁଣି ସଦାଶିବ କହିଲେ ତୁ ଏ କ'ଣ କହୁଛୁ ମା ।ଏହା ପରେ ମିରା କହିଲା ହଁ ବାପା ଏହି ଭଦ୍ର ମହିଳା ଶାଶୁ ନାମରେ ଯିଏ ମୋ ସଉତୁଣୀ ସାଜିଛନ୍ତି ସେ ମୋ ବାସର ରାତିଠାରୁ ତୁମ ପୁଅକୁ ମୋ ସହିତ ମିଶେଇ ଦେଇନାହାନ୍ତି । ଏହା ଶୁଣି ସଦାଶିବ କହିଲେ ତୁମ ଏ କଣ କହୁଛ ମା । ମିରା କହିଲା ହଁ ବାପା ସେ ମୋତେ କହିଛନ୍ତି । ମୁଁ ତାଙ୍କ ସହିତ ମିଶିଲେ ସେ କୁଆଡ଼େ ମରିଯିବେ । ଏହା ଶୁଣି ସଦାଶିବ କହିଲେ ତୁମେ ଏ କଣ କଲ ମଉନାବତୀ । ତୁମେ ଶେଷରେ ମୋ ଲକ୍ଷ୍ମୀପ୍ରତିମା ଭଳି ବୋହୂକୁ ଏତେ କଷ୍ଟଦେଲ । ତୁମକୁ କଣ ବିବାହ କରିଥିଲି ଏଥିପାଇଁ । ମୋ ପୁଅକୁ ଗୁଣୀ ଗାରେଡ଼ି କରି ଆମ ସହିତ ସବୁ ଅଧିକାର କରିବା ଲୋଭରେ ତୁମେ ଯେଉଁ ସବୁ କାର୍ଯ୍ୟ କରିଛ ନା କାମନା ମୋହରେ ଅନ୍ଧ ହୋଇ ଏହି ସବୁ କରିଛ ତୁମର ଏହିପାପର ପ୍ରାୟଶ୍ଚିତ ନାହିଁ ।

ଏହାର ପରଦିନ ହରିଡ଼ା ପଡ଼ା ଗ୍ରାମରେ ସଭା ବସିଲା । ସବୁଦିନ ପାଇଁ ମିରା ଛାଡ଼ପତ୍ର ନେବାପାଇଁ ଆଲୋଚନା ହେଲା । କିନ୍ତୁ ସଭାରେ ମଧ୍ୟ ସଦାଶିବ ବାବୁ କହିଲେ ମୁଁ ଆଜି କହୁଛି ଯିଏ ସାବତ ମା' ହେଲେ ମଧ୍ୟ ନିଜ ପୁଅକୁ ସ୍ୱାମୀ ରୂପେଗୁଣୀ ଗାରେଡ଼ୀ କରି ଯିଏ କାମନା ମେଣ୍ଟାଏ ଆଉ ନିଜ ବୋହୂର ସଉତୁଣୀ ହୋଇପାରେ ସେ ଭଳି ନାରୀ ଏହି କଳି କାଳରେ ନୂତନ ଇତିହାସ କିମ୍ବା ନୂତନ ପୁରାଣ ସୃଷ୍ଟି ରଚିଗଲା । ସେଦିନ ତ୍ରେତୟାରେ କୈକେୟୀ ରାମଚନ୍ଦ୍ରଙ୍କ ନିଜ ମାଆ ନହୋଇ ମଧ୍ୟ ରାମଚନ୍ଦ୍ରଙ୍କୁ ଚଉଦବର୍ଷ ବନବାସ ପଠେଇଥିଲେ ନିଜ ପୁଅ ଭରତ ରାଜା ହେବା ପାଇଁ । କିନ୍ତୁ ସେଥିରେ ସମଗ୍ର ବ୍ରହ୍ମାଣ୍ଡର ଲାଭ ହୋଇଥିଲା ମର୍ଯ୍ୟାଦା ପୁରୁଷ ବନବାସ ଗଲେ ସୀତା ହରଣ ପରେ ରାବଣଙ୍କୁ ବଦ୍ଧ କରିଥିଲେ । ଯାହା ପାଇଁ ରାମଚନ୍ଦ୍ର ଯେତେବେଳେ ଅଯୋଦ୍ଧା ଫେରି କୈକେୟୀଙ୍କୁ ପ୍ରଣାମ କରିବାକୁ ଯାଇଥିଲେ କୈକେୟୀ ମୁହଁ ଦେଖେଇବା ପାଇଁ ରାମଚନ୍ଦ୍ରଙ୍କୁ ଚାହିଁ ନଥିଲେ କିନ୍ତୁ ରାମଚନ୍ଦ୍ର କହିଥିଲେ ନାଇଁ ମା ତୁମେ ଯଦିଓ ଏଭଳି କରି ନଥାନ୍ତ ଆଜି ବିଶ୍ୱବ୍ରହ୍ମାଣ୍ଡର ମଂଗଳ କିପରି ହୋଇଥାନ୍ତା । ଏହି କଥା ଶୁଣି ସେଦିନ କୈକେୟୀ କହିଲେ ସବୁ ଜନମରେ ତୁମ ଭଳି ପୁତ୍ର ସଭିଙ୍କୁ ପ୍ରାପ୍ତ ହେଉ । ଏପଟେ ପୁଣି କହିଲେ ସଦାଶିବ ଶୁଣ ମଉନାବତୀ ଯଦିଓ ତୁମେ ମଦର ଟେରେସା ହୋଇ ମୋ ପୁଅ ବୋହୂଙ୍କୁ ନିଜର କରିପାରିଥାନ୍ତ ତୁମକୁ ଏହି ସମାଜ ସାବତ ମାଆ ହୋଇ ମଧ୍ୟ ବାଃ ବାଃ । କହିଥାନ୍ତେ । ଆଉ ନିଜ ବୋହୂକୁ ଆପଣେଇ ପାରିଥାନ୍ତ ମୁଁ ବହୁତ ଖୁସିହୋଇଥାନ୍ତି । କିନ୍ତୁ ତୁମେ ଶେଷରେ ଶାଶୁରୁ ସାଜିଲ ସଉତୁଣୀ । ଆଉ ଲୋକ ଯାହା କହୁଥିଲେ ସେଇୟା ଠିକ୍ ଏହି ସ୍ନେହାଲିନ୍ ବୋଧେ ତୁମ ପାପ ଗର୍ଭରୁ ସୃଷ୍ଟି । ଏହା ଶୁଣି ଗାଁଲୋକେ କହିଲେ ଠିକ୍ କହିଚ ସଦାଶିବ ଏ ନାରୀ ଶାଶୁରୁ ପାଲଟିଛି ସଉତୁଣୀ । ଶେଷରେ ମିରା ଛାଡ଼ପତ୍ର ନେଇ ବିଦାୟ ହେଲା ଆଉ ମଉନାବତୀ ଗିରଫ ହୋଇ ଥାନାକୁ ଗଲା । ଆଉ ଏପଟେ ମିରା ଗଲାବେଳେ କହିଗଲା ଜୀବନର ସବୁ ସୁଖ ମୋର ମାଟିରେ ମିଶେଇ ଦେଲ ଶାଶୁ ମା ଓରଫ ମୋ ସଉତୁଣୀ । ତୁମେ ଏହି ସମାଜରେ ଶାଶୁ ନାମରେ କଳଙ୍କ । ଶୁଣିଥିଲି ଶାଶୁମାନେ ନିର୍ଯ୍ୟାତନା ଦିଅନ୍ତି ଯୌତୁକ ପାଇଁ ତୁମେ କିନ୍ତୁ ସମସ୍ତଙ୍କଠାରୁ ନିଆରା । ତୁମେ କାମାନ୍ଧ ନାରୀ ଆଉ ଯିଏ ନିଜ ବୋହୂର ସଉତୁଣୀ ହୋଇପାରେ ସେହିଭଳି ନାରୀକୁ କଣ ଏ ସମାଜ କହିବ ମୁଁ ଜାଣେନା କିନ୍ତୁ ତୁମେ ମୋ ପାଇଁ ଥିଲ ସଉତୁଣୀ । ଏଠି କିଛି ଲୋକ ମିରାକୁ କହିଲେ ତୁ ତୋ ଦିଅରକୁ ଦ୍ୱିତୀୟ ବିବାହ କରି ସଦାଶିବ ବାବୁଙ୍କ ଘରେ ତାଙ୍କ ଘରେ ବୋହୂ ହୋଇ ରହ କିନ୍ତୁ ମିରା କହିଲା ମୁଁ ଜୀବନରେ ଥରେ ବିବାହ କରିଥିଲି ସେ ମୋ ପାଇଁ ଦେବତା । ଆଜି ତାଙ୍କଠୁ ଦୂରେଇ ରହିଲେ ବି ସେ ମୋ ସ୍ୱାମୀ । କିନ୍ତୁ ଏହି ସମାଜ ଆଜି ଜାଣୁ ଏମିତି ଯୌତୁକ ନାଁରେ କେତେ ମୋ ଭଳି ମିରା ଟଳି ପଡୁଛନ୍ତି ମୃତ୍ୟୁ ଭାବେ କିମ୍ବା ଅନ୍ୟ ଯେକୌଣସି ମାଧ୍ୟମରେ ନିର୍ଯ୍ୟାତନା ପାଇ ଯାହାର ଅସଲ ପରିମାପ ଖୋଜି ପାଇବା ବହୁତ କଷ୍ଟସାଧ୍ୟ । ଏଠି କହୁନି ସମସ୍ତେ ମଉନାବତୀ ସଦୃଶ । କିନ୍ତୁ ବିଭିନ୍ନ ବାଟରେ ଏଠି ଗରିବ ଝିଅମାନେ ନିର୍ଯ୍ୟାତିତ । କ'ଣ ଏହା ଠିକ୍ ନା ଭୁଲ ଆପଣ କୁହନ୍ତୁ । କିନ୍ତୁ ଏତିକି କହିବି ଏହି ଭଳି ନାରୀଙ୍କ ଠାରୁ ଦୂରେଇ ରୁହନ୍ତୁ ଆଉ ସଚେତନ ହୁଅନ୍ତୁ ମଧ୍ୟ ।

ବାଲିଝରୀ, ନରସିଂହପୁର, କଟକ ।

# ଚା' ଏବଂ ସେ

- ଦୁଷ୍ମନ୍ତ ବେହେରା

ମଥାପୁର ଗ୍ରାମରେ ଦୁଇ ସାଙ୍ଗ ଅବିନାଶ ଓ ପ୍ରଭାତ ଛୋଟ ବେଳୁ ଗାଁରେ ବୁଲି ଗାଁ ବିଦ୍ୟାଳୟରେ ଦୁଇ ବନ୍ଧୁ ପଢୁଥିଲେ । ଦୁଃଖ ଓ ସୁଖ ନିଜ ଭିତରେ ବାଣ୍ଟନ୍ତି । ଦୁହେଁ ଦୁହିଁଙ୍କୁ ନ ଦେଖିଲେ ରହି ପାରନ୍ତି ନାହିଁ ।

ପ୍ରଭାତର ବାପା ହରିଦାସ ମହଡ଼ା ସହରରେ ସରକାରୀ ଚାକିରି କରନ୍ତି । ଛୁଟିଟିଏ ମିଳିଲେ ସହରରୁ ଗାଁକୁ ବସରେ ଚାଲି ଆସନ୍ତି । ବୟସ ବଢ଼ିବା ସାଙ୍ଗକୁ ଯିବା ଆସିବାର ବାଟରେ କଷ୍ଟ ଅନୁଭବ ହେଉଛି । ହରିଦାସ ମହଡ଼ା ସ୍ଥିର କଲେ ଆଉ ସହରରୁ ଗାଁକୁ ଯିବା ଆସିବା କରିହେବ ନାହିଁ । ହରିଦାସ ମହଡ଼ା ତାଙ୍କ ବାପାଙ୍କୁ କହିଲେ ମୁଁ ମୋ ସ୍ତ୍ରୀ ମୋ ପୁଅ ସହରକୁ ଯାଉଛୁ । ପ୍ରଭାତର ସେଠି ନାମ ଲେଖାହେବ ଏବଂ ସେ ସେଠି ପାଠ ପଢ଼ିବ ।

ଏ କଥା ଶୁଣି ପ୍ରଭାତ ଅବିନାଶର ଘରକୁ ଦୌଡ଼ିଲା ଏବଂ ଅବିନାଶକୁ ଦେଖି କହିଲା ମୋ ବାପା ମୋତେ ସହରକୁ ନେଇଯିବେ ଏବଂ ସେଠି ବିଦ୍ୟାଳୟରେ ନାମ ଲେଖିଦେବେ । ଦୁହେଁ ଦୁଇଜଣକୁ କୁଣ୍ଢାକୁଣ୍ଢି ହୋଇ ଆଖିରୁ ଲୁହ ଧାରଧାର ବୋହି ଆସିଲା । ଅବିନାଶ କହିଲା ତୁ ମତେ ଭୁଲି ଯିବୁନି ତ ସାଙ୍ଗ ପ୍ରଭାତ କହିଲା ନାହିଁ ସାଙ୍ଗ । ସାଙ୍ଗ କେବେ କ'ଣ ତା ସାଙ୍ଗକୁ ଭୁଲିପାରେ ।

ପ୍ରେମ ଯେବେ ହୃଦୟରେ ହୁଏ
ପ୍ରଥମେ ସାଙ୍ଗକୁ ଦେଖି କୁହେ
ଦୁଃଖ ଯେବେ ମନରେ ହୁଏ
ଓଠରୁ ଆପେ କଥା ବାହାରି ଯାଏ ।
ତୁମେ ମୋ ବନ୍ଧୁ ମୁଁ ତୋ ସାଙ୍ଗ
କେମିତି ଭୁଲିଯିବି ତୋ
ମନକୁ ସ୍ମୃତି କେମିତି
କାଢ଼ିବା ତୋ ଛବି ଚେହେରାକୁ ।

ମଥାପୁର ଗାଁରୁ ହରିଦାସ ମହଡ଼ା ଓ ତାଙ୍କ ସ୍ତ୍ରୀ ଏବଂ ପୁଅ ପ୍ରଭାତ ସହର ବାହାରିଲେ । ସହରରେ ପହଞ୍ଚି ପ୍ରଭାତର ନାମ ଲେଖା ହେଲା । ସେଠି ପ୍ରଭାତ ପାଠପଢ଼ି ଗୋଟିଏ କମ୍ପାନୀରେ ମ୍ୟାନେଜର ପୋଷ୍ଟ ଚାକିରି ପାଇଲେ ।

ଛବିଶ ବର୍ଷପରେ ପ୍ରଭାତର ଗାଁ କଥା ମନେ ପଡ଼ିଲା । ପ୍ରଭାତ ଗାଁକୁ ଫେରିବ ବୋଲି ମନରେ ସ୍ଥିର କଲା ଓ ସାଙ୍ଗକୁ ବହୁଦିନୁ ଦେଖିନି ବୋଲି ମନରେ ଉଙ୍କି ମାରିଲା ।

ସହରରୁ ବସରେ ଗାଁକୁ ଫେରିଲା । ବସଷ୍ଟାଣ୍ଡରେ ଓହ୍ଲାଇ ଗାଁ ଅଭିମୁଖେ ବାହାରିଲା । ଗାଁର ଲୋକେ ଦେଖି ବହୁତ ଖୁସି ହୋଇଗଲେ । ଅବିନାଶ ଘର ଅଭିମୁଖେ ବାହାରିଲେ ପ୍ରଭାତ ଗରର କବାଟ ପାଖରେ ପହଞ୍ଚି କବାଟକୁ ଠକ୍ ଠକ୍ ଶବ୍ଦ କଲେ । କିଛି ସମୟ ଅପେକ୍ଷା ପରେ କବାଟ ଖୋଲିଲା । ପ୍ରଭାତ ସ୍ତ୍ରୀ ଲୋକକୁ ଦେଖି ପଚାରିଲା ଆପଣ କିଏ ?

ମୁଁ ଅବିନାଶଙ୍କ ସ୍ତ୍ରୀ ହେଲେ ଆପଣ କିଏ ? ମୁଁ ପ୍ରଭାତ ଅବିନାଶର ସାଙ୍ଗ । ଓହଃ ସେ ତମ ବିଷୟରେ ସବୁ ବେଳେ କୁହନ୍ତି । ତୁମେ ସେଇ ପ୍ରଭାତ ? ହଉ ଘର ଭିତରକୁ ଆସ । ପ୍ରଭାତ ଚୌକିରେ ବସିଥାନ୍ତି । କିଛି ସମୟରେ ଅବିନାଶ ଆସି ପହଞ୍ଚିଲେ ଆରେ ପ୍ରଭାତ ତୁ କେତେବେଳେ? ଆରେ ଅବିନାଶ ମୁଁ ଏବେ ଆସିଛି । ଦୁହେଁ ଦୁହିଁଙ୍କର ଆଖିରୁ ଛଳଛଳ ଧାର ପରସ୍ପର ଆଲିଙ୍ଗନ ବହୁ ବର୍ଷ ପରେ ଦେଖା । ହୃଦୟର ପ୍ରେମ ସତେ ଯେମିତି କହୁଥିଲା ତୁମେ ସାଙ୍ଗ ।

ଯାଉଛିରେ ମନ ଦେଖିଛି ତତେ
ପ୍ରେମ ନୟନରେ ବାନ୍ଧିଛୁ ମତେ
ମୁଁ ଭୁଲି ଯିବି କେମିତିରେ
ଶେଷ ଠିକଣାରେ....

ଅବିନାଶ ସ୍ତ୍ରୀ ମାଳତୀକୁ କହିଲେ ଆରେ ମୋ ସାଙ୍ଗ ଆସିଛି ଏତେ ବର୍ଷ ପରେ । ଚା' କପେ ଆଣ । ମାଳତୀ ହଁ କରି ରୋଷେଇ ଘରକୁ ଚାଲିଗଲେ । ଚା' କରିବା ପାଇଁ ଚାହା ଅଛି ଚିନି ଅଛି ହେଲେ ଅମୂଳ ନାହିଁ । ମାଳତୀ ଅବିନାଶକୁ ଡାକିଲେ ଆଗୋ ଶୁଣୁଛ ଟିକେ ଏଆଡ଼େ ଆସିଲ । ଅବିନାଶ ଓ ମାଳତୀ ଫୁସୁରୁ ଫାସର କଥା ଶବ୍ଦ ଶୁଣି ଆରେ କ'ଣ କହୁଛୁ ।

ମୁଣ୍ଡ ଲାଜରେ ତଳକୁ ହୋଇଗଲା । ଅବିନାଶର ଘରକୁ ଏତେ ବର୍ଷପରେ ମୋ ବନ୍ଧୁ ଆସିଛି ହେଲେ ମୁଁ ଚା' କପେ ଦେଇ ପାରୁନାହିଁ । ଧିକ୍ ମୋ ମଣିଷ ପଣିଆକୁ ଧିକ୍ ।

ପ୍ରଭାତ ଏ କଥା ଶୁଣି ଆରେ ସାଙ୍ଗ ଆଉ ଗୋଟେ ସାଙ୍ଗର ଦୁଃଖର କଥା ଯଦି ନଜାଣି ପାରେ । ସେ ସାଙ୍ଗର ମୂଲ୍ୟ କ'ଣ ? ଆରେ ଅବିନାଶ ତୁ ମାଳତୀକୁ କହ ନାଲି ଚା କପେ ଆଣୁ । କପେ ପିଇଦେବା ।

ଆରେ ଯେଉଁଠାରେ ମନ, ହୃଦୟ, ପ୍ରେମ ଥାଏ ସେଠି ମନ ଭାଙ୍ଗି ପାରେନା ।

ଆରେ ମାଳତୀ ପ୍ରଭାତ ଆମର ଏତେ ସମୟ ହେଲା ଆସିଲାଣି ତାକୁ ଭୋକ ହେଉଥିବ । କିଛି ଖାଇବା ବ୍ୟବସ୍ଥା କର । ମାଳତୀ କହିଲା ହଉ ଗୋଟିଏ ଆସନ ପକାଇ ଭାତ ତରକାରୀ ବଢ଼ା ହେଲା ଅବିନାଶ ଡାକିଲେ ଆସ ଖାଇବୁ । ପ୍ରଭାତ କହିଲା ମୁଁ କ'ଣ ଏକୁଟିଆ ଖାଇବି ତୁ ଆସ୍ ଓ ମାଳତୀ ଏକାଠି ଖାଇବା । ମାଳତୀ ଓ ଅବିନାଶ ମୁହଁକୁ ଅନାଇ ଆଖିରେ ଇଶାରା ଦେଲେ ଅବିନାଶ ବୁଝିଗଲେ ଭାତ ହାଣ୍ଡିରେ ଆଉ ଭାତ ନାହିଁ । କେମିତି ବସି ସାଙ୍ଗରେ ଖାଇବେ । ଆରେ ପ୍ରଭାତ ତୁ ଖା ଆମେ ମାଳତୀ ମୁଁ ପରେ ଖାଇବୁ । ଆରେ ମନ ଦୁଃଖ କରନା । ତୁ ପରା ମୋ ସାଙ୍ଗ ଆସ ତୁ ମାଳତୀ ଓ ମୁଁ ଅଧେ ଅଧେ ମିଶି ଖାଇବା ।

ସାଙ୍ଗର ଦୁଃଖ ଦେଖି ପ୍ରଭାତ କହିଲା ଆରେ ଅବିନାଶ ମୁଁ ସହରରେ ବଡ଼ କମ୍ପାନୀରେ ମ୍ୟାନେଜର୍ ଚାକିରୀ କରିଛି । ତୁ ମୋ ସାଙ୍ଗରେ ଆସ ତୋ ପାଇଁ ସେଠି ଚାକିରି ଯୋଗାଡ଼ କରିଦେବି । ଆମେ ମିଳିମିଶି ହସଖୁସିରେ ରହିବା । ତୁ ପରା ମୋ ସାଙ୍ଗ ।

ରାସୋଳ, ମୁଣ୍ଡିଆପକ୍ଷି, ଢେଙ୍କାନାଳ ।

# ପାରମ୍ପରିକ ଖାଦ୍ୟପେୟ

- ମାନସ ରଞ୍ଜନ ପଟ୍ଟନାୟକ

ଏକବିଂଶ ଶତାବ୍ଦୀର ପ୍ରାରମ୍ଭରୁ ମାନବ ସମାଜ ଦ୍ରୁତଭର ଅଗ୍ରଗତି ସହ ଜୀବିକା ନିର୍ବାହ କରୁଛନ୍ତି । ଖାଦ୍ୟପେୟର ମଧ୍ୟ ଯଥେଷ୍ଟ ପରିବର୍ତ୍ତନ ଘଟିଛି । ବିଂଶ ଶତାବ୍ଦୀର ପ୍ରାରମ୍ଭ ଏବଂ ଏକବିଂଶ ଶତାବ୍ଦୀର ପ୍ରାରମ୍ଭ ଭିତରେ ଅନେକ ସାମଞ୍ଜସ୍ୟ ଦେଖାଯାଏ ପରମ୍ପାରାକୁ ନେଇ । ବର୍ତ୍ତମନ ଚଳଣୀରେ ଖାଦ୍ୟପେୟର ଅନେକ ଉନ୍ନତ ପରିଲକ୍ଷିତ ହୁଏ ଯଥା ଲୋକମାନେ ଖାଦ୍ୟପେୟକୁ ନେଇ ସଚେତନ ଅଟନ୍ତି । ଚିକିତ୍ସା ବିଜ୍ଞାନର ଉନ୍ନତି ସହ ଅତି ସହଜରେ ଅସ୍ତ୍ରପ୍ରଚାର କରି ଜଟିଳ ରୋଗକୁ ଉପସମ କରିବାରେ ବ୍ୟବସ୍ଥା ହୋଇଛି । ନିଜକୁ ସୁସ୍ଥ ରଖିବା ପାଇଁ ସନ୍ତୁଳିତ ଖାଦ୍ୟ, ବ୍ୟାୟାମ, ଯୋଗ, ପ୍ରାଣାୟାମ ଆଦି ଉପରେ ଗୁରୁତ୍ୱ ଦିଆଯାଉଛି । କିନ୍ତୁ ସନ୍ତୁଳିତ ଖାଦ୍ୟ ଅର୍ଥ କ'ଣ ? କାହାକୁ ସନ୍ତୁଳିତ ଖାଦ୍ୟପେୟ ବୋଲି କହିବା ? ଏହା ଏକ ଜଟିଳ ସମସ୍ୟା । ବର୍ତ୍ତମାନ ସମୟରେ ପାଣି ଠାରୁ ପବନ ଯାଏ ସବୁ ବିଷାକ୍ତ ତେଣୁ ବିଶୋଧନ ଦରକାର ପଡ଼େ । ଲୋକମାନେ ସହରାଭିମୁଖୀ ହେବା ଦ୍ୱାରା ଗ୍ରାମର ଲୋକସଂଖ୍ୟା ପ୍ରାୟ ସ୍ଥିର ରହେ । ଗ୍ରାମ ଗୁଡ଼ିକରେ ମଧ୍ୟ ସହରୀ ବାତାବରଣ ଧସେଇ ପଶିଛି । କମ୍ପୁଟରୀକରଣ ଦ୍ୱାରା ସବୁକିଛିର ସମାଧାନ ସହଜ ହେଲାଣି । ସବୁଠାରେ ସବୁ ସାମଗ୍ରୀ ଉପଲବ୍ଧ । ଲୋକଙ୍କୁ ଖୋଜେ ବାଟ ଯିବାକୁ ଆବଶ୍ୟକତା ନାହିଁ । ହାତ ପାହାନ୍ତାରେ ସବୁକିଛି ମିଳିପାରୁଛି ।

କୁଣିଆଟିଏ ଘରକୁ ଆସିଲେ, ଘର ପାଖରେ କୋଲଡ୍ରିଙ୍କ, ସ୍ନାକ୍ସ, ପାନ, ସିଗାରେଟ, ଗୁଟୁକା ଆଦି ନିଜ ଘର ପାଖ ଦୋକାନରେ ଉପଲବ୍ଧ । ଦୋକାନରେ ମିଳୁଥିବା ଲଘୁ ପାନୀୟ ଅପେକ୍ଷା ଲେମ୍ବୁ, ଦହିପଣା ରୁଚିକର ଏବଂ ସ୍ୱାଦିଷ୍ଟ ତାହା ମନେ ପଡୁନି । କେମିତି ବା ମନେ ରହିବ, ଆମେମାନେ ଆର୍ଥିକ ରୂପେ ଆଗ ଅପେକ୍ଷା ସ୍ୱଚ୍ଛଳ ଓ ସମୃଦ୍ଧ ଅଟୁ । ଅତିଥି ସତ୍କାର ପାଇଁ ଲାଜ ମାଡ଼ିବ ଯଦି ଆମେ ଦହି ପଣା କିମ୍ବା ଲେମ୍ବୁପାଣି ଯାଚିବା କାରଣ ସମସ୍ତଙ୍କ ମାନସିକତାରେ ଯଥେଷ୍ଟ ପରିବର୍ତ୍ତନ ଆସିଛି । ଆମେ କମ୍ ଦାମିକିୟା ପାନୀୟ ଯାଚିବା ଠିକ୍ ନୁହେଁ । ଦୈନିକ ଭୋଜନ କଥା ଯଦି ଦେଖିବା ତେବେ ଆମିଷ କ୍ଷେତ୍ରରେ ମାଛ, ମାଂସ, ଅଣ୍ଡା ଦରକାର । ନିରାମିଷ କଥା ଚିନ୍ତା କଲେ ଛତୁ, ପନିର, ପୋଟଳ କିମ୍ବା କୋବି ଦରକାର । ନହେଲେ ସେ ତରକାରୀର ମୂଲ୍ୟ କ'ଣ ? ସକାଳ ଓ ସନ୍ଧ୍ୟା ଜଳଖିଆ ହେଲେ ଦରକାର ପଡ଼େ ଚାଓମିନ୍, ରୋଲ, ସୁପ୍, ଦୋଷା, ଚାର୍ଟ ଇତ୍ୟାଦି ଫାଷ୍ଟ ଫୁଡ୍ ଖାଦ୍ୟ । ଯଦି ସେ ପ୍ରକାର ଦୋକାନ ଘର ପାଖାପାଖି ଅଞ୍ଚଳରେ ଥାଏ ବେଶ୍ ଭଲ । ଗୁପଚୁପ ବିଷୟରେ ଆଲୋଚନା ନକରିବା ଭଲ କାରଣ ସେ ଜଳଖିଆ ଏତେ ଗୁରୁତ୍ୱପୂର୍ଣ୍ଣ ଯେ ସ୍କୁଲ ଠାରୁ କଲେଜ ଓ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କର ତାହା ଉତ୍ତମ । ଆରାମଦାୟକ ଟିଫିନ୍ ରୂପେ ସର୍ବତ୍ର ଗ୍ରହଣୀୟ ହୋଇଯାଇଛି ।

ବାଇକ୍ କାର୍‌ରେ ପିଲାଛୁଆଙ୍କୁ ନେଇ କୁଆଡ଼େ ଗଲାବେଳେ ଯଦି କାହାରିକୁ ଭୋକ ଲାଗେ ଚିନ୍ତାନାହିଁ । ପ୍ରତି ଦୁଇ କିଲୋମିଟର ଦୂରତାରେ ଦହିବରା ଆଳୁଦମ ମିଳିଯିବ । ରାସ୍ତାପାର୍ଶ୍ୱରେ ବଡ଼ବଡ଼ ଆଲୁମୁନିୟମ ଡେକେଚି ସହ ପିପିଲ ଚାନ୍ଦୁଆ ଛତା ଓ ବଡ଼ ବଡ଼ ରଂଗିନ୍ ଛତା ଶୋଭାବର୍ଦ୍ଧନ କରୁଥିବ ଉକ୍ତ ଉଠା ଦୋକାନୀର । ସଂଗରେ ସ୍ତ୍ରୀ ଓ ଛୋଟଛୁଆ ଥିଲେ ସେମାନେ ଦେଖିଲାକ୍ଷଣି ଏ ପ୍ରକାର ଖାଦ୍ୟ ବିଭୋର ହୋଇଯିବେ ଭୋକ ଦୁଇଗୁଣିତ ବଢ଼ିଯିବ । ତାପରେ ଲଙ୍କାଗୁଣ୍ଡ, ବିଟଲୁଣ ମିଶାଇ ଯେତେ ଦହି ପିଇପାରିବ ସେତକ ମାଗଣା । ତେଣୁ ଦହିବରା ଆଳୁଦମ୍ ବିକାଳୀ ପାଖକୁ ଆପେ ଆପେ ପାଦ ଅଗ୍ରସର ହେବାଟା ସ୍ୱାଭାବିକ ।

ଯେହେତୁ ଭ୍ରମଣରେ ପିଲାଛୁଆଙ୍କୁ ନେଇ ଯାଇଛ ତେଣୁ ଦ୍ୱିପ୍ରହର ଖାଦ୍ୟ ପାଇଁ କିଛି ଅସୁବିଧା ନାହିଁ । ରୋଡ଼ କଡ଼ମାନଙ୍କରେ ଅସଂଖ୍ୟ ଢାବା, ହୋଟେଲ ଦୃଶ୍ୟମାନ । ଆଜକୁ ପଚାଶ ବର୍ଷ ତଳକୁ ଖସିଗଲେ ଏଇସବୁ ସୁବିଧାରେ ପ୍ରାପ୍ତ ସ୍ୱାଦିଷ୍ଟ ଖାଦ୍ୟପେୟ ଉପଲବ୍ଧ ନଥିଲା । ଯଦି ଆମେମାନେ ସେତିକି ଆର୍ଥିକ ରୂପେ ସେତେବେଶୀ ସ୍ୱଚ୍ଛଳ ହୋଇପାରିଥାନ୍ତେ କିମ୍ବା ଖାଦ୍ୟ ବେପାରୀମାନେ ଜାଣିପାରିଥାନ୍ତେ ଏଭଳି ଖାଦ୍ୟପେୟରେ ଲୋକମାନଙ୍କର ଅଭିପ୍ସା ଢ଼େର ବେଶୀ ତାହେଲେ ବୋଧହୁଏ ଏଇ ଉନ୍ନତ ଖାଦ୍ୟପେୟର ଧାରା ପୁରାତନ ଯୁଗରୁ ବଳବତ୍ତର ଥାଆନ୍ତା ।

ଆପଣ କାମ କରୁଥିବା କର୍ମକ୍ଷେତ୍ର ହେଉ କି କାର୍ଯ୍ୟାଳୟ ହେଉ ସେଇଠି ମଧ୍ୟାହ୍ନ ବିରତି ବେଳେ ଯଦି ଗପସପ ବେଳେ କେଉଁ ବନ୍ଧୁ ପଚାରେ ଆହେ ତୁମର ରୋଗ ବୈରାଗ୍ୟ ହେଲାଣି କି ନାହିଁ ? କ'ଣ ସବୁ ଖିଆପିଆ କରୁଛ ? ଉତ୍ତର ଆସିବ ଆରେ ଭାଇ ମାଛ କି ମାଂସ ଟିକେ ଥାଳି ପାଖେ ବଢ଼ା ନହେଲେ ଭାତ ଗଣ୍ଡାକ ତଣ୍ଟିରେ ଗଳୁନି ବା ! ରୋଜଗାର କରୁଛେ ଖାଇବା ପିଇବା ତେଣିକି ଦେଖିବା କ'ଣ ହେଉଛି ? ଠିକ୍ କଥା କହିଲେ ଆଜ୍ଞା । ପ୍ରଶ୍ନ ଉଠିବ କ'ଣ ଖାଇବା, କ'ଣ ନଖାଇବା । ଆଚ୍ଛା ବିଚାର କରିବା ଏଥର ପାରମ୍ପରିକ ଖାଦ୍ୟପେୟ କଥା ।

ଦୀର୍ଘବର୍ଷ ପୂର୍ବରୁ ଖାଦ୍ୟଭାସ ବିଷୟରେ ଆଲୋକପାତ କଲେ ଜଣାଯାଏ ପ୍ରତ୍ୟେକ ପରିବାର ସ୍ୱ-ରନ୍ଧା ଖାଦ୍ୟ ଖାଉଥିଲେ କଦବା କୋଚିତ ଗାଆଁରେ ଭୋଜି, ମଉସ୍ଚବ ଇତ୍ୟାଦିରେ ଭୋଜନ କରିବାର ସୁଯୋଗ ଆସେ । ବର୍ତ୍ତମାନ ଯେଉଁ ବିବାହ ଉତ୍ସବ, ଜନ୍ମୋତ୍ସବ ପାଳନ ଉପଲକ୍ଷେ ଯେଉଁ ବଫେ ଆକାରରେ ଖାଦ୍ୟ ପରସା ଯାଏ ସେତେବେଳେ ହୁଏତ ତାହା ନଥିଲା । ଭୋଜିଭାତ ବେଳେ ପାରମ୍ପରିକ ପଦ୍ଧତିରେ ରନ୍ଧା ଓ ପରସା ଯାଉଥିଲା ଖାଦ୍ୟ ତାହା ପୁଣି ମାଟି ଉପରେ ଚଟି କେରପାଲ ପକାଇ ଚକାମୁଣ୍ଡି ପକାଇ ଆମେ ମାନେ ଖାଦ୍ୟ ଗ୍ରହଣ କରୁଥିଲୁ । ଅବଶ୍ୟ ଏବେ ଚଉକିରେ ବସି କିମ୍ବା ସ୍ୱହସ୍ତରେ ଖାଦ୍ୟ ବାଢ଼ି ଠିଆଠିଆ ବିବାହ ଭୋଜିରେ

ଭକ୍ଷଣ କରାଯାଏ କାରଣ ସଭ୍ୟ ସମାଜରେ ତଳେ ଚକାମୁଣ୍ଡି ପକାଇ ପୁଣି ବସି ଖାଦ୍ୟ ଖାଇଲେ ନିଶ୍ଚିନ୍ତ ରୂପେ ଲାଜ ଲାଗିବ । ସମ୍ମାନ ହାନିହେବ । ସମାଜରେ ଅଦ୍ଭୁତ ଚିନ୍ତାଧାରା ଉଦ୍ରେକ ହୋଇଛି । ଏଥିପାଇଁ କିଏ ଦାୟୀ ପଚାରିବାଟା କେବଳ ନିରର୍ଥକ ବୋଧ ।

ନିତିଦିନିଆ ଘରୋଇ ଖାଦ୍ୟପେୟ ଉତ୍ତମ ଥିଲା ନଚେତ ରୋଗ ଓ ରୋଗୀ ସଂଖ୍ୟା ପରିସଂଖ୍ୟାନ କଲେ ବର୍ତ୍ତମାନ ଭୟଙ୍କର ରୋଗ ଓ ରୋଗୀ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି । ଏଥିରେ ଦ୍ୱିମତ ନାହିଁ । କ୍ଷେତ ଓ ବାଡ଼ିରୁ ଉତ୍ପାଦନ ପନିପରିବା ଓ ଗାଡ଼ିଆ ପୋଖରୀ ନଦୀରୁ ସଦ୍ୟ ଧରାଯାଇଥିବା ମାଛ, ଚୁନାମାଛ ଓ ରଜପର୍ବ ଓ ଦୁର୍ଗାପୂଜାବେଳେ ଛେଳି କଟାଯାଇ ଭାଗବଣ୍ଟନ ଯଥା ବିଶେଷତ୍ୱ ଶାଗଜାତୀୟ ଖାଦ୍ୟର ବହୁଳ ପ୍ରଚଳନ ଥିଲା ସେଥିପାଇଁ ବିଭିନ୍ନ ପ୍ରକାର ଶାଗ ବର୍ଷାଦିନେ ପ୍ରଚୁର ପରିମାଣରେ ଗ୍ରାମାଞ୍ଚଳରେ ଲୋକମାନେ ରାନ୍ଧି ଖାଉଥିଲେ ଯାହା ସେଠାରେ ମିଳିପାରୁଥିଲା । ଖାଦ୍ୟ ଭାସ ଥିଲା ତାହା କେବଳ ଭାତ, ଡାଲି ଓ ଏହିସବୁ ଶାଖା ଖାଦ୍ୟ ଗ୍ରହଣୀୟ ଥିଲା ।

ମୁଢ଼ି, ଉଖୁଡ଼ା, ଲିଆ, ଚାରଡ଼ଭଜା, ଚୁଡ଼ାମୁଆଁ, ଚୁଡ଼ାକଦଳି ଚକଟା, ପଖାଳଭାତ ସହ ପରିବା ସିଝା, ଶାଗଭଜା, ପରିବାପୋଡ଼ା, ବଡ଼ି ଚଟଣୀ ସହ ବେସର ରାଇ ଇତ୍ୟାଦି ଜଳଖିଆ ରୂପେ ପ୍ରଧାନ ଖାଦ୍ୟ ହୋଇ ଗ୍ରହଣୀୟ ଥିଲା । କୀଟନାଶକ ଔଷଧର ପ୍ରୟୋଗ ବୃଦ୍ଧି ଚାଷଜମିରେ ପ୍ରାୟ ନଥିଲା । ପ୍ରାକୃତିକ ଖତ ସାର ହିଁ ଏକମାତ୍ର ବିକଳ୍ପ ଥିଲା । ବର୍ତ୍ତମାନ କାହାକୁ ଘଡ଼ିଏ ଫୁରୁସତ ନାହିଁ କ'ଣ ଗୋଟେ ଚିନ୍ତା କରିବାକୁ । ଯେଉଁ ଚିନ୍ତା ଆସେ ତାହା ନକରାତ୍ମକ ହୋଇପାରେ । ସକରାତ୍ମକ ନୁହେଁ କିପରି ଆମେ ଅନ୍ୟମାନଙ୍କ ସହ ସମକକ୍ଷ ହେବୁ ତେଣୁ ଅକ୍ଳାନ୍ତ ପରିଶ୍ରମ ଆବଶ୍ୟକ । ବିନା ପରିଶ୍ରମରେ କିଏ କଣ ବେଶି ରୋଜଗାର କରିବାକୁ ସକ୍ଷମ ହେବ କି ? ତେଣୁ ଉଭୟ ପୁରୁଷ ଓ ମହିଳା ଦମ୍ପତି ମାନେ ପ୍ରାୟ କର୍ମଜୀବି । ତେଣୁ ମୁଢ଼ି ଚୁଡ଼ାଭଜା, ଆରିଶାପିଠା, ମଣ୍ଡାପିଠା, ଚକୁଳିପିଠା, ତିଆରିକରିବାକୁ କେଉଁଠୁ ସମୟ ମିଳିବ ? ଭଲ ହେବ ୨ ମିନିଟରେ ମାଗିନୁଡୁଲ ଚାଓମିନ୍ କରି କିଣା ଯାଇଥିବା ରାସାୟନିକ ଯୁକ୍ତ ସସ୍ ପକାଇ ଢ଼ୋକିଦେଇ ପାଣି ଗ୍ଲାସେ ପିଇ ଯେ ଯାହା କାର୍ଯ୍ୟକୁ ଯିବାକୁ ବାଧ୍ୟ । ସେତେବେଳେ ସମୟରେ ଅଧିକାଂଶ ନାରୀ ଘରେ ରହି ରୋଷେଇବାସ, ଗାଇଗୋରୁ, ଗୁଆଳ, କାମ ଇତ୍ୟାଦି କରି ଲୁଗାପଟା ନିଜେ ନିଜେ ଜଳରେ ସଫା କରିବା ଆଦି ଯାବତୀୟ ଗୃହକାର୍ଯ୍ୟ ସହ ଘରେ ରହିବାକୁ ପଡ଼େ । ତେଣୁ ଦ୍ୱିପ୍ରହର ଖାଦ୍ୟ ପୂର୍ବରୁ ସକାଳ ଓଳି ପଖାଳଟା ନିହାତି ଦରକାର ପଡ଼େ । ଚୁଡ଼ାଚକଟା ମୁଢ଼ିଭଜା ଇତ୍ୟାଦି ଖାଇଲେ ସେଇନାକେ ଭୋକ ଲାଗିବାଟା ସୁନିଶ୍ଚିତ କାରଣ ହାତଭଙ୍ଗା କାର୍ଯ୍ୟ ବାକି ଅଛି ଯେ ତେଣୁ ପୂର୍ବ ଦିନର ରନ୍ଧା ଭାତରେ ପାଣି ପଶି ପଢ଼ଳାଯାଇ ଘରେ ଥିବାଟା ଜରୁରୀ । ବାରିଘରର କଞ୍ଚାଲଙ୍କା, ଶାଗ, ସଜନାଛୁଇଁ, ଅମୃତଭଣ୍ଡା, କଞ୍ଚାକଦଳୀ, ପାଚିଲାକଦଳୀ ସ୍ୱପ୍ନ ସଦୃଶ ହେଲାଣି । ହବାଟା ବି ସ୍ୱଭାବିକ କାରଣ ଏତେ ପରିଶ୍ରମ କରି ତାହାକୁ ତୋଳି ଆଣି ଘରେ ରାନ୍ଧିବାଟା ଠିକ୍ କିନ୍ତୁ ସମୟ ଅଭାବ ଏତେକ ଗଛ ଲଗାଇ ତାକୁ ସୁରକ୍ଷା ଦେବା ପାଇଁ, ପୁଣି ଦ୍ରୁତ ସହରିକରଣ ଯୋଗୁ ଜାଗା ମଧ୍ୟ ଅଭାବ । କିଏ କହିବ କିଛି ବର୍ଷ ପରେ ଧାନ, ବିରି, ମୁଗ, କୋଳଥ, ହରଡ଼, ଅଭାବ ନହେବ । ଚାଷ ଜମି ଥିଲେ ତ ଲୋକେ ଚାଷକାମ ପାଇଁ ଆଗ୍ରହୀ ହେବେ । ଚାଷରେ ବି ଲାଭ କ'ଣ ? ସେତିକି ସମୟ ବାହରେ ସହରରେ ରହି ପରିଶ୍ରମ କଲେ ଦିଡବଲ ରୋଜଗାର ହେବ । ସତକଥା ଟଙ୍କା ପଇସା ନଥିଲେ କଣ ଧାନ ଚାଉଳ ବିରି, କୋଳଥ ଅମଳ କରି ପାରିବ ?

ପାରମ୍ପରିକ ଖାଦ୍ୟପେୟ ପ୍ରତି ଧ୍ୟାନ ଦିଅ । ଆଜି କାଲିକା ସଭ୍ୟତା ଦୁନିଆରେ କହିବାଟା ଏବଂ ତୁଲେଇବାଟା ଯଥାର୍ଥ ହେବନି । ଗାଆଁ ଗହଳିରୁ ବି ହାଣ୍ଡିଶାଳ ଉଠି ଗଲାଣି । ନବନିର୍ମିତ କୋଠାଘରେ କିଚେନ ଅଛି ଯେଉଁଠି କାଠଚୁଲା କରି ହେବନି । ସରକାରଙ୍କ ଗ୍ୟାସ ଯୋଗାଣ ତ ଦୁଆରେ ଦୁଆରେ ମିଳିପାରୁଛି । ମହିଳାମାନଙ୍କ ପାଇଁ ତ ରିହାତି ଅଛି । ଗରିବ ଲୋକ ହୋଇଥିଲେ ସଂପୂର୍ଣ୍ଣ ମାଗଣା । ଡେକଚି ହାଣ୍ଡି କଳା ହେବାର ପ୍ରଶ୍ନ ନାହିଁ । ଖାଲି ପାଣିକଳରେ ପିଚ୍ଛୁଳି ଦେଲେ ଧୋଇଦେଲେ ଚକଚକ । ମାଟି, ପାଉଁଶ ବୋଲି ତାକୁ ରଗଡ଼ି ରଗଡ଼ି ମାଜିବାକୁ ଯେଉଁ ବଳ ଦରକାର ତାହା ଆଧୁନିକ ଖାଦ୍ୟପଦାର୍ଥ ଖାଉଥିବା ଲୋକମାନଙ୍କ ପାଇଁ କ'ଣ ସମ୍ଭବ ? କେବେ ନୁହେଁ । ସେଥିପାଇଁ ବଳ ଦରକାର । ଟ୍ରାକ୍ଟର ନଥିଲେ କି ଲୋକ କ'ଣ ଆଉ ଚାଷଜମିରେ ହଳ କରିପାରିବେ ? ବଳଦ ଲଙ୍ଗଳଯୋଡ଼ି ଉଦୁଉଦିଆ ଖରାରେ ଏତେ ସମୟ ଜମି କର୍ଷଣ ହୋଇପାରିଥାନ୍ତା କି ବର୍ତ୍ତମାନ ଅତ୍ୟାଧୁନିକ ଯୁଗରେ ତେବେ ପ୍ରଶ୍ନ ଉଠେ ସେତେବେଳର ଲୋକମାନଙ୍କଠାରେ ଏତେ ଶକ୍ତି କେଉଁଠୁ ଆସୁଥିଲା । ସେମାନେ କି ପ୍ରକାର ଖାଦ୍ୟ ଖାଉଥିଲେ ।

ଡାଇବେଟିସ ବ୍ଲଡପ୍ରେସର ପ୍ରାୟ ନଥିଲା କହିଲେ ଚଳେ । ଏହା କିପରି ସମ୍ଭବ ଓ ରୋଗ ଏତେ କମ୍ ଥିଲା କିପରି ଲୋକମାନଙ୍କଠାରେ ? ଉତ୍ତର ହୋଇପାରେ ଯଥେଷ୍ଟ ଶ୍ରମ, ଉପଯୁକ୍ତ ପାରମ୍ପରିକ ଖାଦ୍ୟ ଯଥା ଭାତ କୋଳଥଡାଲି, ବିରିଡାଲି, ମୁଗଡାଲି, ଶାଗଭଜା, ବାରିପୋଖରୀ, ନଦୀର ମାଛ, ଘରେ ପାଳୁଥିବା ଗାଈର ସଦ୍ୟଜାତ କ୍ଷୀର, ବାରିର ଲେମ୍ବୁ, କମଳା ସରବତ, ଚୁଲି ଓ ମାଟିହାଣ୍ଡିରେ ଭଜା ଯାଇଥିବା ମୁଢ଼ି, ଚୁଡ଼ାଭଜା, ଚାଉଳପିଠା, ବିରିମଣ୍ଡା, କୋଳଥମଣ୍ଡା, ମାଣ୍ଡିଆଜାଉ ସହ ସମୂହ ଭୋଜିଭାତ ବେଳେ ସେହି ପାରମ୍ପରିକ ଭାତ, ଡାଲି, ବେସର, ମହୁର, ଖଟା, କ୍ଷୀରିର ପ୍ରଚଳନ ତା ସହ ମହିଳାମାନଙ୍କର ଘୋରଣା, ଚକି ବ୍ୟବହାର, ନିଜ ହାତରେ ଘର ଲିପାପୋଛା ଠାରୁ ଆରମ୍ଭ କରି ଶିଶୁମାନଙ୍କର ଯାବତୀୟ କାର୍ଯ୍ୟ ତାହା ଏକ ବ୍ୟାୟାମ ସଦୃଶ ନୁହେଁ କି ? କିନ୍ତୁ ଏକବିଂଶ ଶତାବ୍ଦୀରେ ଯନ୍ତ୍ରଚାଳିତ ମେସିନର ବହୁଳ ବ୍ୟବହାର ଆମକୁ ପରିଶ୍ରମଠାରୁ ଦୂରେଇ ନେଉଛି । ଯଦି ଆମେ ସମସ୍ତେ ଫାଷ୍ଟଫୁଡ଼, ଗୁପଚୁପ, ଗର୍ଟ, ବାହାର ହୋଟେଲ, ଢ଼ାବାର ଖାଦ୍ୟ ଠାରୁ ଦୂରେଇ ପୁଣି ସେହି ପୁରୁଣା ସଂସ୍କୃତିରେ ଖାଦ୍ୟ ପେୟକୁ ସାମାନ୍ୟ ମନେ ପକାଇବା ଓ ଗ୍ରହଣ କରିବାକୁ ଯତ୍ନବାନ ହେବାଟା ଉଚିତ୍ ନୁହେଁ କି ?

ସମ୍ପାଦକ, ମାଟିର ମହକ
ନିମବସନ୍ତ, ହରିରାଜପୁର, ଜଟଣୀ, ପୁରୀ ।

# ଚାରିଗୋଟି ଆମ୍ବଗଛର କାହାଣୀ

- ଶ୍ରୀ ସତ୍ୟ ନାରାୟଣ ନନ୍ଦ

ଚାରିଗୋଟି ଆମ୍ବଗଛକୁ ନେଇ ତୋଟା । କେତେ ପୁରୁଷ ଅମଳରୁ ଚାରୋଟି ଆମ୍ବଗଛ ଶାଖାପ୍ରଶାଖା ମେଲେଇ ଠିଆ ହୋଇଛନ୍ତି । ତୋଟାର ଚାରିଦିଗରେ ଚାରୋଟି ଗଛ । ପୂର୍ବଦିଗ ଗଛର ନାମ ନାକେଇ, ସେ ଆମ୍ବ ଦେହରେ ଏକ ଛୋଟ ନାକ ଭଳି ଦେଖାଯାଏ ବୋଲି ତାର ନାମ ଏମିତି । ସେମିତି ଦକ୍ଷିଣ ଦିଗର ଗଛର ନାମ ସରୁପୋହଳୀ । ଆମ୍ବ ପାଚିଲେ ତାର ରଂଗ ପୋହଳା ପଥରର ରଂଗ ପରି ଦିଶେ । ପଶ୍ଚିମ ଦିଗର ଆମ୍ବ ଗଛର ନାମ ଲଥଲଥିଆ, ଆମ୍ବ ପାଚିଲେ ମାଂସଳ ଆଉ ଲଥଲଥ ବୋଲି ପୂର୍ବପୁରୁଷରୁ ଏମିତି ନାମକରଣ । ଶେଷରେ ଉତ୍ତରଦିଗର ଆମ୍ବଗଛର ନାମ ଗୁଡ଼ପାଣିଆ, ଆମ୍ବର ରସ ଗୁଡ଼ ପାଣି ପରି ମିଠା ।

ବସନ୍ତଋତୁ ଆସିଲେ ଚାରୋଟି ଆମ୍ବଗଛ ବଉଳରେ ଭରିଯାଏ । ଦକ୍ଷିଣା ପବନରେ ଆମ୍ବ ବଉଳର ବାସ ମନକୁ ଆନ୍ଦୋଳିତ କରେ । କେତେ ଚଢ଼େଇ, ମହୁମାଛି, ପ୍ରଜାପତି ଗଛରୁ ଗଛ ଉଡ଼ି ବୁଲନ୍ତି । ଗଛ ଛାଇରେ ଚଢ଼େଇମାନେ କିଚିରିମିଚିରି ଶବଦ କରୁଥାନ୍ତି । ଗୁଣ୍ଡୁଚିମୂଷାମାନେ ମହାଆନନ୍ଦରେ ଏ ଡାଳରୁ ସେ ଡାଳକୁ ଡେଇଁ ଡେଇଁ ଖେଳ କୌତୁକରେ ମାତିଥାନ୍ତି । ଆମ୍ବ ପାକଳ ହେଲେ ମାଙ୍କଡ଼ମାନେ ଆସି ବସି ଆରାମରେ ଗାଇଥାନ୍ତି, ପିଲାଏ ପାଟିତୁଣ୍ଡ କଲେ ପଳାଇଯାଆନ୍ତି । ପାଚିଲା ଆମ୍ବ ଖାଇବାକୁ ରାତିରେ ବାଦୁଡ଼ିମାନେ ଗଛ ଡାଳରେ ଝୁଲି ପଡ଼ନ୍ତି । ଡେଣା ଫଡ଼ଫଡ଼ ଶବ୍ଦ ଶୁଭେ । ସକାଳୁ ସକାଳୁ ପାଚିଲା ଆମ୍ବ ଗୋଟାଇବାକୁ ପିଲାମାନେ ତୋଟାରେ ବୁଲୁଥାନ୍ତି । ଶେଷକୁ ଦିନେ ତୋଟାର ମାଲିକ ଆସି ଆମ୍ବଗଛରୁ ତୋଳିବା ଆରମ୍ଭ କରନ୍ତି । ତଥାପି ଗଛ ଅଗରେ କିଛିକିଛି ଆମ୍ବ ରହିଯାଏ । ସେ ଆଡ଼କୁ ସେ ନଜର ଦିଅନ୍ତି ନାହିଁ । ଚାରୋଟି ଆମ୍ବଗଛର ଡାଳ ପରସ୍ପରକୁ ଲଗାଲଗି ହୋଇ ରହିଥାନ୍ତି । ସତେ ଯେମିତି ସମସ୍ତେ ସମସ୍ତଙ୍କ ଦୁଃଖରେ ସମଭାଗୀ ।

ଗ୍ରୀଷ୍ମଋତୁର ଆରମ୍ଭରେ ପ୍ରଥମେ ପାଚିଯାଏ ଗୁଡ଼ପାଣିଆ ଆମ୍ବ, ତାପରେ ଲଥଲଥିଆ । ଏହାର କିଛିଦିନ ପରେ ସରୁପୋହଳା, ବର୍ଷାଋତୁ ଆରମ୍ଭରେ ପାଚେ ନାକେଇ ଆମ୍ବ । ଆକାଶରେ କଳାବାଦଲ ଆଉ ନାକେଇ ଗଛର ପାଚିଲା ହଳଦୀ ଗୁରୁଗୁରୁ ଆମ୍ବ ଝୁଲୁଥାଏ । ଆଖିକୁ ଭାରି ସୁନ୍ଦର ଦେଖାଯାଏ । ଏମିତି ଅନ୍ୟ ପାଇଁ ଉପକାର କରି ଚାରୋଟି ଗଛ ଭୂମି ଉପରେ ଦୃଢ଼ ଭାବରେ ଠିଆ ହୋଇଥାନ୍ତି ।

ଦିନେ ସକାଳୁ ସକାଳୁ ପେଚା ମାଲିକଙ୍କ ପୁଅ ସହିତ ତିନିଜଣ ଲୋକ ତୋଟାକୁ ଆସିଲେ । ସେମାନେ ମାଲିକଙ୍କ ପୁଅ ସହିତ କଥାବାର୍ତ୍ତା କରି ଚାରୋଟି ଆମ୍ବଗଛର ଗଣ୍ଡି ମାପିବାକୁ ଲାଗିଲେ । ମାପ ସରିବା ପରେ ଗଛ ଗୁଡ଼କର ଶାଖା ପ୍ରଶାଖା ଆଡ଼କୁ ଚାହିଁ କରି କଣ ଭାବିଲେ କେଜାଣି ପରସ୍ପର ଭିତରେ କଥା ହୋଇ ଚାରୋଟି ଗଛର ମୂଲ୍ୟ ନିର୍ଦ୍ଧାରଣ କଲେ । ଶେଷରେ ସେମାନେ ମତାମତ ଦେଲେ ଚାରୋଟି ଆମ୍ବଗଛର ଦାମ ଏକ ଲକ୍ଷ କୋଡିଏ ହଜାର ଟଙ୍କା । ହେଲେ ସେମାନେ ଗଛ କାଟିବେ ନାହିଁ, ଫଳନ୍ତିଗଛ । ଗଛରେ ଆମ୍ବ ଫଳିଛି । ଆମ୍ବ ପାଚି ଝଡ଼ିଗଲା ପରେ ବର୍ଷାଦିନ ପୂର୍ବରୁ କାଟିବେ । ଗଛ ବେପାରୀମାନେ ଦୁଇଦିନ ପରେ ଆସି ଅଗ୍ରୀମ ଟଙ୍କା ନେଇଯିବାକୁ କହିଲେ । ତୋଟାମାଲିକଙ୍କ ପୁଅ ଖୁସିରେ ମୁଣ୍ଡ ଟୁଙ୍ଗାରି ସମ୍ମତି ଜଣାଇଲା । ଗଛ ବେପାରୀମାନେ ତୋଟାରୁ ବାହାରି ଯେଝା ବାଟରେ ଚାଲିଗଲେ । ପୁଅ ଘରକୁ ଆସି ବାପାଙ୍କ ପାଖରେ ସବୁ କଥା କହିଲା ।

ସବୁ ଶୁଣି ବାପା କହିଲେ ତୁ ଆମ୍ବଗଛ ଗୁଡ଼ିକୁ ବିକ୍ରି କରିବାକୁ କାହିଁକି ଜିଦ୍ କରୁଛୁ । ଆମ ପୂର୍ବପୁରୁଷ କିଏ ଏଇ ଚାରୋଟି ଗଛ ଲଗାଇଥିଲେ, ଏବେ ଗୋଟିଏ ଛୋଟ ତୋଟାରେ ପରିଣତ ହୋଇଛି । ପ୍ରତିବର୍ଷ କେତେ ଆମ୍ବ ଫଳୁଛି ପଶୁପକ୍ଷୀ ଗାଉଛନ୍ତି, ସାଇପଡ଼ିଶାଙ୍କ ମୁହଁରେ ପଡୁଛି । ଫଳନ୍ତି ଗଛ କାଟିବା ଅପରାଧ ।

ଦେଖ ବାପା ଚାରୋଟି ଆମ୍ବଗଛ ଆମର ବାରଗୁଣ୍ଠ ମୂଲ୍ୟବାନ ଜମିକୁ ଛାଇ କରିଛି । ଗଛକଟା ହୋଇଗଲା ପରେ ସେଠାରେ ଫସଲ ହେବ । ଫସଲ ନକରି ପାରିଲେ ମୁଁ ଗୋଟାଏ କୁକୁଡ଼ା ଫାର୍ମ କରିବି ପାଠ ପଢ଼ି ବେକାର ତ ଆଉ ବୁଲିବିନି । କିଛି ତ କରିବାକୁ ପଡ଼ିବ । ପୁଅର ଉତ୍ତର ।

କିଛି ସିଦ୍ଧାନ୍ତ ନେବା ପୂର୍ବରୁ ତୋ ବଡ଼ଭାଇର ମତାମତ ନେବା ଉଚିତ ହେବ । ସେ ସହରରେ ଚାକିରୀ କରୁଛି । ତା ସହିତ ଫୋନ୍‌ରେ ଯୋଗାଯୋଗ କରିବା । ସେ କ'ଣ କହୁଛି ଦେଖିବା ତାପରେ ଆମେ ଯାହା ସ୍ଥିର କରିବା । ଠିକ୍ ଅଛି । ତୁ ମଭାଇ ସାଂଗରେ କଥା ହୋଇ କାଲି ଯାହା ସ୍ଥିର କରିବାର କର । ପରଦିନକୁ କାଠ ବେପାରୀମାନେ ଆଶ୍ରମ ଯିବାକୁ ଆସି ପହଞ୍ଚିବେ । ହଉ ହେଲା କାଲି ସେ ବିଷୟରେ ସ୍ଥିର କରିବା ।

ପୁଅକୁ ସିନା ଏତକ କହିଦେଲେ ହେଲେ ମନଭିତରେ ଆମ୍ବଗଛ କାଟିବା କଥାଟାକୁ ସେ ଗ୍ରହଣ କରିପାରୁନଥିଲେ । ପିଲାଦିନର ସାଥୀ ସେ ଗଛଗୁଡ଼ିକ ସେ ତୋଟା, ସେ ଛାଇ, ସେଠି ବିହଂଗର ମଧୁର ତାଳ, ରାତିରେ ଗଛ କୋରଡରେ ରହିରହି ପେଚାର ଅଶାନ୍ତ ଧ୍ୱନି, ଅନ୍ଧାର ରାତିରେ ଜୁଳୁଜୁଳୁଆ ଆଲୁଅ । ଛୋଟ ଥିଲାବେଳେ ସେଇ ତୋଟାକୁ ନେଇ କେତେ ଜଡ ଭୟ, ସତେ ଯେମିତି ଡାଆଣୀ ଚିରୁଗୁଣୀଙ୍କ ବାସସ୍ଥାନ । ବଡ଼ହେଲା ପରେ ସେ ଭୟ ମନରୁ ଦୂରେଇ ଯାଇଛି ସତ, ହେଲେ ତୋଟାର ଆମ୍ବଗଛ ଗୁଡ଼ିକ ଭାରି ଆପଣାର ମନେ ହୁଅନ୍ତି । ସତେ ଯେମିତି ମଣିଷର ଦୁଃଖ ବୁଝିପାରନ୍ତି ସେମାନେ । ମନ ଦୁଃଖରେ ତୋଟାରେ ବୁଲିଆସିଲେ ଧୀର ପବନର ସ୍ପର୍ଶ ମନକୁ ହାଲୁକା କରିଦିଏ ।

ଖରାଦିନର ଅସହ୍ୟ ଗରମରୁ ଏହି ତୋଟାର ଛାଇ ହିଁ ମଣିଷକୁ ରକ୍ଷା କରେ । କେବେ କେବେ ମଣିଷର କ୍ଷୁଧା ଉପଶମ ପାଇଁ ପାଚିଲା ଆମ୍ବ ଗଛରୁ ଖସିପଡ଼େ । ଏମିତି ଏକ ସୁନ୍ଦର ପରିବେଶକୁ ହାତଛଡ଼ା କରିବାକୁ ଚାହୁଁନଥିଲେ ସେ । ତେଣୁ ବଡ଼ପୁଅ ସାଂଗରେ ଫୋନରେ କଥା ହେବା ଅପେକ୍ଷା ସହରକୁ ଯିବାକୁ ପସନ୍ଦ କଲେ ସେ । ଫଳରେ ଏ ସମସ୍ୟାର ଗୋଟେ ସମାଧାନ ବାହାରି ଆସିବ । ଚାରୋଟି ଆମ୍ବଗଛ ଆଉ କିଛିଦିନ ବଂଚିରହି ସମାଜର ସେବା କରିପାରିବେ ।

ଚାରୋଟି ଗଛ ସେମାନଙ୍କ ମୃତ୍ୟୁ ସନ୍ନିକଟ ଜାଣି ପରସ୍ପରକୁ ଚାହିଁ ରହିଥିଲେ । ଡାଳର କଅଁଳ ପତ୍ର ସଞ୍ଚାଳନରେ ମନର ଦୁଃଖ ପରିପ୍ରକାଶ କରୁଥିଲେ । ମଣିଷର କ୍ରୁରତାକୁ ମନେ ମନେ ଭୀଷଣ ସମାଲୋଚନା କରୁଥିଲେ । ଦୀର୍ଘ ଶହେ ବର୍ଷର ଜୀବନ ଭିତରେ ସେମାନେ ମଣିଷର କେତେ ଉପକାର କରିଛନ୍ତି, ଜୀବଜଗତରେ କେତେ ସହାୟ ହୋଇଛନ୍ତି । ତଥାପି ମଣିଷ ! ଆଉ ଭାବି ପାରୁନଥିଲେ ସେମାନେ । କେତେ ପଶୁପକ୍ଷୀଙ୍କର ଆଶ୍ରୟସ୍ଥଳ ପାଲଟିଛନ୍ତି ସେମାନେ । ଏବେ ବି ସେମାନଙ୍କ ଗଛ କୋରଡରେ ପେଚା ଶାବକ ତା ମା' କୋଳରେ ଶାନ୍ତିରେ ଶୋଇଛି । ଗଛ ଅଗଡାଳର କେତେ ଅନାମିକା ବିହଙ୍ଗର ବସା, ଆଉ କେତେଦିନରେ ଡିମ୍ବରୁ ଛୁଆ ଫୁଟିବେ । ଗଛ ଡାଳରେ ପିଲାଏ ଡାଳିମାଙ୍କୁଡ଼ି ଖେଳୁଛନ୍ତି । ଚାଷ କାମ ସାରି ଖରାରୁ ରକ୍ଷା ପାଇବା ପାଇଁ ଚାଷୀ ଗଛଛାଇରେ ଘଡ଼ିଏ ବସିଯାଉଛି । ହେଲେ କିଛି ଦିନ ପରେ ଶୂନଶାନ । ନା ଏଠି ଗଛ ଥିବ, ନା ଛାଇ । କେବଳ ସୂର୍ଯ୍ୟ କିରଣରେ ଝଲମଲ କରୁଥିବ ସେମାନଙ୍କ ହଣା ହୋଇଥିବା ଡାଳ ଆଉ ପତ୍ରସବୁ ।

ଏଣେ ବାପା ସହରକୁ ବଡ଼ପୁଅ ପାଖକୁ ଯାଇ ହତାଶ ହୋଇ ଫେରି ଆସିଛନ୍ତି । ସେ ଏ ବିଷୟରେ ମୁଣ୍ଡ ପୂରାଇବାକୁ ନାରାଜ । ତା ଚାକିରୀ ଭଲ ତ ସେ ଭଲ । ଘରକୁ ଦବା ନାହିଁ କି ନବା ନାହିଁ । ତୋଟା ରହିଲେ ସେ ଖୁସି ନୁହେଁ କି ଗଛ କଟା ହୋଇଗଲେ ବି ତାର କିଛି ମନଦୁଃଖ ନାହିଁ । ଏଇ ପୁଅ ଦିନେ ତା ପିଲାଦିନରେ ଥିବାରୁ ରକ୍ଷା ପାଇବାକୁ ସେ ଗଛ ଛାଇରେ ସପ ପକାଇ ଶୋଉଥିଲେ । ସକାଳୁ ସକାଳୁ ଉଠି ପାଚିଲା ଆମ୍ବ ଗୋଟାଇ ଆଣୁଥିଲା । ଗଛରୁ କଞ୍ଚା ଆମ୍ବ ଆଣି ଚଟଣି କରି ପଖାଳ ଖାଇବାକୁ ଭଲ ପାଉଥିଲା । ହେଲେ ଆଜି ସେଇ ତୋଟା ଆଉ ଆମ୍ବଗଛ ପ୍ରତି ତା'ର ଦରଦ ନଥିବା ଦେଖି ବାପାଙ୍କୁ ଦୁଃଖ ଲାଗିଲା । ଆଉ ଅଧିକ କିଛି ନକହି ନୀରବ ରହିବାକୁ ସେ ପସନ୍ଦ କଲେ ।

କାଠ ବେପାରୀମାନେ ତା ପରଦିନ ସକାଳେ ଆସି ସାନପୁଅକୁ ବାପାଙ୍କ ଉପସ୍ଥିତିରେ କୋଡ଼ିଏ ହଜାର ଟଙ୍କା ଅଗ୍ରୀମ ଦେଇଗଲେ । ଅବଶିଷ୍ଟ ଟଙ୍କା ଗଛ କାଟିବା ଦିନ ଦେବାକୁ କହି ଚାଲିଗଲେ । ଏହି ସମୟରେ ଚାଳ ଉପରେ ବସିଥିଲା ଡାମରାକାଉ । ସେ କ'ଣ ବୁଝିଲା କେଜାଣି ସେଠୁ ସିଧା ଉଡିଗଲା ତୋଟା ଆଡ଼କୁ । ଚାରୋଟି ଆମ୍ବଗଛ ଡାକରୁ ଡାଳ ଉଡିବୁଲି କାଆ କାଆ ରାବିବାକୁ ଲାଗିଲା । ଆମ୍ବଗଛଗୁଡ଼ିକୁ ଆଉ ବୁଝିବାକୁ ବାକି ରହିଲା ନାହିଁ ଯେ ସେମାନଙ୍କ ଜୀବନ ଦୀପରୁ ତେଲ କ୍ରମଶଃ ସରି ଆସୁଛି । ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ ଦର୍ଶନରୁ ସେମାନେ ବଂଚିତ ହେବେ । ସେମାନଙ୍କ ଶରୀର ପଂଚଭୂତରେ ବିଲୀନ ହେବ ଅଥବା ସେମାନଙ୍କ ଗଣ୍ଡିରୁ ଆସବାଭ ପତ୍ର ତିଆରି ହୋଇ କେଉଁ ଗୃହସ୍ଥର ଗୃହରେ ଶୋଭା ମଣ୍ଡନ କରିବ ।

ଏମିତି କିଛିଦିନ ଚାଲିଗଲା । ଗଛରେ ଆମ୍ବ ପାକଳ ହେବାକୁ ଲାଗିଲା । ଖରାର ତାତି ବି ବଢ଼ିବାକୁ ଆରମ୍ଭ କଲା । ହଠାତ୍ ଦିନେ ସରକାରଙ୍କ ତରଫରୁ ଘୋଷଣା କରାଗଲା ମହାବାତ୍ୟା ମାଡ଼ି ଆସୁଛି । ବହୁତ ଜୋରରେ ପବନ ବହିବ, ବର୍ଷା ବି ମୂଷଳ ଧାରାରେ ହେବ । ଜୀବନକୁ ସୁରକ୍ଷା ଦେବାକୁ ନିରାପଦ ସ୍ଥାନକୁ ଚାଲିଯିବାକୁ ଅନୁରୋଧ କରାଯାଉଥିଲା । ଚାରୋଟି ଆମ୍ବଗଛ ଏମିତି ଏକ ସୁଯୋଗକୁ ଅପେକ୍ଷା କରିଥିଲେ ଯେମିତି । କାଠ ବେପାରୀମାନେ ଆସି ସେମାନଙ୍କ ଦେହକୁ କରତରେ କାଟିବେ ଆଉ ଡାଳସବୁକୁ କରାଡ଼ୀରେ ହାଣିବେ । ହେଲେ ସେ ଯନ୍ତ୍ରଣା ଅପେକ୍ଷା ମହାବାତ୍ୟାର ଭୟଙ୍କର ପବନ ସମ୍ମୁଖରେ ପ୍ରତିରୋଧ ନକରି ଉପୁଡ଼ି ପଡ଼ିଲେ ଜୀବନର ସମାପ୍ତି ଆଉ ଯନ୍ତ୍ରଣାରୁ ମୁକ୍ତି । ପରସ୍ପର ମଧ୍ୟରେ ସ୍ଥିର ହୋଇଗଲା ଉର୍ବିପାତ କାର୍ଯ୍ୟପନ୍ଥା, ମହାବାତ୍ୟାର ପ୍ରଳୟ ହୁଂକାରରେ ଦୋହଲି ଦୋହଲି ଚାରିଗୋଟି ଗଛ ଧରାଶାୟୀ ହୋଇଗଲେ ।

ମହାବାତ୍ୟା ପରେ ଅନେକ ଗଛ ଉପୁଡ଼ି ପଡ଼ିଲେ । କାଠ ବଜାରରେ ଗଛର ମୂଲ୍ୟ କମି ଆସିଲା । କାଠ ବେପାରୀମାନେ ନିର୍ଦ୍ଧାରଣ କରିଥିବା ମୂଲ୍ୟରେ ଉପୁଡ଼ା ଗଛଗୁଡ଼ିକୁ କିଣିବାକୁ ରାଜି ହେଲେ ନାହିଁ । ସେମାନେ ଅଗ୍ରୀମ ଟଙ୍କା ଫେରସ୍ତ ନୋବକୁ ଅଡ଼ି ବସିଲେ । ବାପା ଆଉ ସାନପୁଅ ସେମାନଙ୍କ ପ୍ରସ୍ତାବକୁ ସହଜରେ ଗ୍ରହଣ କରିପାରିଲେ ନାହିଁ । ଫଳରେ ସେମାନେ ବସି ଏକ ସମାଧାନର ପନ୍ଥା ନିର୍ଦ୍ଧାରଣ କରିବାକୁ ସ୍ଥିର କଲେ । ବହୁ ବିଚାରବିମର୍ଶ ପରେ ସ୍ଥିର ହେଲା, ଗଛର ଡାଳ ଓ ଛୋଟ ଛୋଟ ଗଣ୍ଡିସବୁ ଜାଳେଣି କାଠ ହିସାବରେ ବିକ୍ରି କରି ଦିଆଯିବ । ସେଥିରୁ ଯାହା ଅର୍ଥ ମିଳିବ ତାକୁ ବେପାରୀମାନେ ଦେଇଥିବା ଅଗ୍ରୀମ ବାବଦରେ ବୁଝିଦେବେ । ଯଦି ପଇସା ନିଅଣ୍ଟ ହୁଏ ତାହେଲେ ଗଛର ଗଣ୍ଡି ପଟା ଚିରାହେବ, ସେଇ ପଟାରୁ ଅବଶିଷ୍ଟ ମୂଲ୍ୟ କାଠ ବେପାରୀମାନେ ନେଇଯିବେ ଯାହା ବଳକା ପଟା ରହିବ ବାପା ଆଉ ପୁଅ ସେମାନେ ଘରକୁ ନେବେ । ଏମିତି ଏକ ସିଦ୍ଧାନ୍ତରେ ରାଜି ନହୋଇ ଅନ୍ୟ ଉପାୟ ନଥିଲା ।


କିଛିଦିନ ପରେ ମୂଲିଆମାନେ ଆସି ଉପୁଡ଼ି ଯାଇଥିବା ଗଛରୁ ଡାଳ ପତ୍ର ହାଣି ଗୋଟିଏ ଜାଗାରେ ଗଦା କରିଦେଲେ । ତାପରେ ଗଣ୍ଡିକୁ କରତ ଦ୍ୱାରା କାଟି ତାହା ଚିରା ହେବା ପାଇଁ ପ୍ରସ୍ତୁତ କରିଦେଲେ । କରତକଳରେ ପଟା ଚିରାହେବାର ବ୍ୟବସ୍ଥା ହୋଇଗଲା । ଆସ୍ତେ ଆସ୍ତେ ତୋଟାର ଅସ୍ତିତ୍ୱ ଲୋପ ପାଇଗଲା । ଯେଉଁ ମାଟିରେ ଶହେ ବର୍ଷରୁ ଅଧିକ କାଳ ଧରି ଖରାର ସ୍ପର୍ଶ ନଥିଲା, ସେଠି ଏବେ ଖରାର ଜୁଆର ହସୁଥିଲା ।

ପକ୍ଷୀମାନେ ସେ ଗଛମୂଳ ଆଡ଼କୁ ଚାହିଁ ଉଡି ଯାଉଥିଲେ । ସେମାନଙ୍କ ଆଶ୍ରୟସ୍ଥଳ ଏବେ ମଣିଷର ଦୌରାତ୍ମ୍ୟରେ ଉଜୁଡ଼ି ଯାଉଛି । ମନେ ମନେ ସେମାନେ ମଣିଷକୁ ଅଭିଶାପ ଦେଇ ନୂତନ ଆଶ୍ରୟସ୍ଥଳ ସନ୍ଧାନରେ ଚାଲିଯାଉଥିଲେ ।ଗାଁର ପିଲାମାନେ

ଅପରାହ୍ଣରେ ଆସି ତୋଟାରେ ଖେଳୁଥିଲେ । ହେଲେ ଆଉ ତାହା ସମ୍ଭବ ନୁହେଁ ଭାବି ମନ ଦୁଃଖରେ ଫେରି ଯାଉଥିଲେ ।

ବାପା କିନ୍ତୁ ଗଛମାନଙ୍କର ଉପକାର ଆଦୌ ଭୁଲି ପାରିନଥିଲେ । ତେଣୁ ସେ ତାଙ୍କର ନୂତନ ନିର୍ମିତ ଗୃହରେ ଚାରୋଟି ଗଛର ପଟାରେ ଚାରୋଟି କବାଟ ନିର୍ମାଣ କରିବାକୁ ସ୍ଥିର କଲେ । ଘରର କବାଟ ପଟାରେ ଏମିତି ତିଆରି ହେଲା ଯେମିତି ସାରାଦିନ ସେମାନେ ପରସ୍ପରକୁ ଦେଖିପାରିବେ । ନୂଆ ଘରେ ଆମ୍ବ ପଟାରେ ତିଆରି କବାଟ ଲଗାଇ ଦିଆଗଲା, ସୁନ୍ଦର ଭାବରେ ରଂଗ କରାଗଲା । କବାଟ ଗୁଡ଼ିକ ପରସ୍ପରକୁ ଚାହିଁ ରହିଥିଲେ, ଯେମିତି ତୋଟାରେ ଆମ୍ବଗଛଗୁଡ଼ିକ ପରସ୍ପରକୁ ଅନାଇ ରହିଥାନ୍ତି । ପରିଣତି କରୁଣ ହେଲେ ବି ସ୍ମୃତି ଜୀବିତ ହୋଇ ରହିଲା ।

ବାଲିସାହି, ସାଲେପୁର, କଟକ ।



# ଭାଇ - ଭାଇ

- ଲିପ୍‌ସା ପଟେଲ

ଦିନ ଆସି ଦୁଇଟା ହେଲାଣି । ଜାତୀୟ ରାଜପଥରେ ଦୀର୍ଘ ଛଅ ଘଣ୍ଟାର ଯାତ୍ରା ପରେ ପେଟଭର୍ତ୍ତି ଖାଇବା ଟିକିଏ ନିହାତି ଲୋଡ଼ା । ଘରୁ ବାହାରିଲା ବେଳେ ବି ଏମିତିରେ ତରତର ହୋଇ ବିସ୍କୁଟ ଚାରିଟା ମୁହଁରେ ଯାହା ଦେଇଥିଲା ରୁମି । ପିଲାଙ୍କ ଖାଇବା ଯୋଗାଡ଼ି ଘରଟାକୁ ସଜଡ଼ା ସଜଡ଼ି କରି ଗାଧୋଇ ପୂଜା ସାରି ବାହାରିଲା ବେଳକୁ ଆଉ ବେଳ କାହିଁ । ତା ସହିତ ପୁଣି ଆଲୋକଙ୍କର ତାଗିଦ୍ । ରାସ୍ତା ସାରା ବାନ୍ତି କରି କରି ଯିବ ନା କ'ଣ ? ହାଲୁକା କିଛି ଖାଇ ଦିଅ । ତାହା ବି ସତ କଥା । ରାସ୍ତା ସାରା ବାନ୍ତି ପାଇଁ ତାକୁ ବଡ଼ କଷ୍ଟ ଭୋଗିବାକୁ ପଡ଼େ । ତାକୁ ଦେଖି ପୁଣି ତା ଝିଅ ବାନ୍ତି ଆରମ୍ଭ କରିଦେବ । ନିଜ ରକ୍ଷଣ ଅସମ୍ଭାଳ ଯେଉଁଠି, ସେଇଠି ଆହୁରି ପିଲାଟାକୁ ଦେଖିବ କିଏ ? ଆଲୋକ ଏଇ କାରଣରୁ ରାସ୍ତା ସାରା ଗରଗର ହୁଅନ୍ତି । ଘରୁ ଯାହା ଯେତିକି ଖାଇ ବାହାରନ୍ତି ଆଉ ନିହାତି ଜରୁରୀ ହେଲେ ବାଟରେ ଖାଇବା ପିଇବା ହୁଏ ନହେଲେ ନାଇଁ । ପାଖ ବାଟ ହେଲେ ଏମିତି ବାନ୍ତି ହୁଏନି ଅଥଚ ଦୂର ବାଟକୁ ପେଟ ଆଉଟି ହୁଏ ।

ଏଇ ଭିତରେ ପୁଅ ତିନି ଚାରିଥର କହିସାରିଲାଣି ଭୋକ ଲାଗୁଛି । ଆଲୋକ ମଧ୍ୟ ଭଲ ହୋଟେଲଟିଏ ଖୋଜିବା ପାଇଁ ଗାଡ଼ି ବାହାରକୁ ନଜର କରୁଛନ୍ତି । ସେ ଖୁବ ପରିଷ୍କାର ପରିଚ୍ଛନ୍ନ ଲୋକ । କେବଳ ପରିଧାନରେ ଅବା ଖାଇବା ପିଇବାରେ ନୁହେଁ ବରଂ ନିଜର ଚରିତ୍ର ଓ ଆଚରଣରେ ମଧ୍ୟ ସେ ବେଶ୍ ସ୍ୱଚ୍ଛ । ସେଥିପାଇଁ ତ ବ୍ୟାଙ୍କରେ ମ୍ୟାନେଜର ହୋଇ ମଧ୍ୟ ତାଙ୍କର ଲୋକ ଦେଖାଣିଆ ବାହ୍ୟ ଆଡ଼ମ୍ବର ନାହିଁ । ଅନେକଥର ରୁମି କହିଲାରୁ ଏଇ ଗାଡ଼ିଟିଏ କିଣା ହେଲା । ବସ୍‌ରେ ତ ତାକୁ ଆହୁରି ବେଶୀ ବାନ୍ତି ଉଠାଏ । ଦୁନିଆ ଲୋକଙ୍କ ଆଗରେ ହିନସ୍ତା ହୁଏ । ସେଥିପାଇଁ କୁଆଡ଼େ ଯିବା ଆସିବା କଥା ଉଠିଲେ ତା ମୁଣ୍ଡ ବିନ୍ଧା ଆରମ୍ଭ ହୋଇଯାଏ ।

ଗତ ସପ୍ତାହରେ ରୁମି ତା ବଡ଼ଭାଇଙ୍କଠାରୁ ଚିଠି ପାଇଥିଲା ଓ ପରିସ୍ଥିତିର ଗାମ୍ଭୀର୍ଯ୍ୟକୁ ଦେଖି ଏଇ ବାହାରିଛନ୍ତି ସେମାନେ । ଆଲୋକ ମଧ୍ୟ ବ୍ୟାଙ୍କର କୌଣସି ଜରୁରୀ କାର୍ଯ୍ୟ ପାଇଁ କୋଲକାତା ଯାଇଥିଲେ ବୋଲି ସେ ଆସିଲାପରେ ହିଁ ରୁମି ଭାଇଙ୍କ ଚିଠି ବିଷୟରେ ତାଙ୍କୁ ଜଣାଇଥିଲା । ଏତେ ବର୍ଷ ପରେ ହଠାତ୍ ଭାଇଙ୍କ ଚିଠିଟିକୁ ଗ୍ରହଣ କରିବା ରୁମି ପାଇଁ ଏତେ ସହଜ ନଥିଲା । ରୁମି ଓ ଆଲୋକର ପ୍ରେମ ବିବାହ ପରେ ରୁମିର ପରିବାର ତା ସହ ସବୁପ୍ରକାର ସମ୍ପର୍କ ତୁଟାଇ ଦେଇଥିଲେ । ବାପାଙ୍କ ଭୟରେ ମା ବି କେବେ ଝିଅ ମୁହଁକୁ ଚାହିଁ ନଥିଲେ । ବାପାଙ୍କ ଦେହାନ୍ତ କଥାଟା ରୁମି କେବଳ ଖବରକାଗଜର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ପୃଷ୍ଠାରେ ଦେଖି ଜାଣିବାକୁ ପାଇଥିଲା । ମା'ର ଚାଲିଯିବା ଖବର କିନ୍ତୁ କଟକରେ ଦେଖା ହୋଇଥିବା ତାଙ୍କ ଗାଁଲୋକ ଜଣେ କହିଥିଲେ । ସେଦିନରୁ ରୁମିର ଅଭିମାନ ମଧ୍ୟ ଦ୍ୱିଗୁଣିତ ହୋଇଯାଇଥିଲା । ଏବେ ସବୁ ଅଭିମାନକୁ ପଛରେ ପକାଇ ରୁମି ଓ ଆଲୋକ ବାହାରିଛନ୍ତି ରୁମି ଘର ଗାଁକୁ । ତା ବଡ଼ଭାଇ ସେଇଠି ରହନ୍ତି । ଆରମ୍ଭରୁ ତାଙ୍କର ଚାଷବାସ ସହ ଗୋଟିଏ କିରାନୀ ଦୋକାନ ଅଛି । ଏବେ କୁଆଡ଼େ ସେ ଦୋକାନକୁ ତାଙ୍କ ପୁଅ ଚଳାଉଛି ବୋଲି ଭାଇ ଯାହା ଚିଠିରେ ଲେଖିଥିଲେ । ହଠାତ୍ ଗାଡ଼ିର ବ୍ରେକରେ ରୁମିର ଅନ୍ୟମନସ୍କତା ତୁଟିଗଲା । ଗାଡ଼ିଟି ଅଟକିଛି ଗୋଟିଏ ହୋଟେଲ ସାମ୍ନାରେ । ଯାହାର ନାଁ ହେଉଛି ଭାଇ-ଭାଇ । ପୁଅ ପ୍ରଥମେ ଗାଡ଼ିରୁ ଓହ୍ଲେଇ ହୋଟେଲ ଭିତରେ ଜାଗା ଖୋଜିବାକୁ ଲାଗିପଡ଼ିଲା । ଆଲୋକ ଝିଅକୁ ଧରି ହାତ ଧୋଇବା ପାଇଁ ଚାଲିଗଲେ । ରୁମି କିନ୍ତୁ ସେମିତି ହୋଟେଲର ନାଁଟିକୁ ଦେଖୁଥାଏ । ଡ୍ରାଇଭର ଜୋରରେ ଦରଜାଟା ବନ୍ଦ କଲାରୁ ରୁମି ପ୍ରକୃତିସ୍ଥ ହେଲା ।

ଡ୍ରାଇଭରଟି ଜାଣିଲା ପରି କହିବସିଲା ହୋଟେଲର ନାଁଟିକୁ ଦେଖୁଛନ୍ତି କି ମା ? ଏଇ ହୋଟେଲ ମାଲିକ ଘରିକା ଚାରି ଭାଇ । କିନ୍ତୁ ଏ ଯାଏଁ ହାଣ୍ଡି ଅଲଗା ହୋଇନି । ଜାତୀୟ ରାଜପଥ ପାଖରେ ହୋଟେଲ ଚଳାଇବା କ'ଣ ସହଜ କାମ । ବଡ଼ଭାଇ ଗୋଟିଏ ଠିକାଦାର, ତା ତଳ ଭାଇ ଏଇ ଯେଉଁ ବସିଛନ୍ତି ଗଦିରେ ଆଉ ଦୁଇ ଭାଇ ଭିତରୁ ଜଣେ ବ୍ଲକରେ କିରାଣୀ ଆଉ ଜଣେ ନେତା । ଏଇ କାରଣରୁ ଏତେ ବର୍ଷ ହେଲାଣି ଏଇଠି ଏମାନଙ୍କ ବେପାରଟା ଚାଲିଛି ନହେଲେ କଣ ଚାଲିପାରନ୍ତା ? ମୁଁ ତ ଏମାନଙ୍କର ସବୁଦିନିଆ ଗରାଖ । ଭଡାଗାଡ଼ି ନେଇକି ଗଲାବେଳେ ବି ଏଇଠି ଖିଆପିଆ କରୁ ।

ଆଲୋକ ଏମିତିରେ ନିଜେ ହିଁ ଗାଡ଼ି ଚଲାନ୍ତି । ଦୂର ବାଟ ହେଲେ ତାଙ୍କ ସାଙ୍ଗ ମାନସକୁ ଯାହାର ଟ୍ରାଭେଲ ଏଜେନ୍ସି ଅଛି, ତାକୁ ଗୋଟିଏ ଡ୍ରାଇଭର ଠିକ୍ କରିଦେବାକୁ କହନ୍ତି ।

ରୁମିର ଅନ୍ୟମନସ୍କତାକୁ ଠଉରାଇ ଆଲୋକ କହିଲେ ଆଉ ଘଣ୍ଟାଏ କି ଦେଢ଼ ଘଣ୍ଟାର ବାଟ । ବ୍ୟସ୍ତ ହୁଅନି । ରାସ୍ତାରେ ବାନ୍ତି ବି ହୋଇନି, ସେଇଟା ବଡ଼ କଥା ।

ରୁମି ଆଶ୍ଚର୍ଯ୍ୟ ହୋଇ ପଚାରିଲା ତୁମେ ଆମ ଗାଁକୁ କେବେ କଣ ଆଗରୁ ଆସିଛ ଯେ କହିଦେଉଛ ଆଉ କେତେ ସମୟ ଲାଗିବ ?

ନା, ନା, ଡ୍ରାଇଭର କହୁଥିଲା ।

ଆଲୋକ ଓ ରୁମିର କଥାବାର୍ତ୍ତାରେ ଏକ ବିରତି ପ୍ରାୟ ପହଞ୍ଚିଲା ଖାଇବା । ଥାଳିରେ ପରଷା ମଉରାଳି ମାଛ ବେସର ଓ ହିଡ଼ିମିଚା ଶାଗକୁ ଦେଖି ତତକ୍ଷଣାତ ରୁମି କହିଲା ଏଇ ତ ଆମ ଗାଁରୁ ଆଖପାଖ ଅଞ୍ଚଳକୁ ମାଛ ଯାଏ । ଆମ ଗାଁରେ ଅନେକ ଲୋକଙ୍କର ଏଇଟା ଗୋଟିଏ ବଡ଼ ବେପାର । ଭାଇଙ୍କର ବି ଏଇ ଶାଗ ଭାରି ପସନ୍ଦ । ଆପେ ଆପେ ତୁନି ହୋଇଗଲା ରୁମି । କଥାକୁ ଆଡ଼େଇ ଏଇ ଭାଇ ଭାଇ ହୋଟେଲର ମାଲିକ ବିଷୟରେ ଯାହା ସେ

ଡ୍ରାଇଭରଠାରୁ ଶୁଣିଥିଲା ସେଇସବୁ ଆଲୋକଙ୍କୁ କହିବାକୁ ଲାଗିଲା । ଆଲୋକ ଠିକ୍ ଭାବରେ ରୁମିର ମନୋସ୍ଥିତିକୁ ବୁଝିପାରୁଥିଲେ । ତେଣୁ ଚୁପ ଚାପ ହଁ ହଁ କହିଚାଲିଥିଲେ ଅନ୍ୟଥା କେତେବେଳୁ ଚୁପ ରୁହ କହିସାରନ୍ତେଣି ।

ସତକୁ ସତ ଖାଇସାରିବାର ପ୍ରାୟ ଦେଢ଼ ଘଣ୍ଟା ପରେ ରୁମିର ଗାଁରେ ପହଞ୍ଚିଲେ ସେମାନେ । ଆଗରୁ କେବେ ମାମୁଁଘର ଦେଖି ନଥିବା ରୁମିର ଦୁଇ ପିଲା ଏପଟସେପଟ ଅନାଉଥାନ୍ତି । ଗାଡ଼ି ଶବ୍ଦ ଶୁଣି ରୁମିର ବଡ଼ଭାଉଜ ଲୋଟାଏ ପାଣି ଓ ପୂଜା ଥାଳି ନେଇ ବାଟରେ ପହଞ୍ଚିଲେ । ଯେତେବେଳେ ଆଲୋକ ଏଇ ଘର ଜ୍ୱାଇଁ । ପ୍ରଥମଥର ଶ୍ୱଶୁର ଘରକୁ ଆସିଛନ୍ତି । ତେଣୁ ଭାଉଜ ଆଲୋକ ଓ ରୁମିକୁ ବନ୍ଦେଇ ସ୍ୱାଗତ କଲେ। ରୁମି ପିଲାମାନଙ୍କୁ ଚିହ୍ନାଇ ଦେଉଥାଏ କିଏ କ'ଣ ହେବେ, ସେମାନେ ବି ମା ବାପାଙ୍କୁ ଦେଖି ଦେଖି ମୁଣ୍ଡିଆ ମାରୁଥାନ୍ତି । ଭାଇଙ୍କ ଅବସ୍ଥା ଦେଖି ରୁମି ବହେ କାନ୍ଦିଲା । ଏତେ ଦିନକୁ ଦେଖା ଦେଖି ହେଲା ତାହା ପୁଣି ଏମିତି ଅବସ୍ଥାରେ ।

ବଡ଼ଭାଇ ଚିଠି ଦେଇ ରୁମିକୁ ଡକାଇବାର ମୁଖ୍ୟ କାରଣ ହେଲା ଭାଇ ଭାଗ । ସାନଭାଇ ରାଉରକେଲା ପ୍ଲାଣ୍ଟରେ ଚାକିରି କରୁଛନ୍ତି । ବାହାହେଲା ପରଠାରୁ ସେ ଗୋଟିଏ ପ୍ରକାର ଅଲଗା ହୋଇଗଲେ । ପୂଜା ପାର୍ବଣ ହେଉ କି ବାହାଘର ମା' ବାପା ବଂଚିଥିବା ପର୍ଯ୍ୟନ୍ତ ଯାହା ଯେତିକି ଯିବା ଆସିବା ଥିଲା । ଏବେ ଆଉ ନାହିଁ । ମା'ର ଶୁଦ୍ଧି ଘରେ କୁଆଡ଼େ ସାନଭାଇ ଭାଉଜ ଭାଗବଣ୍ଟା କଥା ଉଠାଇଥିଲେ ମାତ୍ର ଲୋକହସା ହେବେ ବୋଲି ସାନଭାଇ ତାଙ୍କୁ ତୁନି କରାଇଦେଲେ । ଏବେ ବଡ଼ଭାଇଙ୍କ କ୍ୟାନସର ଚିକିତ୍ସା ପାଇଁ ପଇସା ଦରକାର ପଡୁଛି । ଆଉ କିଛି ଉପାୟ ନପାଇ ଜମି ବିକ୍ରି ହିଁ ଶେଷ ଉଦ୍ୟମ । ତେଣୁ ସାନଭାଇକୁ ଚିଠି ଲେଖିଥିଲେ । ସେ ପ୍ରତ୍ୟୁତରରେ ଲେଖିଥିଲେ ରୁମିର ବି ସମାନ ଅଧିକାର ଅଛି । ତେଣୁ ସେ ଆସି ପ୍ରଥମେ ଲେଖିଦେଉ ଯେ ତାର ସମ୍ପତ୍ତିରେ ଭାଗ ଦରକାର ନାହିଁ । ତେବେ ଯାଇ ସେ ରାଉରକେଲାରୁ ସମୟ ବାହାରକରି ଆସିବେ ଓ କିଛି ଗୋଟିଏ ବ୍ୟବସ୍ଥା କରିବେ । ଏତେସବୁ ଜାଣି ସୁଦ୍ଧା କାଣିଚାଏ ସାହାଯ୍ୟ କରିନାହାନ୍ତି ସାନଭାଇ ।

ବଡ଼ଭାଇଙ୍କଠାରୁ ଏତେ କଥା ସାନଭାଇଙ୍କ ବିଷୟରେ ଶୁଣିଲା ପରେ ରୁମି ବହୁତ ଦୁଃଖୀ ହେଲା । ପିଲାଦିନୁ ମା ତ ଦୁହିଁଙ୍କୁ ଶିଖାଇଥିଲା, ତୁମେ ଦୁହେଁ ଭାଇ ଭାଇ । ଦୁନିଆରେ ଯାହା ହେଉନା କାହିଁକି ତୁମେ ଦୁହେଁ ଦୁହିଁଙ୍କ ସାହା । କେମିତି ସାନଭାଇ ଏସବୁ ଭୁଲିଗଲେ ? ତାଙ୍କ ତ ହଷ୍ଟେଲରେ ମ୍ୟାଲେରିଆ ହେଲା ବେଳେ ବଡ଼ଭାଇ ନିଜପଟୁ କହିଥିଲେ ସେ ଯାଇ ଡାକ୍ତରଖାନାରେ ତାଙ୍କର ଦେଖାଶୁଣା କରିବେ । ଏବେ କେମିତି ସାନଭାଇ ପଛଘୁଞ୍ଚା ଦେଉଛନ୍ତି ଯେ । ସନ୍ଧ୍ୟାବେଳେ ସାନଭାଇଙ୍କୁ ଫୋନ୍ କରିବ ବୋଲି ରୁମି ମନେ ମନେ ଭାବୁଥିଲା ।

ତା ପୂର୍ବରୁ ଆଲୋକଙ୍କୁ ରୁମି ଥରେ ପଚାରିଦେଲା ଦେଖ, ମୁଁ ସମ୍ପତ୍ତିରେ ଭାଗ ଛାଡ଼ିଦେଉଛି ବୋଲି ତୁମର କିଛି କହିବାର ନାହିଁ ତ ?

ଆଲୋକ ହସିଦେଇ କହିଲେ ନା ଆଗରୁ ଏଇ ଭାଗର ଆଶା ଥିଲା ନା ଏବେ ଅଛି । ତୁମେ ବଡ଼ଭାଇଙ୍କ ପାଇଁ ଏସବୁ ଛାଡ଼ିଦିଅ ।

ସନ୍ଧ୍ୟାବେଳେ ଆଲୋକ ସହ ରୁମି ଛାତ ଉପରକୁ ଯାଇ ସାନଭାଇଙ୍କୁ ଫୋନ୍ ଲଗାଇଲା । ତାଙ୍କ ନମ୍ବର ବି ସେ ବଡ଼ଭାଇଙ୍କ ପୁଅ ରୂପେଶଠାରୁ ଆଣିଥିଲା । ସମ୍ପର୍କ ସବୁ ବି ସତରେ କେମିତି ? ପରିସ୍ଥିତି ଓ ସମୟ ସହ ଭିନ୍ନ ଭିନ୍ନ ରୂପ ନେଇଥାଏ । କେବେ ଜୀବନକୁ ସୁଖଦ, ସୁନ୍ଦର କରିଦିଏ ତ କେତେବେଳେ ପୁଣି ଅପରିଚିତ, କେତେବେଳେ ଆହୁରି ଛିନ୍ ଛତ୍ର ବି କରିପକାଏ । ଏବେ ରୁମିକୁ ଠିକ ସେଇ ଭଳିଆ ଅନୁଭବ ହେଉଥିଲା । ରୁମି ମନେ ମନେ ଭାବୁଥିଲା ଭାଇ ତାକୁ ଚିହ୍ନି ପାରିବେ ନା ଅଜଣା ନମ୍ବର କହି ରଖିଦେବେ ?

ରୁମି ଫୋନ୍‌ରେ ଥରିଲା କଣ୍ଠରେ କହିଲା, ଭାଇ । ମୁଁ ରୁମି । କିଛି ସମୟର ନିରବତା ପରେ ସାନଭାଇ ଉତ୍ତର ଫେରେଇଲେ ହଁ କହ ।

ମୁଁ ସପରିବାର ଗାଁକୁ ଆସିଛି । ତୁମେ କେବେ ଆସିବ ? ବଡ଼ଭାଇ କହୁଥିଲେ ... ।

ଫୋନଟା କଟି ସାରିଥିଲା । ଆଉଥରେ ଫୋନ୍ କରି ପଚାରିବାକୁ ରୁମି ସଙ୍କୋଚ କରୁଥିଲା । ସାନଭାଇଙ୍କ ବିଷୟରେ ବଡ଼ଭାଇ କହିଥିବା କଥାସବୁ ତାକୁ ଏବେ ସତ ଲାଗୁଥିଲା । ସାନଭାଇ ତେବେ ଭାଗ ପାଇଁ ପ୍ରସ୍ତୁତି କରି ଆସିବେ, ଏମିତି କିଛି କଥାବାର୍ତ୍ତା କରୁଥିଲେ ବଡ଼ଭାଉଜ, ରୂପେଶ ଓ ଆଲୋକ । ରୁମିର ମନ କିନ୍ତୁ ମାନୁନଥିଲା । ସାନଭାଇ କ'ଣ ସତରେ ପରବୁଦ୍ଧିଆ ହୋଇଯାଇଛନ୍ତି ।

ପରଦିନ ସକାଳୁ ବଡ଼ଭାଉଜ ଜ୍ୱାଇଁଙ୍କ ପାଇଁ ନିଜ ଅମଳ କଳା ବିରିରେ ବରା, ଚକୁଳି ଓ ଘୁଗୁନି କରି ପରଷି ଦେଲେ । ଆଲୋକ ଏଭଳି ପରିସ୍ଥିତିରେ ଏମିତି ଚର୍ଚ୍ଚା ଯଦିଓ ଚାହୁଁନଥିଲେ ଭାଉଜଙ୍କ ମନ ରଖିବାକୁ ଚୁପ ରହିଥିଲେ । ଦିନ ପ୍ରାୟ ଦଶଟା ହେବ ଘର ଦରଜା ସାମ୍ନାରେ ଛିଡ଼ା ହୋଇଥିଲେ ସାନଭାଇ । ରୁମି ସ୍ୱପ୍ନ ଦେଖିଲା ଭଳି ବଡ଼ଭାଉଜଙ୍କ ପଟେ ଅନାଇଲା । ସାନଭାଇ ଆସି ବଡ଼ଭାଇ ଓ ଭାଉଜଙ୍କୁ ଜୁହାର ହେଲେ । ରୁମିର ପୁଅ ଝିଅକୁ ଟିକିଏ ଗେହ୍ଲା କରି ଆଲୋକଙ୍କ ସହ ବସି ଚା ପିଉଥିଲେ।

ରୁମି କ'ଣ କେମିତି କଥା ଆରମ୍ଭ କରିବ ବୋଲି ଭାବି କହିଲା, କାଲି ହଠାତ୍ ଫୋନଟା କଟିଗଲା ଯେ ମୁଁ ଭାବିଲି ତୁମେ କାଟିଦେଲ । ଆରେ ନା ନା ତୋ ଭାଉଜକୁ ତୁ ତ ଜାଣୁ । ଚିଡ଼ିଚିଡ଼ା ସ୍ୱଭାବ ତାର । ତେଣୁ ଫୋନରେ କଥାବାର୍ତ୍ତା ନକରି ସିଧା ମୁଁ ଚାଲି ଆସିଲି ତୁମମାନଙ୍କୁ ଦେଖା କରିବା ପାଇଁ ।


ଆଲୋକ କଥା ଯୋଡ଼ି କହିଲେ ଭାଇ ତେବେ କାଲି ସକାଳେ କୋର୍ଟ କାଗଜପତ୍ର ଧନ୍ଦା ସାରିଦେବା କି ? ହଁ ହଁ ସେଥିପାଇଁ ତ ମୁଁ ଆସିଛି । ତୁମ ଭାଉଜକୁ ଭାଗ ପାଇଁ ଯାଉଛି କହି ଆସିଛି । ମୁଁ କିନ୍ତୁ କେବେ ବି ସେ କଥା ଭାବିନି । ମୁଁ ଜାଣେ ବଡ଼ଭାଇଙ୍କ ଅବସ୍ଥା । ଏତେ ଦିନରୁ କିଛି ହେଲେ ସାହାଯ୍ୟ କରିପାରିନି ବୋଲି

ନିଜ ଉପରେ ଲଜ୍ଜିତ । କାଲି ରୁମିର ଫୋନ୍ ମୋତେ ଆମ ପିଲାଦିନ କଥା ପୁଣି ମନେ ପକାଇଦେଲା । ତେଣୁ ମୁଁ ଅଥୟ ହୋଇ ଚାଲି ଆସିଲି ।

ସକାଳୁ ଆଲୋକ କୋର୍ଟ କାଗଜପତ୍ର ଆଣି ସାନଭାଇଙ୍କୁ ବଢ଼ାଇଦେଲେ । ରୁମି ଦସ୍ତଖତ କରିବା ପୂର୍ବରୁ ସାନଭାଇ ଦସ୍ତଖତ କରିଦେଲେ । ବ୍ୟାଗରୁ ଗୋଟିଏ ପୁଡ଼ିଆ ବାହାର କରି ବଡ଼ଭାଇଙ୍କୁ ଧରାଇ କହିଲେ ତୁମ କ୍ୟାନସର କଥା ଜାଣିଲା ପରଠାରୁ ବରାବର ମୋ ସ୍ତ୍ରୀ ମୋର ବ୍ୟାଙ୍କ ପାସବୁକକୁ ଯାଞ୍ଚ କରୁଛି । ଅଯଥା ଅଶାନ୍ତି ଏଇ ବୟସରେ ଆଉ ମୁଁ ଚାହେଁନା ଭାଇ । ତେଣୁ ମୋର ଗୋଟିଏ ଫିକ୍ସ ଡିପୋଜିଟ ଭାଙ୍ଗି ମୁଁ କିଛି ଯୋଗାଡ଼ କରିଛି । ତୁମେ ଏହାକୁ ରଖ ଯେତେହେଲେ ଆମେ ଭାଇ ଭାଇ । ଦୁହେଁ ଦୁହିଁଙ୍କ ବିପଦରେ ଛିଡ଼ା ନହେଲେ ଆଉ କିଏ ସାହା ହେବ ? ପିଲାଦିନୁ ତ ମା' ଏତିକି ଶିଖାଇଛି । ତହା ପୁଣି ଭୁଲିଗଲେ ତା ଆତ୍ମା ଅଶାନ୍ତି ହେବ ।

ବଡ଼ଭାଇ ରୁମି ଓ ସାନଭାଇକୁ କୁଣ୍ଢେଇ ଧରିଲେ । ଆମେ କେବଳ ଭାଇ ଭାଇ ନୁହେଁ ଆମର ଗୋଟିଏ ସୁନାନାକୀ ଭଉଣୀ ବି ଅଛି । ଏଇ କଥାରେ ସମସ୍ତଙ୍କ ମୁହଁରେ ହସ ଖେଳିଗଲା । ପରଦିନ ଗାଁରୁ ଫେରିଲା ବେଳେ ପୁଣି ନଜର ପଡ଼ିଗଲା ଭାଇ-ଭାଇ ହୋଟେଲ ଉପରେ । ଆଲୋକ ଜାଣିଶୁଣି ନାଁଟି ପଢ଼ିଲା ପରି ଜୋର ଜୋରରେ କହୁଥିଲେ ଭାଇ-ଭାଇ ।

ଭବାନୀପାଟଣା ।



# ପରିଚୟ

- ମଧୁସ୍ମିତା ସେନାପତି

ଏକ ସମୟର କଥା, ଜଣେ ବେପାରୀ ନିଜର ତିନି ଝିଅଙ୍କ ସହ ଏକ ଗ୍ରାମରେ ରହୁଥିଲା । ସେ ବେପାରୀ ଜଣକ ତାର ତିନି ଝିଅଙ୍କୁ ବହୁତ ଭଲ ପାଉଥିଲା । ଦିନେ କିଛି କାମ ପାଇଁ ତାଙ୍କୁ ଅନ୍ୟ ଏକ ଦେଶକୁ ଯିବାକୁ ପଡ଼ିଲା । ତେଣୁ ଯିବା ପୂର୍ବରୁ ସେ ତିନି ଝିଅଙ୍କୁ ନିଜ ପାଖକୁ ଡାକିଲା ଆଉ ପଚାରିଲା କି ମୋ କୁନି ଝିଅମାନେ କୁହ ସେ ବିଦେଶରୁ ମୁଁ ତମମାନଙ୍କ ପାଇଁ କ'ଣ ଆଣିବି ? ଏହା ଶୁଣି ବଡ଼ ଝିଅ କହିଲା - ମୋ ପାଇଁ ସୁନ୍ଦର ପୋଷାକ ଆଣିଦେବ । ଦ୍ୱିତୀୟ ଝିଅ କହିଲା ମୋ ପାଇଁ ସୁନ୍ଦର କଣ୍ଢେଇଟେ ଆଣିଦେବ ଏବଂ ସାନଝିଅ ଯାହାର ନାମ ଥିଲା ଐଶ୍ୱର୍ଯ୍ୟା ସେ କହିଲା ମୋ ପାଇଁ ଗୋଟେ ସୁନ୍ଦର ଗୋଲାପ ଫୁଲଟି ଆଣିଦେବ । ପରବର୍ତ୍ତୀ ସମୟରେ ବେପାରୀ ଜଣକ ତିନି ଝିଅଙ୍କୁ ସେମାନଙ୍କ ମନ ପସନ୍ଦର ଉପହାର ଆଣିବ ବୋଲି ପ୍ରତିଶୃତି ଦେଇ ବିଦେଶକୁ ଯାତ୍ରା କଲା ।

ଯେତେବେଳେ ବେପାରୀର କାର୍ଯ୍ୟ ଶେଷ ହେଲା ସେତେବେଳେକୁ ସନ୍ଧ୍ୟା ହେବାକୁ ଲାଗିଲା ଏଥି ସହିତ ଝଡ଼ି ତୋଫଶନ ସହ ପ୍ରବଳ ବର୍ଷା ହେବାକୁ ଆରମ୍ଭ ହେଲା । ମେଘମୟ ଆକାଶକୁ ଝଡ଼ି ତୋଫାନ ସହ ପ୍ରବଳ ବର୍ଷା ଏପରି ସ୍ଥିତିରେ ବେପାରୀ ଜଣକ ନିଜ ଘରର ରାସ୍ତା ଭୁଲିଗଲେ ଓ ସେହି ସମୟରେ ଏକ ସଫା କିରଣର ରଶ୍ମି ବେପାରୀ ସାମ୍ନାକୁ ଆସିଲା ସେ କିରଣ ରଶ୍ମିରେ ଗୋଟେ ବିରାଟ ବେପାରୀଙ୍କ ନଜରରେ ପଡ଼ିଲା । ସେ ପ୍ରସାଦ ଆଡ଼କୁ ଚାଲିଲେ ଓ ଯେତେବେଳେ ସେ ପ୍ରାସାଦରେ ପହଂଚିଲେ ସେଠାରେ କେହି ବି ନଥିଲେ ଆଶ୍ଚର୍ଯ୍ୟର କଥା ଯେ କେହି ନଥାଇ ମଧ ସେଠାରେ ଅନେକ ପ୍ରକାର ବ୍ୟଞ୍ଜନ ଟେବୁଲ ଉପରେ ରଖା ଯାଇଥିଲା । ସେ ପ୍ରାସାଦରେ ଗୋଟେ ରାତି କଟେଇବା ପାଇଁ ମନସ୍ଥ କଲେ କିନ୍ତୁ ସେ ସୁସ୍ୱାଦୁ ଖାଦ୍ୟକୁ ଦେଖି ବେପାରୀଜଣଙ୍କ ଭୋକ ଆହୁରି ବଢ଼ିଗଲା । ସେ ନିଜ ଭୋକ ସମ୍ଭାଳି ନପାରି ସେ ସୁସ୍ୱାଦୁ ଖାଦ୍ୟକୁ ଖାଇ ନିଜ ଭୋକ ମେଣ୍ଟେଇବାକୁ ଚେଷ୍ଟା କଲେ । ସେ ମହଲରେ କେହି ନଜରକୁ ଆସୁ ନଥିବାରୁ ବେପାରୀ ଜଣକ ସେହିଠାରେ ରାତି ଟିଏ ବିତାଇବାକୁ ନିଶ୍ଚିତ କଲେ । ତେଣୁ ସେ ପୁରା ପେଟ ଖାଇ ପିଇ ଏବଂ ଗୋଟିଏ କୋଠରୀରେ ନରମ ଗଦି ଉପରେ ଶୋଇ ପଡ଼ିଲେ । ସକାଳେ ଯେତେବେଳେ ବେପାରୀ ଉଠି ଉଦ୍ୟାନକୁ ଗଲେ । ସେତେବେଳେ ଉଦ୍ୟାନରେ ସେ ସୁନ୍ଦର ଗୋଲାପ ଦେଖିଲେ, ସେତେବେଳେ ସେ ଐଶ୍ୱର୍ଯ୍ୟା ଦ୍ୱାରା ଦିଆଯାଇଥିବା ପ୍ରତିଜ୍ଞା ହଠାତ୍ ତାଙ୍କର ମନେ ପଡ଼ିଲା । ସେ ଏକ ଗୋଲାପ ଫୁଲ ଭାଙ୍ଗି ଘର ଆଡ଼କୁ ଯିବାକୁ ଲାଗିଲେ । ଯେତେବେଳେ ସେଠାରେ ଏକ ଭୟଙ୍କର ରାକ୍ଷସ ତାଙ୍କ ସାମ୍ନାରେ ଦେଖାଦେଲା ଏବଂ ସେ ବିରାଟ ରାକ୍ଷସ ଜଣକ କହିବାକୁ ଲାଗିଲା ମୁଁ ତୁମକୁ ମୋର ଖାଦ୍ୟ ଖାଇବାକୁ ଦେଲି ତୁମକୁ କୋମଳ ଗଦି ଉପରେ ଶୋଇବାକୁ ଦେଲି ଏବଂ ତୁମେ ମୋର ବଗିଚାରୁ ଗୋଲାପ ଫୁଲ ଚୋରି କରୁଛ ? ଏଥିପାଇଁ ତୁମକୁ ନିଶ୍ଚୟ ଦଣ୍ଡ ଭୋଗିବାକୁ ପଡ଼ିବ । ବେପାରୀ ଜଣକ ବହୁତ ଭୟଭୀତ ହୋଇଗଲେ । ବେପାରୀ ବହୁତ ଭୟଭୀତ ହୋଇ ଥରି ଥରି କହିବାକୁ ଲାଗିଲେ କି ମୋତେ କ୍ଷମା କର । ମୋତେ କ୍ଷମା କର । ମୋତେ ହତ୍ୟା କରନାହିଁ । ମୁଁ ନିଜପାଇଁ ଏହି ଗୋଲାପକୁ ତୋଳି ନାହିଁ, ମୁଁ ମୋ ଝିଅ ପାଇଁ ଏହାକୁ ତୋଳି ଦେଇଛି ।

ମୁଁ ମୋ ଝିଅକୁ ପ୍ରତିଶୃତି ଦେଇଥିଲି ଯେ ମୁଁ ତା ପାଇଁ ଗୋଟେ ଗୋଲାପ ଫୁଲ ଆଣିଦେବି । ଏହା ଶୁଣି ଭୂତ ବ୍ୟବସାୟୀକୁ କହିଲା ଯେ ସେ ତାଙ୍କୁ ଗୋଟିଏ ସର୍ତ୍ତରେ ଛାଡ଼ିଦେବ, ତେଣୁ ସେ ତାଙ୍କ ଝିଅକୁ ରାଜପ୍ରାସାଦକୁ ପଠାଇବାକୁ ପଡ଼ିବ । ଭୟଭୀତ ହୋଇ ବିସ୍ମିତ ହୋଇ ବେପାରୀ ତାଙ୍କ ଝିଅମାନଙ୍କୁ ସବୁକିଛି କହିଲେ । ଏଥିସହିତ ଐଶ୍ୱର୍ଯ୍ୟାକୁ କ୍ଷମା ମାଗି କହିଲେ ମୁଁ ମୋର ଜୀବନ ବଂଚାଇବା ପାଇଁ ସେତେବେଳେ କିଛି ବୁଝିପାରି ନଥିଲି ଏବଂ ମୁଁ ଏହି ପ୍ରତିଶୃତି ଦେବା ପାଇଁ ବାଧ ହୋଇଗଲି ଓ ସେ ରାକ୍ଷସକୁ ପ୍ରତିଶୃତି ଦେଇ ଆସିଲି । ମୋତେ କ୍ଷମା କରିଦେ । ଐଶ୍ୱର୍ଯ୍ୟା ତୁମର ଏ ସ୍ୱାର୍ଥପର ପିତାଙ୍କୁ କ୍ଷମା କର । ଐଶ୍ୱର୍ଯ୍ୟା ନିଜ ପିତାଙ୍କୁ ଆଲିଙ୍ଗନ କରି ସାନ୍ତ୍ୱନା ଦେଇ କହିଲା, ବାପା ତୁମେ ଚିନ୍ତା କରନାହିଁ ମୁଁ ତୁମର ସବୁ ପ୍ରତିଜ୍ଞା ପାଳନ କରିବି ।

ରାଜପ୍ରାସାଦରେ ପହଂଚିବା ପରେ ଐଶ୍ୱର୍ଯ୍ୟା ବହୁତ ଭୟଭୀତ ହୋଇଯାଇଥିଲା, ରାକ୍ଷସର ଭୟଙ୍କର ଚେହେରା ଦେଖି ସେ ବହୁତ ଡରି ଯାଇଥିଲେ, କିନ୍ତୁ ରାକ୍ଷସ ଜଣକ ତାଙ୍କୁ ଖୋଲା ହୃଦୟରେ ସ୍ୱାଗତ କଲା । ରାକ୍ଷସ ତାଙ୍କୁ ରହିବାକୁ ତାଙ୍କ ପ୍ରାସାଦରେ ସର୍ବୋତ୍ତମ କୋଠରୀ ଦେଲା ଏବଂ ଯେତେବେଳେ ଐଶ୍ୱର୍ଯ୍ୟା ଅଗ୍ନି ସାମ୍ନାରେ ବସି ରୋଷେଇ କରୁଥିଲା ସେତେବେଳେ ରାକ୍ଷସ ତାଙ୍କ ପାଖରେ ଘଣ୍ଟା ଘଣ୍ଟା ଧରି ଚାହିଁ ରହୁଥିଲା । ଧୀରେଧୀରେ ଦୁହେଁ ପରସ୍ପରକୁ ପସନ୍ଦ କରିବାକୁ ଲାଗିଲେ ଏବଂ ସେମାନେ ଭଲ ବନ୍ଧୁ ମଧ ହୋଇଗଲେ । ଏବେ ଦୁହେଁ ଦିନସାରା ପରସ୍ପର ସହ କଥା ହୋଇ ଖୁସି ରହୁଛନ୍ତି । ରାକ୍ଷସ ଐଶ୍ୱର୍ଯ୍ୟାକୁ ଭଲ ପାଉଥିଲା ଏବଂ ତାଙ୍କୁ ବିବାହ କରିବାକୁ ଚାହୁଁଥିଲା । କିନ୍ତୁ ଭୟ କରୁଥିଲା ଯେ ଯଦି ସେ ଐଶ୍ୱର୍ଯ୍ୟାକୁ ବିବାହ ପ୍ରସ୍ତାବ ଦିଏ ତେବେ ସେ କଦାପି ରାକ୍ଷସକୁ ବିବାହ କରିବାକୁ ଇଚ୍ଛା କରିବେ ନାହିଁ ।

ବହୁତ ସାହସ ସହିତ ଦିନେ ସେ ନିଜ ହୃଦୟର କଥା ଐଶ୍ୱର୍ଯ୍ୟାକୁ କହିବାକୁ ସ୍ଥିର କଲା । ଯେତେବେଳେ ସେ ଐଶ୍ୱର୍ଯ୍ୟା ପାଖରେ ପହଂଚିଲା ସେତେବେଳେ ସେ ଦେଖିଲା ଯେ ଐଶ୍ୱର୍ଯ୍ୟା ତାଙ୍କ ପିତାଙ୍କୁ ମନେ ପକାଇ ଦୁଃଖରେ କାନ୍ଦୁଛନ୍ତି । ସେ ଐଶ୍ୱର୍ଯ୍ୟାକୁ

କାନ୍ଦୁଥିବାର ଦେଖି ରହି ପାରିଲାନାହିଁ ଏବଂ ସେ ଐଶ୍ୱର୍ଯ୍ୟାକୁ ଏକ ଯାଦୁକରୀ ଦର୍ପଣ ଦେଲା । ଯାହାଫଳରେ ସେ ତାଙ୍କ ପିତାଙ୍କୁ ଦେଖିପାରିବେ । ଐଶ୍ୱର୍ଯ୍ୟା ଏହାକୁ ଦେଖି ବହୁତ ଖୁସି ହେଲା, କିନ୍ତୁ ଯେତେବେଳେ ସେ ତାଙ୍କ ପିତାଙ୍କୁ ଦେଖିଲା, ସେତେବେଳେ ସେ ବହୁତ ଅସୁସ୍ଥ ହୋଇ ଯାଉଥିଲେ ।

ଏହା ଦେଖି ଐଶ୍ୱର୍ଯ୍ୟା ନିଜ ପିତାଙ୍କୁ ଦେଖିବାକୁ ଚାହିଁଲା ଓ ପିତାଙ୍କ ପାଖକୁ ଯିବା ପାଇଁ ଇଚ୍ଛା ପ୍ରକଟ କଲା ଓ ରାକ୍ଷସକୁ ଅନୁମତି ମାଗିଲା । ରାକ୍ଷସ ତାଙ୍କୁ ପିତାଙ୍କ ସହ ଭେଟିବାକୁ ଅନୁମତି ଦେଲା ଏବଂ ସାତ ଦିନ ମଧ୍ୟରେ ଫେରିବାକୁ କହିଲା । ଐଶ୍ୱର୍ଯ୍ୟା ଠିକ୍ ସମୟରେ ଆସିବାକୁ ପ୍ରତିଶୃତି ଦେଇ ନିଜ ଘରକୁ ଚାଲିଗଲା । ବେପାରୀ ଜଣକ ସାମ୍ନାରେ ଦେଖି ଅତ୍ୟନ୍ତ ଖୁସି ହୋଇଗଲା । ଝିଅ ମଧ୍ୟ ପିତାଙ୍କୁ ସାମନାରେ ଦେଖି ବହୁତ ଆନନ୍ଦିତ ହୋଇଗଲା ଏବଂ ପିତାଙ୍କୁ ଏହା କହିବାକୁ ଲାଗିଲା ଯେ ରାକ୍ଷସ ନିଷ୍ଠୁର ହୋଇପାରେ କିନ୍ତୁ ସେ ହୃଦୟ ପ୍ରତି ଅତ୍ୟନ୍ତ ଆନ୍ତରିକ ଓ ଦୟାଳୁ । ଧୀରେଧୀରେ ସ୍ୱାସ୍ଥ୍ୟ ଉନ୍ନତି ଆସିଲା । ଯେତେବେଳେ ପରିବାରକୁ ଭେଟିବାର ସୁଖରେ ସାତ ଦିନ କିପରି ବିତିଗଲା, ତାହା ଐଶ୍ୱର୍ଯ୍ୟାକୁ ଜଣା ପଡ଼ିଲାନାହିଁ । ଦିନେ ଐଶ୍ୱର୍ଯ୍ୟା ସ୍ୱପ୍ନରେ ଦେଖିଲା ଯେ ରାକ୍ଷସର ଅବସ୍ଥା ବହୁତ ଖରାପ ଏବଂ ଶୀଘ୍ର ମରିବାକୁ ଯାଉଛି । ଐଶ୍ୱର୍ଯ୍ୟା ତାଙ୍କୁ ଦେଖି ମନ ଦୁଃଖରେ କାନ୍ଦିବାକୁ ଲାଗିଲା ଓ କହିବାକୁ ଲାଗିଲା ମୋତେ ଛାଡ଼ି ଯାଅ ନାହିଁ ମୁଁ ତୁମକୁ ବହୁତ ଭଲପାଏ ଏବଂ ତୁମକୁ ବିବାହ କରିବାକୁ ଚାହେଁ । ମୁଁ ମୋର ସମସ୍ତ ଜୀବନ ତୁମ ସହିତ ବିତାଇବାକୁ ଚାହୁଁଛି । ଐଶ୍ୱର୍ଯ୍ୟାର ଏପରି ଶବ୍ଦ କହିବା ମାତ୍ରେ ଏକ ଆଲୋକ ରାକ୍ଷସକୁ ଆଚ୍ଛାଦନ କଲା ଏବଂ ଯେତେବେଳେ ସେହି ଆଲୋକଟି ଅଦୃଶ୍ୟ ହୋଇଗଲା ସେହି ସମୟରେ ନିଷ୍ଠୁର ଦେଖାଯାଉଥିବା ରାକ୍ଷସ ଏକ ସୁନ୍ଦର ରାଜକୁମାରରେ ପରିଣତ ହୋଇଗଲା ।

ରାଜକୁମାର ନିଜ କଥା ଐଶ୍ୱର୍ଯ୍ୟାକୁ କହିବାକୁ ଲାଗିଲେ ଯେ ସେ ଜଣେ ଯାଦୁଗର ତାଙ୍କୁ ଯାଦୁ ଦ୍ୱାରା ଜଣେ ରାକ୍ଷସ ଏପରି କରିଦେଇଥିଲା ଏବଂ ଏହି ଯାଦୁ ସେତେବେଳେ ଯାଦୁ କରିବା ବନ୍ଦ କରିବ ଯେତେବେଳେ ଜଣେ କେହି ତାଙ୍କ ଭୟାନକ ମୁହଁକୁ ନ ଦେଖି ତାଙ୍କ ଗୁଣକୁ ଓ ତାଙ୍କୁ ପ୍ରକୃତରେ ଭଲ ପାଇବ ସେତେବେଳେ ସେ ତାଙ୍କ ଉପରେ ହେଇଥିବା ଯାଦୁ ଆଉ କାମ କରିବନି । ଠିକ୍ ସେହିପରି ଜଣେ ଝିଅ ଐଶ୍ୱର୍ଯ୍ୟା । ରାଜକୁମାରଙ୍କୁ ମିଳିଯାଇଥିଲା । ସେ ପୁନଃ ନିଜ ସୁନ୍ଦର ଚେହେରା ପାଇପାରିଲେ ଓ ସେ ଦୁହେଁ ବିବାହ କରି ନିଜ ସୁନ୍ଦର ଦୁନିଆରେ ଖୁସିରେ ଜୀବନ ବିତାଇବାକୁ ଲାଗିଲେ ।

ନୀତିଶିକ୍ଷା – ଏହି କାହାଣୀରୁ ଆମେ ଏହି ଶିକ୍ଷା ପାଇଲେ ଯେ କାହାରି ରୂପକୁ ଦେଖି କାହାର ବ୍ୟକ୍ତିତ୍ୱକୁ ବିଚାର କରିବା ଉଚିତ ନୁହେଁ । ବ୍ୟକ୍ତିର ବାହ୍ୟ ରୂପ କେବଳ ଛଳନା ହୋଇପାରେ ପରନ୍ତୁ, ତାଙ୍କର ସ୍ୱଚ୍ଛ ହୃଦୟ ତାଙ୍କର ଗୁଣ ଦେଖି ମଣିଷକୁ ଭଲ ପାଇବା ହିଁ ହେଉଛି ପ୍ରକୃତ ମାନବତାର ପରିଚୟ ।

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଛାତ୍ର
ଫୁଲନଖରା, କଟକ ।



# ଓଁ ସାଇନାଥାୟ ନମଃ - ସାଇ ଅନୁଭୂତି ୨୦୧୧

- ସନ୍ତୋଷ କୁମାର ପାଲ

ଓଁ ଶ୍ରୀ ଶ୍ରୀ ସଚ୍ଚିଦାନନ୍ଦ ସଦ୍‌ଗୁରୁ ରାଜାଧିରାଜ ମହାରାଜ ଶିରିଡ଼ି ସାଇବାବାଙ୍କ ପବିତ୍ର ପାଦପଦ୍ମରେ ଭକ୍ତି, ଶ୍ରଦ୍ଧା ଓ ବିଶ୍ୱାସର ସହିତ ମୋର ଅଙ୍ଗେ ନିଭାଇଥିବା ଅନୁଭୂତିକୁ ଭକ୍ତ ସମାଜ ଉଦ୍ଦେଶ୍ୟରେ ସାଇବାବାଙ୍କ ଚରଣାରବିନ୍ଦରେ ଅର୍ପଣ କରି ପୂଜାଫୁଲ କରି ଟେକିଦେଲି ।

୨୦୦୯ ମସିହାର କଥା । ମୁଁ ସେତେବେଳେ ମଂଚଗୁରୁ ନିର୍ଦ୍ଦେଶକ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଦାଶଙ୍କ ତତ୍ତ୍ୱାବଧାନରେ ଶ୍ରୀକ୍ଷେତ୍ର ନାଟକ ଉତ୍ସବ କମିଟି ପୁରୀ ଆନୁକୂଲ୍ୟରେ ଅନ୍ନପୂର୍ଣ୍ଣା ରଂଗମଞ୍ଚରେ ମାସିକ ନାଟକରେ ଅଭିନୟ କରୁଥାଏ । ଥରେ ସାରଙ୍କ ଘରେ ବସିଥିବା ବେଳେ ହଠାତ୍ ଜଣେ ସହୃଦୟ ବ୍ୟକ୍ତି ଘର ଭିତରକୁ ପଶିଆସିଲେ । ସେ ହେଉଛନ୍ତି ଶିରିଡ଼ି ସାଇ ଭକ୍ତ ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଫୁଲ୍ଲ ମହାନ୍ତି । ଅନେକ ପିଲାଙ୍କ ସହିତ କଥୋପକଥନ କଲେ ମଧ୍ୟ କେଜାଣି କାହିଁକି ମୋତେ ନିଜର ଶିଷ୍ୟଭାବେ ଗ୍ରହଣ କଲେ । କାଳକ୍ରମେ ସେହିଦିନ ଠାରୁ ମୋର ମଞ୍ଚଗୁରୁ ନିତ୍ୟାନନ୍ଦ ଦାଶ ଓ ଚଳଚିତ୍ର ନିର୍ଦ୍ଦେଶକ ପ୍ରଫୁଲ୍ଲ ମହାନ୍ତିଙ୍କ ସହିତ ଘନିଷ୍ଠ ସମ୍ପର୍କ ବଢ଼ିବାକୁ ଲାଗିଲା । ଶ୍ରୀଯୁକ୍ତ ମହାନ୍ତି ହେଉଛନ୍ତି ସରଳ, ଅମାୟିକ ବ୍ୟକ୍ତିତ୍ୱ ଓ ଜଣେ ସଚ୍ଚୋଟ ସାଇଭକ୍ତ । ଯଦିଓ ମୋର ଭଗବାନଙ୍କ ଉପରେ ବିଶ୍ୱାସ ଥାଏ, ତଥାପି ମୁଁ ମୋର କର୍ମ ଉପରେ ଆଗ ବିଶ୍ୱାସ କରେ । ବାରମ୍ବାର ସାଇବାବାଙ୍କ ମାହାତ୍ମ୍ୟ ବିଷୟରେ ପ୍ରଫୁଲ୍ଲ ସାରଙ୍କ ଠାରୁ ଶୁଣିବାକୁ ପାଇଲି । ଏପରିକି ସାଇବାବାଙ୍କୁ ରୁମାଲ ଦାନକଲେ ସେ ଚାଦର ଆକାରରେ ଫେରାନ୍ତି ଓ ସାଇଙ୍କୁ ଯିଏ ଶ୍ରଦ୍ଧା ଓ ଭକ୍ତିର ସହିତ ଡାକେ ସିଏ କେବେହେଲେ ଅସୁବିଧାର ସମ୍ମୁଖୀନ ହୁଏନାହିଁ । ସେହି ମହାତ୍ମ୍ୟ କଥା ଶୁଣି କାହିଁକେଜାଣି ସାଇବାବାଙ୍କ ପ୍ରତି ମୋର ଶ୍ରଦ୍ଧା ଓ ଭକ୍ତି ବଢ଼ିବାକୁ ଲାଗିଲା । ସେହିଦିନ ପ୍ରଫୁଲ୍ଲ ସାରଙ୍କ ଠାରୁ ସାଇ ମନ୍ତ୍ର ଓ ବିଭୂତି ଅନ୍ତରର ସହିତ ଗ୍ରହଣ କରି ଅହଂକାରକୁ ମନ ଭିତରୁ ତ୍ୟାଗ କରି ବାବାଙ୍କ ଚରଣରେ ନିଜକୁ ଅର୍ପଣ କଲି । କେବଳ ସାଇଙ୍କୁ ବିଶ୍ୱାସ କରି ଆଜି ପର୍ଯ୍ୟନ୍ତ ପ୍ରଫୁଲ୍ଲ ସାରଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସାହାଯ୍ୟ ସହଯୋଗ ପ୍ରଦାନ କରି ଆସୁଛି । କାରଣ ଅନ୍ୟର ଦୁଃଖରେ ଯିଏ ଦୁଃଖି ତାର ଦୁଃଖରେ ଅନ୍ୟଜଣେ ନିଶ୍ଚିତ ଦୁଃଖି ହେବବୋଲି ଭଗବତ ଗୀତାରେ ଉଲ୍ଲେଖ ଅଛି । କିଛିଦିନ ପରେ ପ୍ରଫୁଲ୍ଲ ସାର ଶିରିଡ଼ି ଯାଇ ମୋ ପାଇଁ ଏକ ସାଇ ସତଚରିତ ଗ୍ରନ୍ଥ ଏବଂ ସାଇମୂର୍ତ୍ତି ମୋତେ ଆଣି ପ୍ରଦାନ କଲେ । ସେହିଦିନଠାରୁ ସାଇମୂର୍ତ୍ତି ପୂଜା କରି ଦିନେନା ଦିନେ ଶିରିଡ଼ି ମାଟିକୁ ଯିବାପାଇଁ ପ୍ରତିଜ୍ଞା କଲି ।

କିଛିଦିନ ପରେ ସାଇଙ୍କ କୃପାରୁ ମୋ ସ୍ତ୍ରୀର ଔରସରୁ କନ୍ୟା ସନ୍ତାନଟିଏ ପୁରୀ ଡାକ୍ତରଖାନାରେ ହେରାପଞ୍ଚମୀ ଦିନ ଜନ୍ମଗ୍ରହଣ କଲା । ଯେହେତୁ ସାଇଙ୍କ କୃପାରୁ ଜନ୍ମ ନେଇଛି ତା ନାମ ଶ୍ରଦ୍ଧା ବୋଲି ଦେଲି ଏବଂ ତାର ପ୍ରତ୍ୟେକ ଅସୁବିଧାକୁ ଦୂର କରିବା ପାଇଁ ସାଇବାବାଙ୍କୁ ସମର୍ପି ଦେଲି । ଯେତେବେଳେ ମୋ ଝିଅକୁ ଏକବର୍ଷ ପୁରିଲା ସେହି ଦିନଠାରୁ ସାଇବାବାଙ୍କ ଫଟୋଚିତ୍ରକୁ ଦେଖି ଆନନ୍ଦର ସହିତ ସାଇବୋଲି କହି ସକାଳେ ସନ୍ଧ୍ୟାରେ ମନକୁମନ ମୁଣ୍ଡିଆ ମାରିଲା । ଆଜି ପର୍ଯ୍ୟନ୍ତ ସାଇଙ୍କ କୃପାରୁ ମୋ ଝିଅର କୌଣସି ଅସୁବିଧା ହୋଇନାହିଁ ଏବଂ ଆଗାମୀ ଭବିଷ୍ୟତରେ କିଛି ହେବନାହିଁ ବୋଲି ମୋର ଦୃଢ଼ ବିଶ୍ୱାସ । ଏମିତି କିଛିଦିନ ଅତିକ୍ରାନ୍ତ କରନ୍ତେ କାହିଁକି କେଜାଣି ଶିରିଡ଼ି ମାଟିକୁ ଯିବା ପାଇଁ ମନ ବ୍ୟାକୁଳ ହେଲା । ମୋ ମାଇଁ ଶାଶୁଙ୍କ ଝିଅ ଅର୍ଥାତ୍ ବିଭାହିତା ଶାଳୀ ମଞ୍ଜୁକୁ ଶିରିଡ଼ି ଯାତ୍ରା ପାଇଁ କହିଲି । ଏଥିରେ ଶାଳୀ ମଧ୍ୟ ସମ୍ମତି ପ୍ରଦାନ କଲା । ଥରେ ମୁଁ ମୋ ଶ୍ୱଶୁର ଘର ନିମାପଡ଼ା ବୁଲିବାକୁ ଯାଇଥିଲି । ବାପାଙ୍କୁ କହିଲି ବାପା ଆମେ କେତେଜଣ ମିଶି ଶିରିଡ଼ି ସାଇ ଯିବାପାଇଁ ମନସ୍ଥ କରିଛୁ । ତୁମେ ଯିବ କି? ବାପା ମଧ୍ୟ ଏଥିରେ ରାଜି ହୋଇଗଲେ । ଏମିତି ପଚାରୁ ପଚାରୁ ୧୩ ଜଣ ସମ୍ପର୍କୀୟ ବନ୍ଧୁ ଶିରିଡ଼ି ଯାତ୍ରା କରିବା ପାଇଁ ମୋତେ କହିଲେ । ଟିକଟ କାଟିବା ପାଇଁ ସୁରାଟରେ ଥିବା ମୋ ମଝିଆ ସଢୁଙ୍କ ସହିତ ଫୋନ ମାଧ୍ୟମରେ କଥାବାର୍ତ୍ତା କଲି । ୨୦୧୧ ସେପ୍ଟେମ୍ବର ମାସ ୧ ତାରିଖ ଦିନ ଶିରିଡ଼ି ଯାତ୍ରା  କରିବା ପାଇଁ ଟିକଟ କଟାଗଲା । ଯାତ୍ରା ଟିକଟ ନିଶ୍ଚିତ ହୋଇଗଲା ଅକ୍ଟୋବର ମାସ ୧୩ ତାରିଖ ପାଇଁ କିନ୍ତୁ ଫେରନ୍ତା ଟିକଟ ଅକ୍ଟୋବର ମାସ ୧୬ ତାରିଖ ଆର.ଏ.ସି. ରେ ରହିଲା । ସେହି ମହାନ୍ ଦିନକୁ ଅପେକ୍ଷା କରି ବନ୍ଧୁମାନେ ନିଜନିଜର ଆସବାବପତ୍ର ସଜାଡ଼ିବାରେ ଲାଗିଲେ । ସମସ୍ତଙ୍କ ମନ ମଧ୍ୟରେ ଆନନ୍ଦର ଲହରି ଖେଳି ଯାଉଥାଏ ଶିରିଡ଼ି ଦର୍ଶନ ପାଇଁ ।

ଦିନପରେ ଦିନ ଗଡ଼ି ଚାଲିଥାଏ । ୧୫ ଜଣଙ୍କ ଦାୟିତ୍ୱ ମୋ ଉପରେ ନ୍ୟସ୍ତ ଥାଏ । ଏବେ ଯାତ୍ରାକୁ କିପରି ଶିରିଡ଼ି ମାଟିକୁ ନେଇଯିବି ୫ଦିନ ପୂର୍ବରୁ ମୋତେ ଚିନ୍ତା ମାଡ଼ି ବସିଲା । ପ୍ରତ୍ୟେକ ଦିନ ସୂର୍ଯ୍ୟାସ୍ତ ପରେ ସାଇଙ୍କୁ ମୁଣ୍ଡିଆ ମାରୁଥାଏ । ହେ ସାଇ ତମେ ହିଁ ସବୁକିଛି । ତୁମେ ତୁମ ମାଟିକୁ ଆମମାନଙ୍କୁ ନେଇ ତମ ଦର୍ଶନ ଦେଇ ପୁଣି ଆମ ମାଟିରେ ଛାଡ଼ିଦିଅ । ଏହାହିଁ ଥିଲା ମୋର ସାଇଙ୍କ ପାଖେ ଅଳି । ହଠାତ୍ କାହିଁକି କେଜାଣି ଅକ୍ଟୋବର ମାସ ୧୨ ତାରିଖ ଦିନ ମୋତେ ଘମାଘୋଟ ଥଣ୍ଡା ଓ ଜ୍ୱର ମାଡ଼ି ଆସିଲା । ବସିଉଠି ପାରିବା ପାଇଁ ମୋ ପାଖେ ଦମ ନଥିଲା । ସାଇଙ୍କୁ ସ୍ମରଣ କରି କହିଲି ଯେତେ କଷ୍ଟ ହେଉନା କାହିଁକି ମୁଁ ତୁମ ପାଖକୁ ଯିବି, କେବଳ ତୁମରି ଦର୍ଶନ ପାଇଁ । ମାରିଲେ ମାରିବୁ ରଖିଲେ ରଖିବୁ କହି ସାଇ ଶରଣାପନ୍ନ ହୋଇଗଲି । ଅକ୍ଟୋବର ମାସ ୧୩ ତାରିଖ କଟକ ଠାରୁ ପ୍ରାତଃ ୭.୪୫ମି. ମନ୍‌ମାଡ଼୍ ଅଭିମୁଖେ ଲୋକମାନ୍ୟ ତିଳକ ସୁପରଫାଷ୍ଟ ଏକ୍ସପ୍ରେସ ଛାଡ଼ିବାର ଥିଲା । ଦେହରେ ଜ୍ୱରଥିବା ସତ୍ତ୍ୱେ ଶିରିଡ଼ି ଯାତ୍ରା ପାଇଁ ପ୍ରସ୍ତୁତ ହେଲି । ହଠାତ୍ ପ୍ରାତଃ ୭ ଘଣ୍ଟାରେ ମୋ ଫୋନ୍ ବାଜିଉଠିଲା ଏବଂ ଜଣେ ବନ୍ଧୁ ଶିରିଡ଼ି ଯିବା ପାଇଁ


ଟ୍ରେନ ୯ଘଣ୍ଟା ବିଳମ୍ବରେ ଛାଡ଼ିବା ବୋଲି ମୋତେ ଜଣାଇଦେଲେ । କଟକରୁ ସନ୍ଧ୍ୟା ୫ଟାରେ ଟ୍ରେନ୍ ଛାଡ଼ିବ । ସାଇଙ୍କ କୃପାରୁ ୨ଗୋଟି ବଟିକା ଖାଇ ୫ଘଣ୍ଟା ଶୋଇପଡ଼ିଲି । ହଠାତ୍ ଅପରାହ୍ଣ ୩ ଘଟିକାରେ ମୋ ନିଦ ଭାଂଗିଗଲା । ସ୍ୱପ୍ନରେ କିଏ କହିଦେଇଗଲେ ଶିରିଡ଼ି ଯିବୁ ପରା ଶୀଘ୍ର ଉଠୁ । ସତକୁ ସତ ମୋ ଦେହରେ ଦମ୍ଭ ମାଡ଼ି ଆସିଲା । ଜ୍ୱର କୁଆଡ଼େ ଉଭେଇଗଲା । ଚଳଚଂଚଳ ହୋଇ ଶିରିଡ଼ି ଯିବାପାଇଁ ସମସ୍ତେ ଅକ୍ଟୋବର ୧୩-୨୦୧୧ ଗୁରୁବାର ଦିନ ତତପର ହୋଇଗଲୁ । କଟକ ରେଳଷ୍ଟେସନରୁ ଯାତ୍ରା ଆରମ୍ଭ କଲୁ ଏବଂ ଶୁକ୍ରବାର ରାତ୍ର ୧୦ ଘଟିକାରେ ଶିରିଡ଼ି ଆଶ୍ରମରେ ପହଂଚିଗଲୁ । ଶିରିଡ଼ି ଆଶ୍ରମରେ ରହିବା ପାଇଁ ଆଗରୁ ଆମେ ମନସ୍ଥ କରିଥିଲୁ । ସମସ୍ତେ କିଛି ସମୟ ପାଇଁ ଆଶ୍ରମରେ ବିଶ୍ରାମ କଲେ କିନ୍ତୁ ମୋ ଆଖିରେ ନିଦ ନଥାଏ । ସାଇଙ୍କ କାକଡ଼ ଆରତୀ ଦର୍ଶନ ପାଇଁ ମୋ ମନ ବ୍ୟାକୁଳ ହେଉଥାଏ । ସ୍ନାନ ଶଉଚାଦି ସାରି ସମସ୍ତେ ବାହାରି ପଡ଼ିଲୁ ବାବାଙ୍କ କାକଡ଼ ଆରତୀ ଦର୍ଶନ ଅଭିମୁଖେ ପ୍ରାତଃ ସାଢ଼େ ୩ ଘଟିକା ସମୟରେ । ସାଇ ଆଶ୍ରମଠାରୁ ବାବାଙ୍କ ମନ୍ଦିର ୨ କିଲୋମିଟରର ରାସ୍ତା ହୋଇଥିଲେ ମଧ କାହାରି ପାଦରେ ଯନ୍ତ୍ରଣା ଅନୁଭବ ହେଉନଥାଏ । ସମସ୍ତେ କାକଡ଼ ଆରତୀ ଦେଖିବାପରେ ସାଇ ଆସ୍ଥାନ ଦର୍ଶନ ନିମନ୍ତେ ସାଇ ଗମ୍ଭୀରା ଭିତରକୁ ପ୍ରବେଶ କଲୁ । ମୁଁ ସାଇ ଆସ୍ଥାନକୁ ଦୁଇଥର ସ୍ପର୍ଶ କଲି । ଆଉ ମୁଁ ନେଇଥିବା ଶ୍ରଦ୍ଧାର ଗୋଲାପ ଫୁଲକୁ ସାଇଙ୍କୁ ସ୍ପର୍ଶକରି ମୋ ହାତକୁ ପୁନର୍ବାର ଭାଇନା ଫେରାଇ ଦେଲେ । ସାଇମାଟିର ସ୍ପର୍ଶ ପାଇବାମାତ୍ରେ ମୋ ମନରେ ଦୃଢ଼ ବିଶ୍ୱାସ ଜାଗ୍ରତ ହେଲା । ସାଇ ଦର୍ଶନ ସରିବା ପରେ ସାଇ ଆଶ୍ରମରୁ ନିଜ ନିଜର ପ୍ରସାଦ ଓ ବିଭୂତି ନେଇ ଚାଲିଗଲୁ । ସାଇ ଆଶ୍ରମରେ ରହି ଏକ ଟଙ୍କାରେ ସ୍ପେଶାଲ ଚାହା ଦେଢ଼ ଟଙ୍କାରେ ସ୍ପେଶାଲ କ୍ଷୀର ଏବଂ ଦଶଟଙ୍କାରେ ପ୍ରସାଦ ସେବନ କରି ଆନନ୍ଦ ଉପଭୋଗ କଲୁ । ତା ପରେ ସାଇ ଶନିମନ୍ଦିର ଦର୍ଶନ ନିମନ୍ତେ ସିଂଗାପୁର ଯାତ୍ରାକଲୁ । ସେଠାରେ ଶନି ଠାକୁରଙ୍କ ଦର୍ଶନ ସାରି ପୁଣି ଆଶ୍ରମକୁ ଫେରିଆସିଲୁ । ସମସ୍ତେ ଏକତ୍ରିତ ହୋଇ ଶିରିଡ଼ି ସାଇଙ୍କ ମହିମା ବିଷୟରେ ଆଲୋଚନା କରି ଆନନ୍ଦରେ ରାତ୍ରୀଯାପନ କଲୁ । ତା ପରଦିନ ଅର୍ଥାତ୍ ରବିବାର ଦିନ ମନରେ ଇଚ୍ଛା ନଥିଲେ ମଧ କେତେଜଣ ବନ୍ଧୁଙ୍କ କଥାକୁ ରକ୍ଷାକରି ଟ୍ୟାକ୍ସି ଯୋଗେ ନାସିକ ଯାତ୍ରାକଲୁ । ନାସିକରେ ଥିବା ବହୁତ ଦର୍ଶନୀୟ ସ୍ଥାନ ଯଥା ମୁକ୍ତିଧାମ, ତ୍ରୟମ୍ବକେଶ୍ୱର ମନ୍ଦିର ଏବଂ ପଂଚବଟୀ ଆଦି ଦର୍ଶନ ସାରି ଆଶ୍ରମକୁ ଫେରିବା ପାଇଁ ପ୍ରସ୍ତୁତ ହେଲୁ । କାରଣ ସେହିଦିନ ରାତ୍ର ୯ଘଣ୍ଟା ୪୦ ମିନିଟରେ ମନମାଡ଼ରୁ ଆମର ଟ୍ରେନ୍ ଥାଏ । ମୋ ମନରେ ବହୁତ ଭୟ ଥାଏ । ହଠାତ ପଂଚବଟୀରୁ ଆସିବା ରାସ୍ତାରେ ପ୍ରବଳ ବର୍ଷା ଆରମ୍ଭ ହୋଇଗଲା । ଗାଡ଼ି ଆମର ୬୦ ସ୍ପିଡ଼ିରେ ଥାଏ । ରାସ୍ତାରେ ଦେଢ଼ଫୁଟର ଏକ ଖାଲ ପାଣି ଭର୍ତ୍ତି ହୋଇ ରୋଡ଼ ସହିତ ଥାଏ । ହଠାତ ସେହି ଖାଲରେ ଗାଡ଼ି ପଡ଼ିବା ମାତ୍ରେ ହଠାତ ମୁଁ ଜୟ ସାଇରାମ ଧ୍ୱନି ଦେବାରୁ ଗାଡ଼ି ଖାଲରୁ ଉଠି ଶିରିଡ଼ି ଅଭିମୁଖେ ଯାତ୍ରା କଲା । ସେଦିନ ଆମର ରୁମ ଛାଡ଼ିବାର ସମୟ ଥିଲା ସନ୍ଧ୍ୟା ୭ଘଟିକାରେ କିନ୍ତୁ ଗାଡ଼ି ଆସି ୭ ଘଣ୍ଟା ୨୦ ମିନଟରେ ଆଶ୍ରମରେ ପହଂଚିଲା । ମୋ ମୁଣ୍ଡ କାମ କରୁନଥାଏ । ଶିରିଡ଼ି ଆଶ୍ରମର କାଉଣ୍ଟର ୭ଘଣ୍ଟା ୩୦ ମିନିଟରେ ବନ୍ଦ ହୁଏ । ପୁଣି ଏପଟେ ଟ୍ରେନ୍ ମନମାଡ଼ଠାରୁ ରାତ୍ର ୯ଟା ୪୦ ମିନିଟରେ ଛାଡ଼ିବ । ସାଇ ଆଶ୍ରମରୁ ମନମାଡ ୭୫ କିଲୋମିଟର ରାସ୍ତା । ସାଇବାବାଙ୍କୁ ମନରେ ସ୍ମରଣ କରି ମୋ କାମ କରି ଚାଲୁଥାଏ । ରୁମ ବାଲା ମନାକରିବା ସତ୍ତ୍ୱେ ସାଇବାବାଙ୍କ ନାମ ଧରି କହିବାରୁ ଆଶ୍ରମ କାମ ୧୦ ମିନିଟରେ ହୋଇଗଲା । ଆଶ୍ରମ ପାଖରେ କୌଣସି ଟ୍ୟାକ୍ସି ମନମାଡ଼ ଯିବାପାଇଁ ନଥିବା ସତ୍ତ୍ୱେ ହଠାତ୍ ଜଣେ ସହୃଦୟ ବ୍ୟକ୍ତି କୁଆଡ଼େ ଯିବବୋଲି ମତେ ପଚାରନ୍ତି । ମୁଁ କହିଲି ଆମେ ମନମାଡ଼ ଯିବାର ଅଛି କାରଣ ଆମ ଟ୍ରେନ୍ ରାତ୍ର ୯ ଟା ୪୦ ମିନିଟରେ ଅଛି । ସେ କାହିଁକି କେଜାଣି କହିଲା ମୁଁ ଆପଣମାନଙ୍କୁ ମନମାଡ଼ରେ ପହଂଚାଇ ଦେବି । ସେହି ଟ୍ୟାକ୍ସିଟି ସାଇ ଆଶ୍ରମରୁ ରାତ୍ର ୮ ଘଟିବା ସମୟରେ ମନମାଡ଼ ଅଭିମୁଖେ ଯାତ୍ରା ଆରମ୍ଭ କଲା । ମୁଁ ସାଇବାବାଙ୍କୁ ସ୍ମରଣ କରି କହୁଥାଏ ପ୍ରଭୁ ଟ୍ରେନ୍ ଆଉ କିଛି ସମୟ ବିଳମ୍ବରେ ଛାଡୁ ।

ଭଗବାନ ସାଇ ଭକ୍ତକୁ ବିଭିନ୍ନ ଦିଗରୁ ପରୀକ୍ଷା କରନ୍ତି । ସେଦିନର କଥା ମନେ ପକାଇଲେ ଏବେବି ମୋ ଲୋମ ଟାଙ୍କୁରି ଉଠୁଛି । ଶିରିଡ଼ିରୁ ଟ୍ୟାକ୍ସି ୩୦ କିଲୋମିଟର ଅତିକ୍ରମ କରନ୍ତେ ରାସ୍ତାରେ ପ୍ରବଳ ବର୍ଷା । ମୋ ଶାଶୁ ଓ ସ୍ତ୍ରୀ ଗାଡ଼ି ରଖି ଉପରେଥିବା ଲଗେଜକୁ ଘୋଡ଼ାଇବା ପାଇଁ ନିର୍ଦ୍ଦେଶ ଦେଉଥାନ୍ତି କିନ୍ତୁ ଗାଡ଼ି ଚାଳକ ବାରମ୍ବାର ମନା କରୁଥାଏ । କାରଣ ଟ୍ରେନ୍ ସମୟରେ ଆମ ଗାଡ଼ି ପହଂଚିପାରିବ ନାହିଁ ବୋଲି । ମୁଁ ସାଇବାବାଙ୍କୁ ସ୍ମରଣ କରି କହୁଥାଏ ସାଇ ଉପରେ ଚଦର ଘୋଡ଼ାଇଛନ୍ତି କିଛି ଓଦା ହେବନାହିଁ । ଶାଶୁ ଖାଲି ବିରକ୍ତ ହୋଇ କହୁଥାନ୍ତି ସବୁତ ଓଦା ହେଇଯିବ, ଶୋଇବାପାଇଁ ଖଣ୍ଡେବି ଚଦର ଶୁଖିଲା ନଥିବ । ପୁଣି ବାବାଙ୍କ ପରୀକ୍ଷା ମନମାଡ଼ ଆଉ ୧୫ କିଲୋମିଟର ଅଛି ଗାଡ଼ିରୁ ଡିଜେଲ ସରିଗଲା । ମୁଁ ବାବାଙ୍କୁ ସ୍ମରଣ କରି ଚାଳକକୁ କହୁଥାଏ ସାଇ ଡିଜେଲ ପକାଇଦେବେ । ତୁମେ ଭୟ ନକରି ଗାଡ଼ି ଚଳାଅ । ଆଉ ୫ କିଲୋମିଟର ମନମାଡ଼ ଥାଏ ହଠାତ୍ ଗାଡ଼ିର ହେଡ଼ଲାଇଟ କଟିଗଲା । ଗାଡ଼ିଚାଳକର ବୁଦ୍ଧି ବଣା ହୋଇଗଲା । ସେତେବେଳେ ରାତ୍ର ୯ଟା ୨୫ମିନିଟ ହୋଇଥାଏ । ଚାଳକ କହୁଥାଏ ମୁଁ ୨୦ ବର୍ଷ ହେଲା ଗାଡ଼ି ଚଳେଇଲିଣି କେବେବି ଏମିତି ଅଘଟଣା ଘଟିନି । ସାଇବାବାଙ୍କ ଉପରେ ଭରଷା କରି ବିନା ହେଡଲାଇଟରେ ଗାଡ଼ି ୯ଘ. ୩୮ ମିନିଟରେ ମନମାଡ଼ ଷ୍ଟେସନରେ ପହଂଚିଗଲା । ମୁଁ ସେତେବେଳେ ସାଇବାବାଙ୍କୁ ଆରବର୍ଷ ଆସି ଚାଦର ଦେବି ହେଲେ ଆମର କୌଣସି ଅସୁବିଧା ଯେପରି ନହୁଏ ବୋଲି ମନେ ମନେ ଦୁଃଖରେ କହୁଥାଏ । ବାବାଙ୍କ ଅପାର କରୁଣାରୁ ଟ୍ୟାକ୍ସି ପହଂଚିବା ମାତ୍ରେ ସଂଗେ ସଂଗେ ଦେଖିଲା ବେଳକୁ ଚେନ ଖୋଲାଥିଲେ ମଧ ଚାଦରରେ ଟୋପେବି ପାଣି ସ୍ପର୍ଶ କରିନି । ଏତେ ବର୍ଷା ହୋଇ ମଧ ଲଗେଜରେ ପାଣି ସ୍ପର୍ଶ କରିନି ଏହା ଏକ ବଡ଼ ଆଶ୍ଚର୍ଯ୍ୟର କଥା ନୁହେଁ ତ ଆଉ କ'ଣ ? ଆଉ ଏକ କିମ୍ଭୁତ କିମ୍ଭାକାର କଥା ଆମେ ଟ୍ରେନର ଯେଉଁ ବଗିରେ ବସିଥିଲୁ ଆର.ଏ.ସିରେ ଟିକଟ କଟା ହୋଇଥିବା ସତ୍ତ୍ୱେ ସେ ସିଟ୍ ନମ୍ବର ଗୁଡ଼ିକ ଆମର ନିଶ୍ଚିତ ହୋଇଯାଇଥିଲା । ପ୍ରକୃତରେ

ଶିରିଡ଼ି ଯାତ୍ରା ଆମର ସାର୍ଥକ ହୋଇଛି । ଶିରିଡ଼ି ମାଯିର ମାହାତ୍ମ୍ୟକୁ ମୁଁ ଯାହା ଅଙ୍ଗେ ନିଭାଇଛି ତାହା ଅତ୍ୟନ୍ତ ହୃଦୟସ୍ପର୍ଶୀ ବ୍ୟକ୍ତିଗତ ଅନୁଭବ ।

ଯେଉଁ ଭକ୍ତ ଶ୍ରଦ୍ଧା ଓ ଭକ୍ତିର ସହିତ ଶିରିଡ଼ି ସାଇବାବାଙ୍କୁ ଅନ୍ତରରେ ଭଗବାନ ବୋଲି ଗ୍ରହଣ କରିଛନ୍ତି ସେମାନେ ବ୍ରହ୍ମଜ୍ଞାନ ଲାଭ ସହିତ ଅଖଣ୍ଡ ସୁଖ ପ୍ରାପ୍ତ ହୋଇଛନ୍ତି । ସାଇଙ୍କ ଭାଷାରେ ଯଦ ଭକ୍ତିରେ ମୋ ଲୀଳା ଓ ନାମ ସଂକୀର୍ତ୍ତନ କରିବ ମୁଁ ତାର ପାଖେ ପାଖେ ରହି ତାକୁ ସବୁ ଦିଗରୁ ରକ୍ଷା କରିବି । ଏହି ଅବସରରେ ମୋର ପ୍ରତ୍ୟେକ ଭକ୍ତଙ୍କୁ ଅନୁରୋଧ ଯଦି ସେମାନେ ମନ ମଧ୍ୟରେ କିଛି ଦୁଃଖ ଓ ଅବଶୋଷ କରିଛନ୍ତି, ନିଜ ମନରୁ ଅହଂକାର ଓ ମୁଁ କାରକୁ ସାଇଙ୍କ ପାଦତଳେ ସମର୍ପଣ କରି ଜୀବନରେ ଥରେ ହେଉନା କାହିଁକି ଶିରିଡ଼ି ଯାତ୍ରା କରନ୍ତୁ ଏବଂ ସାଇବାବାଙ୍କ ଆସ୍ଥାନକୁ ସ୍ପର୍ଶକରି ସୌଭାଗ୍ୟପ୍ରାପ୍ତ ହୁଅନ୍ତୁ । ବାବା ସବୁରି ମନୋବାଞ୍ଛା ପୂର୍ଣ୍ଣ କରନ୍ତୁ ।

ନିଳାଦ୍ରୀବିହାର, କଟକ

# ପ୍ରେମ

– ନିବେଦିତା ମହାପାତ୍ର

ପ୍ରେମ ଏକ ଭାବନାକୁ ବୁଝାଇଥାଏ । ବ୍ୟକ୍ତିଗତ ସ୍ନେହ ଓ ସଂଯୋଗକୁ ମଧ ପ୍ରେମ କୁହାଯାଏ । ପ୍ରେମ ଶବ୍ଦଟି ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରକାରରେ ବ୍ୟବହାର ହୋଇଥାଏ । ବିଭିନ୍ନ ଭାଷାରେ ଏହାର ସଂଜ୍ଞା ଭିନ୍ନ ଭିନ୍ନ । ପ୍ରେମ ବ୍ୟକ୍ତିଗତ କିମ୍ବା ସାର୍ବଜନୀନ ହୋଇପାରେ । ସୃଷ୍ଟିର ଆଦ୍ୟରୁ ପ୍ରେମ ଏହି ସଂସାରରେ ବିଦ୍ୟମାନ । ହିନ୍ଦୁ ଧର୍ମ ଶାସ୍ତ୍ର ଅନୁଯାୟୀ ସୃଷ୍ଟି କର୍ତ୍ତା ବ୍ରହ୍ମାଙ୍କ ଦ୍ୱାରା ସୃଷ୍ଟି ପୃଥିବୀର ପ୍ରଥମ ନାରୀ ଓ ପୁରୁଷ ସତରୂପା ଓ ମନୁଙ୍କ ମଧ୍ୟରେ ଆରମ୍ଭ ହୋଇଥିବା ପ୍ରେମରୁ ହିଁ ଏ ମାନବ ସମାଜର ମୂଳଦୁଆ ପଡ଼ିଥିଲା ବୋଲି ଆମର ବିଶ୍ୱାସ ରହିଛି । ସୃଷ୍ଟିର ପ୍ରଥମ ପ୍ରେମ ବିବାହ ପିତା ମହାଦେବ ଓ ମାତା ପାର୍ବତୀ ଦେବୀଙ୍କର ବୋଲି କେହି ମତବ୍ୟକ୍ତ କରିଛନ୍ତି । ସେହିପରି ରାଧାକୃଷ୍ଣଙ୍କର ଶାଶ୍ୱତ ଏବଂ ଜୀବନ୍ତ ପ୍ରେମର ସ୍ମାରକୀ ଆଜି ବି ସମାଜର ପୁରାଣରେ ତଥା କଥା ଓ ଗାଥାରେ ସତେଜ ହୋଇ ରହିଛି ।

କାମ ହେଉଛି ପ୍ରେମର ଅନ୍ୟ ଏକ ନାମ । ହିନ୍ଦୁ ଧର୍ମରେ କାମଦେବଙ୍କ ସ୍ତୁତି ସୁଖଦ, ଯୌନ ସମ୍ବଳିତ ପ୍ରେମ ହେଉଛି କାମ । ବେଦରେ କାମକୁ ତୃତୀୟ ପୁରୁଷାର୍ଥ ଭାବେ ବର୍ଣ୍ଣନା କରାଯାଇଛି । କାମଦେବ ଆଖୁର ଧନୁ ଓ ପୁଷ୍ପଶର ଧରି ଶୁକ ବାହନରେ ଭ୍ରମଣ କରନ୍ତି । ପତ୍ନୀ ରତି ଓ ଋତୁରାଜ ବସନ୍ତ ତାଙ୍କ ସଦା ସହଚର ଥାଆନ୍ତି । କର୍ଣ୍ଣାଟକର ବେଲୁର ଚେନ୍ନାକେଶବ ମନ୍ଦିର କବାଟରେ କାମଦେବ ଓ ରତିଙ୍କର ଯୁଗଳମୂର୍ତ୍ତୀ ଦଣ୍ଡାୟମାନ । ଭର୍ତ୍ତୃହରିଙ୍କ ରଚିତ ଶୃଙ୍ଗାର ଶତକ ଶ୍ରୀ ଜୟଦେବଙ୍କ ଗୀତ ଗୋବିନ୍ଦ ଓ ବ୍ୟାସଦେବଙ୍କ ରଚିତ ଭାଗବତ ଆଦି ଗ୍ରନ୍ଥରେ ଏହି ପ୍ରେମ ବିଷୟରେ ବର୍ଣ୍ଣନା କରାଯାଇଅଛି ।

ପ୍ରେମ କହିଲେ ଯେ କେବଳ ଦୈହିକ ଆକର୍ଷଣକୁ ବୁଝାଏ ତାହା ନୁହେଁ । ପ୍ରେମର ଅର୍ଥ ଖୁବ୍ ବ୍ୟାପକ । ପିତାମାତାଙ୍କ ପ୍ରେମର ରଜ, ବୀର୍ଯ୍ୟ ଏକତ୍ର ହେଇ ଭ୍ରୁଣଟିଏ ସୃଷ୍ଟି ହେବା ଠାରୁ ନିଜର ସନ୍ତାନ ପାଇଁ ସେମାନଙ୍କର ହୃଦୟରେ ପ୍ରେମ ସୃଷ୍ଟି ହୋଇଥାଏ । ତାକୁ ନେଇ ସେମାନେ ଅନେକ କଳ୍ପନା କରି ସ୍ୱପ୍ନ ଦେଖିବା ଆରମ୍ଭ କରନ୍ତି । ପ୍ରତି ମୁହୂର୍ତ୍ତରେ ନିଜ ଶରୀରର ଏହି ଅଂଶକୁ ସୁରକ୍ଷିତ ରଖିବା ତା ପ୍ରତି ଯତ୍ନବାନ ହେବାରେ ସେ କେବେ ହେଲେ ଅବହେଳା ପ୍ରଦର୍ଶନ କରନ୍ତି ନାହିଁ । ନିଜର ସମସ୍ତ ସ୍ୱାର୍ଥ, ସୁଖ, ସୁବିଧା ତଥା ଆବଶ୍ୟକତାକୁ ଭୁଲି ସେମାନେ ନିଜ ସନ୍ତାନମାନଙ୍କୁ ଦୁନିଆଁର ସବୁ ଖୁସି ଦେବାକୁ ତତ୍ପର ଥାଆନ୍ତି । ସେମାନଙ୍କର ଏହି ନିଃସ୍ୱାର୍ଥପର ପ୍ରେମ ପାରାବାରର ଗଭୀରତାକୁ ମାପିବା ଖୁବ୍ ଦୁରୁହ ବ୍ୟାପାର । ସେଥିପାଇଁ ତ କୁହାଯାଇଛି ବାପା ଥିଲେ ପୁଅ ସଭାରେ ହାରେନି । ମା କୋଳେ ପୁଅ ଦୁନିଆ ଡରେନି ।

ପ୍ରକୃତରେ ଏହା ସତ୍ୟ ଯେ ମା'ର ପଣତ ଛାଇ ଓ ପିତାଙ୍କ ଆଶିଷର ହାତ ଯାହା ମୁଣ୍ଡରେ ଥାଏ ସେ ସବୁଠାରେ ବିଜୟଶ୍ରୀ ମଣ୍ଡିତ ହୁଏ । ଭଗବାନ ମଧ ନିଜର ପ୍ରତି ଅବତାରରେ ଏହା ପ୍ରମାଣିତ କରିଛନ୍ତି ଯେ ଏ ଦୁନିଆରେ ପିତାମାତାଙ୍କ ଠାରୁ ବଡ଼ ଦେବତା କେହି ନାହାନ୍ତି । ଏ ଜଗତରେ କ୍ଷଣସ୍ଥାୟୀ ସମସ୍ତ ବସ୍ତୁ ମଧ୍ୟରେ ପିତାମାତାଙ୍କ ପ୍ରେମ ହିଁ ଚିରସ୍ଥାୟୀ ଏହାକୁ ଅସ୍ୱୀକାର କରା ନଯାଇ ପାରେ । ଏ ସଂସାରରେ ରୂପ ଗୁଣ ଯୋଗ୍ୟତା କିମ୍ବା ସାମାଜିକ ପ୍ରତିପତ୍ତି ଦେଖି ଜଣେ ଅନ୍ୟ ଜଣଙ୍କୁ ପ୍ରେମ କରିଥାଏ, କିନ୍ତୁ ପିତାମାତା ସନ୍ତାନ ଯେମିତି ହେଉ ତାକୁ ଆଦର କରିଥାନ୍ତି । ଏହାର ଅନେକ ନିଚ୍ଛୁକ ଉଦାହରଣ ସମାଜରେ ଦେଖିବାକୁ ମିଳୁଛି । ଆଜି ବି ବୃଦ୍ଧା ମା' ନିଜ ବିକଳାଙ୍ଗ ମାନସିକ ଅନଗ୍ରସର ପୁଅ ଝିଅର ବୋଝ ନିଜ କାନ୍ଧରେ ବୋହୁଛି । ପରିଣତ ବୟସରେ ବି ବୃଦ୍ଧ ବାପା ନିଜ ସନ୍ତାନ ପାଇଁ ଅନ୍ନ ଯୋଗାଡ଼ କରିବାକୁ ପ୍ରଚେଷ୍ଟା କରୁଛି । ପ୍ରତି ବଦଳରେ ସନ୍ତାନମାନେ ସେମାନଙ୍କୁ କିପରି ହତାଦାର କରନ୍ତି ତାହା ସମଗ୍ର ଦୁନିଆ ଦେଖୁଛି ।

କେବଳ ପିତାମାତା ନୁହଁନ୍ତି ପରିବାରର ଅନ୍ୟ ବୟୋଜ୍ୟୋଷ୍ଠ ବ୍ୟକ୍ତି ଯେପରିକି ଜେଜେବାପା, ଜେଜେମା ଅଜା ଆଈ, ମାମୁଁ, ମାଇଁ, ଦାଦା, ଖୁଡ଼ି ଆଦି ଅନେକ ପ୍ରେମ ଓ ଆଶିର୍ବାଦର ଛାୟାରେ ଶିଶୁଟି ବଡ଼ ହୋଇଥାଏ । ସେହିପରି ଆଉ ଏକ ଅନନ୍ୟ ପ୍ରେମର ଉଦାହରଣ ହେଉଛି ଭାଇ-ଭାଇ ଏବଂ ଭାଇ-ଭଉଣୀ ମଧ୍ୟରେ ଥିବା ପ୍ରେମ । ଭାଇ ଭାଇର ପ୍ରେମର ଉଦାହରଣ ଦ୍ୱାପରରୁ ତ୍ରେତୟା ପର୍ଯ୍ୟନ୍ତ ସବୁଠାରେ ଦେଖିବାକୁ ମିଳିଛି । କୃଷ୍ଣ ବଳରାମ, ପାଣ୍ଡବ ପାଂଚ ଭାଇ, କୌରବ ଶହେ ଭାଇ ହୁଅନ୍ତୁ ଅବା ରୋମାଞ୍ଚରେ ଦଶରଥଙ୍କ ଆଦର୍ଶ ପୁତ୍ରମାନେ ହୁଅନ୍ତୁ ସମସ୍ତଙ୍କ ମଧ୍ୟରେ ଥିବା ଅନାବିଳ ପ୍ରେମ ଯୁଗେ ଯୁଗେ ଅମର ହୋଇ ରହିଛି । ସେହିପରି ରାକ୍ଷୀର ଛୋଟ ଡୋରୀଟିଏ ଭାଇ ହାତରେ ବାନ୍ଧିଦେଇ ଭଉଣୀକୁ ସୁରକ୍ଷା ଦେବାକୁ ଭାଇର ଉଦ୍ୟମ ବି ଅସ୍ୱୀକାର କରା ନଯାଇପାରେ । ଏ ଦୁନିଆଁରେ ସବୁଠାରୁ ପବିତ୍ର ସମ୍ପର୍କ ଭାଇ ଭଉଣୀର ବୋଲି ଗ୍ରହଣ କରାଯାଇଛି । କିନ୍ତୁ ସମୟର ବିବର୍ତ୍ତନରେ ଏଥିରେ ଅନେକ ପରିବର୍ତ୍ତନ ଆସିଯାଇଛି । ଆଜିର ଯୁଗରେ ପୂର୍ବର ସେ ସ୍ନେହ, ଶ୍ରଦ୍ଧା, ମମତାର ରୂପରେଖ ପୁରା ବଦଳି ଯାଇଛି ।

ସାମାଜିକ ବନ୍ଧନରେ ପ୍ରେମ ସ୍ୱାମୀ ସ୍ତ୍ରୀଙ୍କୁ ଏକ ଅଦୃଶ୍ୟ ଡୋରୀରେ ବାନ୍ଧି ରଖିଥାଏ । ସେମାନେ ନିଜ ପ୍ରେମକୁ ନେଇ ଅନେକ ସ୍ୱପ୍ନ ଦେଖିଥାନ୍ତି । ନିଜ ପ୍ରେମକୁ ଏକ ଅମର କାହାଣୀ କରିବାକୁ ସେମାନେ ଚେଷ୍ଟା କରିଥାନ୍ତି । ନାରୀର ଶ୍ରେଷ୍ଠ ଗହଣା ହେଉଛି ତାର ଶଙ୍ଖା ସିନ୍ଦୂର । ନିଜ ସ୍ୱାମୀଙ୍କ ପ୍ରତି ସମର୍ପିତ ପ୍ରେମର ସନ୍ତକ ସ୍ୱରୂପ ସେ ସଦା ଏହି କାମନା କରିଥାଏ ଯେ ସେ ଅହ୍ୟ ସୁଲକ୍ଷଣୀ ହୋଇ ଏ ଧରାରୁ ଯିବ । ଅନେକ ସମୟରେ ସ୍ତ୍ରୀ ର ମୃତ୍ୟୁ ପରେ ସଂଗେ ସଂଗେ ସ୍ୱାମୀର ମୃତ୍ୟୁ କିମ୍ବା ସ୍ୱାମୀର ମୃତ୍ୟୁ ସଂଗେ ସଂଗେ ସ୍ତ୍ରୀର ମୃତ୍ୟୁ ହେବା ଏହା ସେମାନଙ୍କ ନିଚ୍ଛୁକ ପ୍ରେମର ଉଦାହରଣ ।

ଏହାଛଡ଼ା ଦୁଇଜଣଙ୍କ ମଧ୍ୟରେ ଥିବା ଦୟା, କ୍ଷମା, ସ୍ନେହ, ପ୍ରଣୟ ଇତ୍ୟାଦି ପ୍ରେମର ଏକ ରୂପ । ବନ୍ଧୁତା ମଧ୍ୟ ଏକ ପ୍ରକାର ପ୍ରେମ । ଦୁଇ ବନ୍ଧୁଙ୍କ ମନରେ ଥିବା ଅନାବିଳ ସ୍ନେହ ପ୍ରେମରୁ ହିଁ ବନ୍ଧୁତା ଦୃଢ଼ ହୋଇଥାଏ । ଏହି ଭାବନା ହିଁ ଜଣେ ବନ୍ଧୁକୁ ଅନ୍ୟ ବନ୍ଧୁ ପ୍ରତି ଥିବା କର୍ତ୍ତବ୍ୟ ବୋଧ ଓ ଦାୟିତ୍ୱ ବୋଧର ଶିକ୍ଷା ଦେଇଥାଏ । ବନ୍ଧୁ ନିଜର ବନ୍ଧୁତା ରକ୍ଷା କରିବାକୁ ନିଜ ଜୀବନ ଦେବାକୁ ପଛାଇ ଯାଏନି । ସେହିପରି ଏକ ଜ୍ୱଳନ୍ତ ଉଦାହରଣ ହେଉଛି ଭଗବାନ କୃଷ୍ଣ ଓ ସୁଦାମାଙ୍କ ବନ୍ଧୁତା । ଭଗବାନ ହେଇ ବି ସେ ବନ୍ଧୁପଣରେ ଗରୀବ ସୁଦାମାଙ୍କ ପାଦ ଧୋଇ ଦେଇଥିଲେ । ସେହିପରି ଅର୍ଜୁନଙ୍କୁ ସଖା ବୋଲି କହି ତାଙ୍କ ରଥର ସାରଥି ସାଜିଥିଲେ । କେବଳ ଏତିକି ନୁହେଁ ବନ୍ଧୁତା ରକ୍ଷାକରି ରାମଚନ୍ଦ୍ର ବାଳୀ ଓ ରାବଣକୁ ବିନାଶ କରିବା, କର୍ଣ୍ଣ ଦୁର୍ଯ୍ୟୋଧନର ରକ୍ଷା କବଚ ସାଜିବା ପରି ଅନେକ ବିରଳ ଉପାଖ୍ୟାନ ଆଜି ବି ସତେଜ ହୋଇ ରହିଛି ।

ଅନ୍ୟ ଅର୍ଥରେ ଭକ୍ତଟିଏ ନିଜ ଇଷ୍ଟଙ୍କ ପ୍ରତି ସମର୍ପଣ ମନୋଭାବ ନେଇ ତାଙ୍କର ଆରାଧନା କରିଥାଏ । ଏହା ମଧ୍ୟ ପ୍ରେମ ପଦବାଚ୍ୟ । ପ୍ରହ୍ଲାଦ, ଧ୍ରୁବ, ଶବରୀ, ମୀରାବାଇ, ରାଧାରାଣୀ, ଗୋପୀଗଣ, ଜଗନ୍ନାଥ ଦାସ, ବଳରାମ ଦାସ, ଭକ୍ତ ଦାସିଆ, ଜୟଦେବଙ୍କ ପରି ଅନେକ ଭକ୍ତ ପ୍ରବଣ ନିଜ ଭକ୍ତିରେ ଭାବଗ୍ରାହୀଙ୍କୁ ସନ୍ତୁଷ୍ଟ କରି ପାରିଥିଲେ । ସେମାନଙ୍କ ପାଇଁ ଭଗବାନ ମଧ୍ୟ ନାନା ଅବତାର ନେଇଛନ୍ତି । ଅସମୟରେ ଅନେକ ପ୍ରାକୃତିକ ପରିବର୍ତ୍ତନ ଆଣିଛନ୍ତି । ବନ୍ଧୁତା ରକ୍ଷା କରିବାକୁ କେବେ ନିଜ ଭୋଗ ଥାଳି ଦେଇଛନ୍ତି ତ କେବେ ସ୍ୱୟଂ ଲେଖନି ଧରି ଦେହି ପଦ ପଲ୍ଲବଂ ମୁଦ୍ରାରେ ରଚନା କରିଛନ୍ତି । ଭକ୍ତ ଓ ଭଗବାନଙ୍କ ଏ ଶାଶ୍ୱତ ପ୍ରେମର ନିଦର୍ଶନ ଏବେବି ଲୋକମୁଖରେ କିମ୍ବଦନ୍ତୀ ହୋଇ ରହିଛି । ଯାହା ଅନନ୍ତ ଅବିନଶ୍ୱର ।

ଉପନିଷଦରେ ଅଛି – ଯୋ ବୈଭୂମା ତତ୍ ସୁଖଂ, ନାଲ୍ପେ ସୁଖମସ୍ତି । ଅନନ୍ତ ଛଡ଼ା ସୁଖ ନାହିଁ । ଯାହା ଦୁଇଦିନରେ ଶେଷ ହୋଇଯାଏ ଯାହା ଧରୁ ଧରୁ ପୁରୁଣା ହୋଇଯାଏ ବା ଭାଂଗିଯାଏ ଏପରି ବସ୍ତୁରେ ମାନବାତ୍ମା କେତେ କାଳ ତୃପ୍ତ ରହିବ । ଯାହା ଧାରଣାର ଅତୀତ ଯାହାର ଆଦି ଅନ୍ତ ନିରୂପଣ କରିବା ସମ୍ଭବପର ନୁହେଁ, ସେହି ଏକା ମାନବ ପ୍ରାଣରେ ସୁଖ ପ୍ରଦାନ କରେ । ଅନନ୍ତ ଆକାଶ ବିଷୟ ଚିନ୍ତା କରି ଅନନ୍ତ ମହିମାମୟ ପରମେଶ୍ୱରଙ୍କୁ ପ୍ରାଣରେ ଉପଲବ୍ଧି କରି କବିଙ୍କ ନୟନ ପ୍ରେମାଶ୍ରୁ ବର୍ଷଣ କରେ, ପ୍ରାଣ ସ୍ୱର୍ଗର ଆନନ୍ଦ ସମ୍ପଦ ଲାଭ କରେ । ଅନନ୍ତ ମହିମା ଗାନ କରି ସେ ଭାବ ଧ୍ୟାନ କରି କେତେ କବି କେବେ ଭାବୁକ ଅନନ୍ତ ସୁଖ ସିନ୍ଧୁରେ ବୁଡ଼ି କେତେ ମହାଭାବର କଥା ବ୍ୟକ୍ତ କରିଅଛନ୍ତି । ତାହାର ଶେଷ ନାହିଁ । ଯେ ଥରେ ଚିନ୍ତା କରିଅଛି ସେ ବୁଡ଼ିଅଛି । ଆମ୍ଭମାନଙ୍କର ଏହା ପ୍ରାଣଗତ ବିଶ୍ୱାସ ଯେ ଅନନ୍ତଙ୍କ ମଧ୍ୟରେ ନିମଗ୍ନ ହେବା, ଆତ୍ମବିସ୍ମୃତ ହେବା ହିଁ ପ୍ରକୃତ ସୁଖ । ଆମ୍ଭମାନଙ୍କ କ୍ଷୁଦ୍ର ଆଶା, କ୍ଷୁଦ୍ର ଭାବ ଅନନ୍ତ ଆଡ଼କୁ ସର୍ବଦା ଧାଏଁ ।

ଏହି କଥାକୁ ଲକ୍ଷ୍ୟ କରି ଥରେ ଜଣେ ବିଜ୍ଞ ବ୍ୟକ୍ତି କହିଥିଲେ, ଅନନ୍ତ ଧ୍ୟାନରେ ଭୟ, ବିସ୍ମୟ, ଭକ୍ତି ଜାତ ହୁଏ କିନ୍ତୁ ପ୍ରେମ କିପରି ହେବ ? ଗୋଟିଏ କଥା ଅଛି ରାଜାର କେହି ବନ୍ଧୁ ନାହିଁ । ଅର୍ଥାତ୍ ରାଜା ସମସ୍ତଙ୍କଠାରୁ ଶ୍ରେଷ୍ଠ । ସୁତରାଂ ତାଙ୍କ ସଂଗେ ଅନ୍ୟ କାହାରି ବନ୍ଧୁତା ସମ୍ଭବ ନାହିଁ । କଥାଟି ପ୍ରାଣରେ ବଡ଼ ଆଘାତ କଲା । ତେବେ କ'ଣ ଅନନ୍ତ ଈଶ୍ୱରଙ୍କ ସଂଗେ କ୍ଷୁଦ୍ର ମାନବର ପ୍ରେମ ଅସମ୍ଭବ । ତାହାହେଲେ ଏ କ୍ଷୁଦ୍ର ପ୍ରାଣରେ ଏ ଉଚ୍ଚ ଆକାଂକ୍ଷା କାହିଁକି ଏ କ'ଣ ବୃଥା ଆଶା ? କେବଳ ମୋହର ଛଳନା ନା ତାହା ତ ହୋଇନପାରେ । ଇନ୍ଦ୍ରିୟ ଅଛି ଇନ୍ଦ୍ରିୟର ବିଷୟ ଅଛି ପ୍ରବୃତ୍ତି ଅଛି, ତାହା ଚରିତାର୍ଥ କରିବାର ଉପାୟ ଅଛି । ଅଥଚ ମାନବାତ୍ମାର ସର୍ବଶ୍ରେଷ୍ଠ ବୃତ୍ତିଟି ହୃଦୟର ଉଚ୍ଚତମ ଆଶାଟି ଅପୂର୍ଣ୍ଣ ରହିବ । ଏହା ପ୍ରକୃତିର ନିୟମ ବିରୁଦ୍ଧ ମହାନ ବ୍ରହ୍ମ ଆମମାନଙ୍କ ପାଇଁ ଛୋଟ ହେବେ ନାହିଁ ଅଥଚ ତାଙ୍କ ସଂଗେ ପ୍ରେମ ବିନା ଆମ୍ଭମାନଙ୍କ ଦିନ ଚଳିବ ନାହିଁ । ଏ ସମସ୍ୟା କିଏ ପୂରଣ କରିବ ? ଏହି ସମସ୍ୟା ପୂରଣ କରିବା ପାଇଁ ବୋଧହୁଏ ସାକାର ବାଦର ଅବତାରଣା ।

ଏହିପରି ଅନେକ ପ୍ରେମର ପରିଭାଷା ଆମ ମାନବ ଜାତି ସହ ଓତଃପ୍ରୋତ ଭାବେ ଜଡ଼ିତ । କେବଳ ଏତିକି ନୁହେଁ ପ୍ରକୃତି ସହ ମଣିଷର ପ୍ରେମ, ପ୍ରକୃତି ସହ ଜୀବଜନ୍ତୁ ମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଛି । କବି ଲେଖକମାନେ ପ୍ରକୃତିକୁ ଭଲ ପାଉଥିବାରୁ ସେମାନଙ୍କ ଲେଖାରେ ତାହା ପରିସ୍ଫୁଟ ହୁଏ । ପ୍ରକୃତି ଓ କୀଟଙ୍କ ମଧ୍ୟରେ ପ୍ରେମ ଥିବାରୁ ବସନ୍ତ ଆସିଲେ ଉପବନରେ ଫୁଲର ସମ୍ଭାର ଆସେ । ସେ ଫୁଲ ବାସ୍ନାରେ ମତୁଆଲା ହୋଇ ଭ୍ରମର ଓ ପ୍ରଜାପତି ଧାଇଁ ଆସନ୍ତି । ତେଣୁ ପ୍ରେମର ବର୍ଣ୍ଣନା କରିବା ଅସମ୍ଭବ । ମାଆର ପ୍ରଥମ ସ୍ପର୍ଶରେ ପ୍ରେମ ବାପାଙ୍କ ଆକଟରେ ପ୍ରେମ ଭାଇ ଭଉଣୀଙ୍କ ଝଗଡ଼ାରେ ପ୍ରେମ ଇଷ୍ଟଙ୍କ ଭକ୍ତିରେ ପ୍ରେମ ନିହିତ ହୋଇ ରହିଛି ।

ପରିବର୍ତ୍ତନ ଧାରାରେ କିନ୍ତୁ ବଦଳିଛି ଏ ଦୁନିଆଁର ଲୋକଙ୍କର ମାନସିକତା । ଆଜିର ପ୍ରେମ କହିଲେ କେବଳ ପ୍ରେମିକା ପ୍ରେମିକଙ୍କ ପ୍ରେମକୁ ବୁଝାଉଛି । ଦୈହିକ କାମନା ବାସନାରେ ମତ୍ତ ପଥଭ୍ରଷ୍ଟ ଆଜିର ଯୁବ ସମାଜ ପ୍ରେମ ପବିତ୍ର ସମ୍ପର୍କକୁ କଳୁଷିତ କରି ସାରିଲେଣି । ବିଶ୍ୱାସ ଓ ଭରସାର ମୂଳଦୁଆରେ ଗଢ଼ା ହେଉଥିବା ପ୍ରେମକୁ ସେମାନେ ଛଳନା ପ୍ରତାରଣା ଓ ବିଶ୍ୱାସଘାତକତାର କାଳିମାରେ କଳା କରି ତାର ମର୍ଯ୍ୟାଦା ହାନି କରାଇଛନ୍ତି । କ୍ଷଣିକ ଉତ୍ତେଜନାର ବଶବର୍ତ୍ତୀ ହୋଇ ସେମାନେ ନିଜର ହିତାହିତ ଜ୍ଞାନ ହରାଇ ଅନେକ ଭୁଲ କରୁଛନ୍ତି । ନିଜର ହୀନ ସ୍ୱାର୍ଥ ହାସଲ ପାଇଁ ସେମାନେ ମିଛ ପ୍ରେମକୁ ଢ଼ାଲ ସଜାଇ ଇଚ୍ଛାକୁ ଚରିତାର୍ଥ କରିବାର ପ୍ରୟାସ କରୁଛନ୍ତି । ଯାହା ଫଳରେ ଦିନକୁ ଦିନ ପ୍ରେମ ଉପରେ ଥିବା ବିଶ୍ୱାସର ସଫେଦ ପରଦା ଧୀରେଧୀରେ କଳଙ୍କିତ ହୋଇ ଗଲାଣି । ପ୍ରେମ ଆଜି ଶସ୍ତା ଓ ହୀନ ମାନସିକତାରେ ପରିଚୟ ପାଇଲାଣି ।

ପରିଶେଷରେ ପ୍ରେମ ପରି ଏକ ସୁନ୍ଦର ଓ ଶାଶ୍ୱତ ଶବ୍ଦକୁ ପୁନର୍ବାର ଭରସାର ଡୋରରେ ପୂନର୍ବାର ବାନ୍ଧି ଏକ ସୁନ୍ଦର ରୂପ ଦେବାକୁ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ । ନିଜ ମାନସିକତାରେ ପରିବର୍ତ୍ତନ ଆଣି ପ୍ରକୃତି ଓ ପରିବେଶକୁ ପ୍ରେମ କରି ନିଜର ତଥା ନିଜ ଭବିଷ୍ୟତ ବଂଶଧରଙ୍କ ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ପ୍ରତିଜ୍ଞା କରିବା ଆବଶ୍ୟକ । ନିଜ ପିତାମାତା, ଭାଇ ଭଉଣୀଙ୍କ ତ୍ୟାଗର ମୂଲ୍ୟ ବୁଝିବା ସହ ନିଜର ଜୀବନ ସାଥିଙ୍କ ସହ ବିଶ୍ୱାସର ମୂଳଦୁଆକୁ ସୁଦୃଢ଼ କରିବା ମାନବ ଜୀବନର ପ୍ରକୃତ ଲକ୍ଷ୍ୟ ଈଶ୍ୱର ପ୍ରାପ୍ତି । ଏହି ଲକ୍ଷ୍ୟରୁ ବିଚ୍ୟୁତ ନହୋଇ ସେ ଦିଗରେ ଅଗ୍ରସର ହେବା । ଦିବ୍ୟ ପ୍ରେମର ଅନୁଭବରେ ହଜି ପରମାର୍ଥିକ ଶାନ୍ତି ଲାଭ କରିବା ପାଇଁ ପ୍ରୟାସ କରିବା ।

ମୁକୁନ୍ଦମିଶ୍ର ନଗର, ପୁରୀ ।

# ମିନୁ

- ଶ୍ରୀ କୁଞ୍ଜବିହାରୀ ସାହୁ

ଯେତେ ହାତ ବଢ଼େଇ ଭିକ ମାଗିଲେ ବି କେହି ଶୁଣିଲେନି ମିନୁ କଥା । ଏପରିକି ନିଜ କାନି ପଣତ ଦେଖେଇ ଭିକ ମାଗିଲା ମିନୁ ସବୁ ବନ୍ଧୁବାନ୍ଧବଙ୍କୁ ମୋତେ କେବଳ ଲୁହ ବୁନ୍ଦାଏ ଦିଅ ମୁଁ ଚାହେଁ ଲୁହରେ ବଞ୍ଚିବାକୁ ଲୁହର ମଜା ଚାଖିବାକୁ ।


କେହି ଶୁଣିଲେନି ବରଂ ଆଖିରେ ଲୁହ ନଦେଇ ଛାତିରେ ଲହୁ ଭରିଦେଲେ । ମିନୁ କାନ୍ଦିବ କ'ଣ ଲହୁ ଲୁହାଣ ହେଇ ଛଟପଟ ହେଲା । ଆପଦ ବିପଦରେ କେହି ବି ପାଖରେ ଠିଆ ହେଲେନି । ଏତେ ବଡ଼ ସଂସାରରେ ନିଜର ବୋଲି ଯାହାକୁ ଭାବୁଥିଲା ସେମାନେ ଆଜି ମିନୁକୁ ପର କରିଦେଲେ । ସାରା ଦିନ ସାରା ରାତି ସ୍ୱାମୀ ସେବା କରି କରି ଫଳ ପାଇଲା କ'ଣ ? ଶ୍ୱଶୁରଙ୍କ ଦେହର ଯତ୍ନ ନେଇ ପାଇଲା କ'ଣ ? ନିନ୍ଦା ଅପମାନ ଦିଅର ନଣନ୍ଦଙ୍କର ଆକ୍ରୋଶମୂଳକ ମନୋଭାବ ତାକୁ ରକ୍ତାକ୍ତ କରିଦେଲା ।

କେବଳ ଶୂନ୍ୟତା ହିଁ ଶୂନ୍ୟତା ମିନୁ ଚାରିପାଖରେ । ହତାଶର ଅସମ୍ଭବ ଭିଡ଼ ଭିତରୁ ମୁକୁଳିବା କଷ୍ଟକର ମଣିଲା ମିନୁ । ଦୁଃଖ ଯେମିତି ତା କପାଳରେ ବିହି ଲେଖିଦେଇଛି ଜାଣିଶୁଣି । କାହାକୁ କହିବ ନ କହିବ ଭାବି ନିରବିଗଲା । ଏକୁଟିଆ ବସିଲେ ନିଜ ଛାଇକୁ ଦେଖି ଡରିଗଲା ବଡ଼ପୁଅକୁ ତିନି ପୁରିଲା ବେଳକୁ କୋଳରେ ଝିଅଟିଏ ।

ଦି ଜଣଙ୍କର ମୁହଁକୁ ଚାହିଁ ଦିନ କାଟିଲାବେଳକୁ ରାତିଟା ଡରେଇଦେଉଛି ଗୋଟାପଣେ । ତଥାପି ବଂଚିବାକୁ ହେବ ଏ ମନକୁ ଶାନ୍ତ କରାଇଲା ମିନୁ ।

ମିନୁ ଆଉ ଏକଲା ହେଇନି । ଅଙ୍ଗନବାଡ଼ିରେ ଚାକିରୀଟିଏ ପାଇଛି । ଅନେକ ସହଯୋଗୀ ବନ୍ଧୁମାନଙ୍କ ସହ ହାତ ମିଳେଇଛି । ପିଲାଙ୍କୁ ମଣିଷ ପରି ଠିଆ କରିବାକୁ ଶପଥ ନେଇଛି । ସରକାରୀ ଯୋଜନାକୁ ବିନିଯୋଗ କରି ସଂସାର ଚଳେଇବାକୁ ଚେଷ୍ଟା କରିଛି । ଦୁଃଖ ଭୁଲିଛି ପିଲାଙ୍କ ମୁହଁ ଦେଖି ଦେଖି ।

ଭୁବନେଶ୍ୱର ।



# ବଗବଗୁଲି

– ବନଲତା ସିଂ

କାଉ ତା'ର ପରିବାର ଓ ବନ୍ଧୁ ସ୍ୱଜନଙ୍କୁ ଧରି ଗୋଟିଏ ଝଙ୍କା ବରଗଛରେ ବସି ବିଶ୍ରାମ ନେଉଛି । ନିଛାଟିଆ ଖରାବେଳେ । ଆଖି ପାଖରେ କେଉଁଠି ଜଳାଶୟଟିଏ ଦେଖାଯାଉନି । କାଉ ତା' ଥଣ୍ଟକୁ ମେଲାଇ ଧକେଇ ହେଉଛି, ଏହି ସମୟରେ କଜଳପାତିଟିଏ ଧଇଁସଇଁ ହୋଇ କାଉ ପାଖରେ ପହଞ୍ଚିଲା । କାଉ ପଚାରିଲା – କିରେ କଜଳପାତିଆ ଭଦ୍ରଲୋକ, କ'ଣ ଜରୁରୀ ଖବର ଅଛି କି? ଏପରି ଧଇଁସଇଁ ହୋଇ ଦଉଡୁଛୁ ? କ'ଣ ଖବର କ'ଣ କଜଳପାତି ହେଲା ପକ୍ଷୀ ଜଗତର ସାମ୍ବାଦିକ ଆଉ ଉପରେ ପଢ଼ିବା ଭଦ୍ରଲୋକ । ସେ କହିଲା – କାଉଭାଇ ଆଜି ଗୋଟିଏ ଅଜବ କଥା ଦେଖି ଆସିଲି । କାଉ ପ୍ରକାଶ କରି କହିଲା – କିରେ କି ଅଜବ କଥା ଦେଖିଲୁ ଖୋଲିକରି କହ ।

କଜଳପାତି କହିଲା – ଆରଗାଁରେ ପଦୁଅଁ ପୋଖରୀ ପାଖରେ ଗୋଟିଏ କଦମ୍ବ ଗଛ ଅଛି । ତା' ଡାଳରେ ଅଧିକାଂଶ ସମୟ ବଗବଗୁଲି ବସିଥାଆନ୍ତି;କିନ୍ତୁ ଆଜି ବଗୁଲି ଏକୁଟିଆ ମନ ଦୁଃଖରେ ବସିଛି । ତାକୁ ଯାହା ପଚାରିଲେ ଯେତେ ପଚାରିଲେ ସେ କିଛି କହୁନି । ଆଉଟିକେ ମୁହଁକୁ ହଲେଇ ଫୁଲେଇ ହୋଇ କହିଲା – ତା' ଗୋରା ଦେହଟା ଝଡ଼ି ପରା କଣ୍ଟା ହୋଇଗଲାଣି । କିରେ ପଦୁଅଁପୋଖରୀ କଦମ୍ବ ଗଛରେ ବସି କ'ଣ କାହ୍ନୁକୁ ଅପେକ୍ଷା କରିଛି । ନ ଆସିଲାରୁ ମାନ କରିଛି ? କଜଳପାତି କହିଲା – ହେଃ...ତୋର ଖାଲି ଥଟ୍ଟା କଥା । କାଉ କହିଲା ହଉ ଚାଲଯିବା । ତା'ର ଭଲମନ୍ଦ ବୁଝି ଆସିବା ।

ଦୁହେଁ ମିଶି ବଗୁଲି ପାଖକୁ ଗଲେ । କଜଳପାତି ଯାହା କହୁଥିଲା ସତ, ବଗୁଲି ଚୁପଚାପ ବସିଛି । କିଛି କହୁନାହିଁ କି କାହାକୁ ମୁଣ୍ଡ ଉଠାଇ ଦେଖୁନାହିଁ । କାଉ କୋଉ ଛାଡ଼ିବା ଲୋକ । ସେ ବକର ବକର ହୋଇ ବିରକ୍ତ କରିଦେଲା । ବଗୁଲି କହିଲା – ଦେଖୁଛୁ ମୋର ମନ ଖରାପ । ତୁମେ ଖାଲି ଏ କର୍କଶ ସ୍ୱରରେ କାହିଁକି ବକର ବକର ହେଉଛ ? କଜଳପାତି କହିଲା – ନାହିଁଲୋ ବଗୁଲି, ତୋ ଦୁଃଖ କଥା ମୁଁ ଯାଇ କାଉକୁ କହିଲି । ସେ ତୋ ଖବର ବୁଝିବାକୁ ଆସିଛି । ତୁ ରାଗନା, କ'ଣ ହୋଇଛି ସତ କହ । ବଗୁଲି କହିଲା – କ'ଣ କହିବି ଆମେ ବଗବଗୁଲି ଦୁହେଁ ଏଇ କଦମ୍ବ ଗଛରେ କାହିଁ କେବେଠୁଁ ରହି ଆସୁଥିଲୁ । ହଠାତ୍ କାଳ କେଉଁଠି ଥିଲା କେଜାଣି ମୋ ବଗକୁ ଗ୍ରାସକରି ତାକୁ ନେଇଗଲା । କାଉ କହିଲା – ସେ ନେଇ ଗଲା ତୁ କିଛି କହିଲୁନି । କଜଳପାତି କହିଲା – କ'ଣ କାଉ ଭାଇ ଏତିକି ବୁଝିପାରୁନ । ବଗ ମରିଗଲା । ତାକୁ କେହି କୁଆଡ଼େ ନେଇଯାଇନି । କାଉ କହିଲା – କେମିତି ? ବଗୁଲି କହିଲା – ଶୁଣ ଏହି ଯେଉଁ ପଦୁଅଁ ପୋଖାରୀ, ଆମକୁ ଖାଦ୍ୟ ଯୋଗାଇ ଆସୁଥିଲା, ଆମେ ବଗ ବଗୁଲି ଦୁଇଚାରିଟା ଛୋଟ ମାଛ ହୋଇଗଲେ ଆମ ପେଟ ପୁରା ହୋଇଯାଏ । ଯେବେ ମୋ ଦେହ ଖରାପ ଥାଏ ବଗ ନିଜେ ଖାଇ ମୋ ପାଇଁ ନେଇଆସେ । ମୁଁ ମଧ୍ୟ ସେଇଆକରେ ।

ଏହି ଦୁଇଦିନ ତଳେ ମାଛଗୁଡ଼ାକ ପୋଖରୀରେ ବଉଳିବାକୁ ଲାଗିଲେ । ବଗ ଦେଖି ବହୁତ ଖୁସି ହୋଇ ଡାକି ପକାଇଲା ଆଲୋ ବଗୁଲି, ଦେଖଲୋ ମାଛ କେମିତି ପାଣିରେ ଭାସି ଆମକୁ ଧରା ଦେଉଛନ୍ତି । ଆମକୁ ଆଉ ଧ୍ୟାନ କରିବାକୁ ପଡ଼ିବନି । ଆଜି ପେଟ ଫଟାଇ ଖାଇବା । ମୁଁ କହିଲି କ'ଣ କିରେ କେଉଁଠି ଭୋଜି ଭାତ ହେଉଛି କି? ବଗ କହିଲା – ଦେଖୁନୁ ପୋଖରୀରେ କିପରି ମାଛ ଭାସୁଛନ୍ତି । ଏହା କହି ବଗ ପୋଖରୀକୁ ଯାଇ ଲୋଭରେ ଏକାବେଳେ ଦୁଇଚାରିଟା ମାଛ ଗିଳି ପକାଇଲା । ତା'ପରେ ଖାଲି ଛାଟିପିଟି ହେଲା । ମୁଁ କହିଲି କିରେ ତଣ୍ଟିରେ କଣ୍ଟା ଲାଗିଲା କି? ସେ ଗଁ-ଗଁ ହୋଇ ସେହିଠାରେ ଟଳି ପଡ଼ିଲା । କାଉ କହିଲା – କାହିଁକି କ'ଣ ହେଲା? ବଗୁଲି କହିଲା – ଏସବୁ ମଣିଷର ଶତୃତାର ଫଳ । କିଏ ବିଷ ପକାଇ ଏମିତି କରିଛି । ଶହଶହ ମାଛ ମରିଗଲେ, କେତେ ପଶୁପକ୍ଷୀ ପୋଖରୀ ପାଣିପିଇ ମରି ପଡୁଛନ୍ତି । ତେବେ ଆମେ ଅବା କ'ଣ କରିପାରିବୁ ? ମଣିଷ ହୋଇଥିଲେ ସିନା ଶବକୁ ରାସ୍ତା ଉପରେ ରଖି ରାସ୍ତା ରୋକ କରି ସରକାରଙ୍କ ଠାରୁ କ୍ଷତି ପୂରଣ ମାଗିଥାଆନ୍ତୁ, ଅଘଟଣ ମୃତ୍ୟୁକୁ ଚାଷୀ ଆତ୍ମହତ୍ୟା କହି ସରକାରଙ୍କ ନିକଟରେ ଦାବି କରନ୍ତୁ ।


ଆମେ ମରିବୁ, ମଡ଼କ କହି ଲୋକମାନେ ଫାଇଦା ଉଠେଇବେ । କହିଲା କାଉ ଭାଇ, ଆମେ କ୍ଷୁଦ୍ର ଜୀବ, ଆମେ କାହାର ଉପକାର କରିନପାରିଲେ ମଧ୍ୟ କାହାର ଅପକାର କରୁନା । ଆମ ପାଇଁ ଈଶ୍ୱର ଖୋଲା ଆକାଶ, ଗଛଡାଳ, ଫଳପାଣି ସବୁ ପ୍ରକାର ପ୍ରାକୃତିକ ଜିନିଷ ଖଞ୍ଜି ଦେଇଛନ୍ତି । ଆମେ କାହାକୁ ଈର୍ଷା କରୁନା କି ମାଗଣା ଖାଦ୍ୟକୁ ଲୋଭ ରଖୁନା;ତଥାପି ଆମେ କାଳ ମୁଖରେ ପଡ଼ିଲୁ । ଆମେ କ'ଣ ଇନ୍ଦିରା ଆବାସ କେବେ ଖୋଜିବୁ ନା କାଳିଆ ଯୋଜନା ଆମର ଦରକାର ? ସେଇଥିପାଇଁ ମୋ ମନ ଦୁଃଖ । ପୁଣି ମୁଁ ଗର୍ଭବତୀ ଆଉକିଛି ଦିନପରେ ମୁଁ ଅଣ୍ଡା ଦେବି । ତାକୁ ଉଷୁମେଇବି ବଗ ଥିଲେ ମୋ ପାଖକୁ ସବୁ ଯୋଗାଇ ଦେଇ ଖୁସି ହେଉଥାଆନ୍ତା । ଦୁଇଜଣ ମିଶି ବସା ବାନ୍ଧି ଥାଆନ୍ତୁ ଡିମ୍ବରୁ ଛୁଆ ବାହାରି ଥାଆନ୍ତା, ଆମେ ଛୁଆ ପାଇ କେତେ ଆନନ୍ଦ ହୋଇଥାଆନ୍ତା । ଆମକୁ ଭାଗ୍ୟ ଅଲଗା କରି ଦେଲା । ମୁଁ ଏକୁଟିଆ ହୋଇଗଲା, ଆମ ପାଇଁ କ'ଣ ଆଶା ଯୋଜନା ଅଛି ଯେ ମୁଁ ଅଚିନ୍ତା ରହିବି ?

କାଉ କହିଲା – ବଗୁଲି ତୁ ଚାଲେ ଆମ ପାଖରେ ରହିବୁ । ବଗୁଲି କହିଲା – ନାହିଁରେ କାଉ, କାଉ ମେଳରେ ବଗ । ଲୋକ

ଦେଖିଲେ ହସିବେ । ମୁଁ ଏଇଠି ଅଛି । ମୋ ଦୁଃଖରେ ମୋତେ ଛାଡ଼ିଦିଅ । ନିରାଶ୍ରୟକୁ ଜଗଦୀଶ ଭରସା । ମୋର ସେହି ଜଗଦୀଶ ସାହା ଭରସା । କାଉ  କହିଲା – ହଁଲୋ ଭଉଣୀ, ତୋ ଦୁଃଖ ମୁଁ ବୁଝିପାରୁଛି, ହେଇ ଦେଖୁନୁ ଆମେ କାଉଭାଇ । ଆମେ କ'ଣ କାହାର ଅପକାର କରୁ । ରାତି ପାହିଲେ ଆମେ ଘରଘର ବୁଲି ଶୋଇବା ଲୋକଙ୍କୁ ଉଠାଇ ଦେଉ, କୁଣିଆ ଆସିବାକୁ ଥିଲେ ଆମେ ଆଗ ଯାଇଁ ବାରତା ଦେଉ, ଅମେଧ ଖାଇ ଜୀବନ ବଞ୍ଚାଉ, ଆମକୁ କିଏ ପଞ୍ଜୁରୀରେ ଶ୍ରଦ୍ଧାରେ ପାଳନ୍ତିନି କି ହରିନାମ ଶିଖାନ୍ତିନି । ତେବେ ମୁଁ ବୋବେଇଲେ ଲୋକ ବିରକ୍ତ ହୋଇ ମାରି ଗୋଡ଼ାନ୍ତି । କାରଣ ସ୍ୱରଟା ମୋର କର୍କଶ । ତଥାପି ଆମର ସ୍ୱଧର୍ମ ଆମେ ପାଳନ କରୁ ।

କୋଇଲିର ରୂପ କଳା ହେଲେ, କ'ଣ ହେଲା, ତା ଗଳାଟା ମଧୁରବୋଲି ତାକୁ ସମସ୍ତେ ଭଲ ପାଆନ୍ତି । ତା' ପାଇଁ ଗୀତ ଲେଖନ୍ତି, କବିତା ଲେଖନ୍ତି । କିନ୍ତୁ ଜାଣିଛୁ ସେ ଡିମ୍ବଦିଏ, ଛୁଆ ଫୁଟାଏ ନା, ଆମେ ଉଦ୍ଧାର ମାଆ ହୋଇ ଛୁଆକରୁ । ଛୁଆ ବଡ଼ହେଲେ ଫୁରୁରୁ କିନା ଉଡ଼ିଯାଏ । ସେ ଆମକୁ ଟିକିଏ ବି ପଚାରେନି । ଛାଡ଼ ତୁମର ଏ ବିପଦ ପାଇଁ ଆମେ ଦୁଃଖିତ । ଏ ବିଜ୍ଞାନ ଯୁଗରେ ଆମକୁ ହାତରେ ନ ମାରି ଭାତରେ ମାରୁଛନ୍ତି, ମୋବାଇଲ ଟାୱାର ବସାଇ ଆମ ପାଇଁ ବିପଦ ସୃଷ୍ଟି କରୁଛନ୍ତି ଆଉ ହାତକେ ଗୋଟିଏ କାରଖାନା ବସାଇ ବାୟୁ ପ୍ରଦୂଷଣ କରୁଛନ୍ତି;ପୁଣି ବର୍ଜ୍ୟବିଷାକ୍ତ ପାଣି ଛାଡ଼ି ସମସ୍ତଙ୍କ ଜୀବନକୁ ବିପଦରେ ରଖୁଛନ୍ତି । ହଉ, ଚାଲ ଆମେ ପ୍ରାର୍ଥନା କରିବା  – ଚକ୍ରଧର ପକ୍ଷୀ ଜନ୍ମରୁ ଉଦ୍ଧାର କର ।

ଗଣ୍ଡରପୁର, କଟକ ।



# କାଳିଝିଅ ଓ ଫେରିବାଲା

– ସଚ୍ଚିଦାନନ୍ଦ କର

ଗୋଟିଏ ଦୁର୍ଘଟଣା ଘଟିଗଲା ।

ଫେରିବାଲାର ସାଇକେଲକୁ ଧକ୍କା ଦେଲା କାଳିଝିଅର ସ୍କୁଟି । ଶୂନ୍‌ଶାନ୍ ରାସ୍ତାରେ ।

ରକ୍ତ ଝରୁଥିଲା– କାଳିଝିଅର ପାଦରୁ । ଫେରିବାଲାର ମୁଣ୍ଡରୁ । ଧୂଳି ଲାଗି ଅସନା ହୋଇଥିଲା ପୋଷାକ–ଉଭୟଙ୍କର ।

ଫେରିବାଲା ଝାଡ଼ିଝୁଡ଼ି ଠିଆହେଲା । ଜିନିଷ ସଜାଡ଼ିଲା ।

କାଳିଝିଅ ବି ଝାଡ଼ିଝୁଡ଼ି ହୋଇ ଉଠିଲା । ଧାଇଁ ଯାଇ ଫେରିବାଲାର ମୁଣ୍ଡରୁ ନିଜ ରୁମାଲରେ ରକ୍ତ ପୋଛିଲା ।

– 'ଗାଡ଼ି ଚଲାଇବା ବେଳେ ଅନ୍ୟମନସ୍କ ହେବା ଠିକ୍ ନୁହେଁ ।' ଫେରିବାଲା କହିଲା ।

– 'ନୂଆ ନୂଆ ସ୍କୁଟି ଚଲାଉଛି । କିଛି ମନେ କରିବନି । ବୋଧହୁଏ ମୋର ଭୁଲ ହୋଇଛି । କାଳିଝିଅ ଦୁଃଖ ପ୍ରକାଶ କଲା ।'

ଜିନିଷ ସଜାଡୁ ଥିଲା ଫେରିବାଲା । ମନକୁମନ କହୁଥିଲା । – 'ଝିଅଟା ସଜ ହୁଏନି ବୋଧେ । ଇସ୍ କି ଅସୁନ୍ଦର ଦିଶୁଛି । ଇଏ କ'ଣ ବୁଝିବ ମୋ ଜିନିଷପତ୍ରର ମୂଲ୍ୟ ।'

– 'ମୋର ଡେରି ହେଲାଣି । ମୁଁ ଆସୁଛି ।' କହିଲା କାଳିଝିଅ । ସ୍କୁଟି ଷ୍ଟାର୍ଟ କଲା । ଚାଲିଗଲା ।

ଫେରିବାଲା ସାଇକେଲରେ ବସିଲା । ଗୋଟିଏ ଗୋଟିଏ ପେଡାଲ ମାରି ଆଗକୁ ଚାଲିଲା ।

ସେଦିନ କଲେଜରୁ ଫେରି ଫେରିବାଲା କଥା ଭାବିବାକୁ ଲାଗିଲା କାଳିଝିଅ । ରାତିରେ ବି ଭାବିଲା । ଅନେକ ରାତି ପର୍ଯ୍ୟନ୍ତ ସେ ଭାବୁଥିଲା ସେଇ ଫେରିବାଲା କଥା । ଆଖିରେ ନିଦ ଆସୁନଥିଲା ।

– 'କେତେ ଭଲ ସେଇ ଫେରିବାଲା । ମନକୁ ମନ କହୁଥିଲା କାଳିଝିଅ । ଫେରିବାଲା ବାଲା ପାଇଁ ବଢୁଥିଲା ତା'ର ସହୃଦୟତା ।

ଫେରିବାଲାକୁ ମନରୁ ଭୁଲି ପାରିନଥିଲା କାଳି ଝିଅ ।

ପ୍ରାୟ ସପ୍ତାହକ ପରେ ଦିନେ ସେ ନିଜ ଘରର ଗେଟ୍ ସାମନାରେ ଶୁଣିପାରିଲା ଫେରିବାଲାର ସ୍ୱର । – 'ସାମ୍ପୋ, ସାବୁନ୍, ସ୍ନୋ, ପାଉଡର, ବିନ୍ଦି, ଅଳତା ରଖିବ ।' ଡାକୁଥିଲା ଫେରିବାଲା ।

ତା' ପାଖକୁ ଧାଇଁ ଆସିଲା କାଳିଝିଅ । ତାକୁ ଚିହ୍ନିପାରିଲା । ହସହସ ହୋଇ ଭିତରକୁ ଡାକିନେଲା । ଦୁର୍ଘଟଣା କଥା ମନେ ପକାଇଲା । ମନଇଚ୍ଛା ସେଦିନ ଫେରିବାଲାଠାରୁ ବହୁତ ଜିନିଷ ରଖିଲା ।

ପ୍ରଥମ କରି ସଜ ହେବା ଜିନିଷ ରଖୁଥିଲା କାଳିଝିଅ ।

– 'ଯେତେ ସଜ ହେବାକୁ କହିଲେ ହୁଏନି । ଆଜି ତା'ର କ'ଣ ମନ ହେଇଛି କେଜାଣି ।' ପାଖରେ ଠିଆ ହୋଇଥିବା କାଳିଝିଅର ମା' କହିଲେ ଓ କଥାଶେଷରେ ମୁର୍କି ମୁର୍କି ହସିଲେ ।

– 'ତୁମର କେତେ ପଇସା ହେଲା ?' ମୁର୍କି ହସି ଫେରିବାଲାକୁ ପଚାରିଲା କାଳିଝିଅ ।

– 'ତୁମେ ଆଗ ସଜ ହୁଅ । କେମିତି ଦିଶୁଛ ମୁଁ ଦେଖେ । ତା'ପରେ ଯାଇ ପଇସା ନେବି । ସବୁ ସପ୍ତାହରେ ମୁଁ ଥରେ ଏଇ ଏରିଆକୁ ଆସିଥାଏ ।' ଫେରିବାଲା କହିଲା । ଫେରିଗାଲା ।

ସାମ୍ପୋ, ସାବୁନ୍, ସ୍ନୋ, ପାଉଡ଼ର୍, ଟିକିଲି– ଏସବୁରେ ଏବେ କାଳିଝିଅ ଦିଶୁଥିଲା ଗୋରୀ, ସୁନ୍ଦରୀ । ଆଇନା ଆଗରେ ନିଜକୁ ଦେଖି ନିଜେ ଉତ୍‌ଫୁଲ୍ଲିତ ହେଉଥିଲା । ଫେରିବାଲାକୁ ନିଜକୁ ଦେଖେଇବାକୁ ଚାହୁଁଥିଲା । ଜିନିଷର ଦାମ୍ ଦେବାକୁ ବି ଚାହୁଁଥିଲା ।

ଫେରିବାଲାର ଦେଖା ନଥିଲା ।

ଏବେ ନିଜକୁ ଭଲପାଇବାରେ ଲାଗିଥିଲା କାଳିଝିଅ । ବହୁତ ଭଲପାଉଥିଲା । ଖୁବ୍ ଆତ୍ମବିଶ୍ୱାସ ଆସିଯାଇଥିଲା ତା' ମନରେ ।

ଆସୁନଥିଲା ଫେରିବାଲା ।

ବ୍ୟସ୍ତ ହେଉଥିଲା କାଳିଝିଅ ।

ଦିନେ ପୁଣି ଆସିଲା ଫେରିବାଲା । ତାକୁ ଦେଖି ଖୁସି ହେଲା କାଳିଝିଅ । ପଚାରିଲା– 'ଏତେ ଦିନ ହେଲାଣି ଆସୁନଥିଲ ? ମୋତେ ଭୁଲି ଯାଇଥିଲ ବୋଧେ ?'

ଅଳ୍ପ ହସିଲା ଫେରିବାଲା । ଜିନିଷପତ୍ର ଦେଲାବେଳେ ଧୀରେ କହିଲା– 'ଏବେ ତୁମକୁ ସୁନ୍ଦରୀ ବୋଲି କହିପାରିବି କି ?'

– 'ଆଉ କିଛି କହିପାରିବନି କ'ଣ ?' ଅଳ୍ପ ହସି କହିଲା କାଳିଝିଅ ।

ଫେରିବାଲା ମୁର୍କି ହସିଲା । କାଳିଝିଅକୁ ଚାହିଁଲା । ହେଲେ କିଛି କହିପାରିଲାନି ।

ସଲ୍ଲଜ ଭଙ୍ଗୀରେ ଫେରିବାଲାକୁ ଚାହିଁ ରହିଥିଲା କାଳିଝିଅ ।

ଇଏ ଗୋଟେ ଭଲପାଇବା ଜନ୍ମ ନେବାର ସୂଚନା ।

ହେଲେ କିଏ କାହାକୁ ଭଲ ଲାଗୁଥିଲା ? ? ?

'ନିର୍ମାଲ୍ୟ'
ନୂଆପଡ଼ା, ନୟାବଜାର, କଟକ

# ଅନ୍ତର୍ଦାହ

- ଦେବାଶିସ ମିଶ୍ର

ସାର୍, ଆଜି ଖବରକାଗଜ ପଢ଼ିଲେ !

ନା, କ'ଣ ବାହାରିଛି କି ?

ଆପଣଙ୍କ ପ୍ରିୟ ଶିଷ୍ୟର ଖବର !

'କ'ଣ', 'କିଏ' ? ମୋ ମନରେ ପ୍ରଶ୍ନ ଉଙ୍କି ମାରିଲା । ମୁଁ ଖବରକାଗଜଟା ଓଲଟାଇ ଦେଖିଲି । ଏ କ'ଣ ରାହୁଲ ?

ହଁ, ତ ରାହୁଲର ଖବର !

ସେ କ'ଣ ଜେଲ୍‌ରେ !

ହଁ, ସେଇଆ ହେବାର ବି ଥିଲା । ଆଶୁତୋଷ କହିଲା । କ'ଣ ଆପଣ ତା' ବିଷୟରେ ଖବର ରଖିଛନ୍ତି ?

ମୁଁ କହିଥିଲି- "ନା, ଦୀର୍ଘ ପନ୍ଦର ବର୍ଷ ହେବ ଦଶମ ଶ୍ରେଣୀରେ ପଢ଼େଇଲା ପରେ ଆଉ ଦେଖିନି, କି ତା' ବିଷୟରେ ଜାଣିନି ।"

ଆଶୁତୋଷ ଖବରକାଜଗରେ ଦେଇଥିବା ଲେଖାଟିକୁ ପଢ଼ିବାକୁ କହିଲା । ପଢ଼ି ମୁଁ ସହିପାରିଲି ନାହିଁ, ଆଖିରୁ ଅଶ୍ରୁ ବାହାରି ପଡ଼ିଲା । ଏମିତି ଲାଗିଲା ଯେମିତି ମୁଁ ନିଜେ ହାରି ଯାଇଛି ।

ସ୍ୱାତୀ ଥିଲା ସୁନ୍ଦରୀ, ବୁଦ୍ଧିମତୀ । ସେ ଥିଲା ଗ୍ରେଜୁଏସନ୍ ଶେଷ ବର୍ଷ ଛାତ୍ରୀ । କିଛିଦିନ ତଳେ ତାର ଦେଖାହେଲା ରାହୁଲ ସହିତ । ରାହୁଲ ଥିଲା ତା' ମାତାପିତାଙ୍କର ଏକମାତ୍ର ସନ୍ତାନ । ଦୁହେଁ ଦୁହିଁଙ୍କ ଭଲ ପାଇବାକୁ ଲାଗିଲେ । ରାହୁଲ ସମ୍ବଲପୁରରେ ବ୍ୟାଙ୍କ୍‌ରେ କ୍ଲର୍କ ଭାବରେ କାମ କରୁଥିଲା । ଦୁହେଁ ନିର୍ଣ୍ଣୟ ନେଇଥିଲେ ଅଭିଭାବକଙ୍କୁ ତାଙ୍କ ବିଷୟରେ ଜଣେଇବେ ବୋଲି । କିନ୍ତୁ ସମସ୍ୟା ଥିଲା ସେ ଦୁହିଁଙ୍କର ଜାତି ଥିଲା ଅଲଗା ।

ସ୍ୱାତୀର ବାପା ଫରେଷ୍ଟ ଅଫିସର କାମ କରୁଥିଲେ । ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଥିଲେ । ସ୍ୱାତୀ ଅଲଗା ଜାତିର ହେବା ସତ୍ତ୍ୱେ ରାହୁଲର ମାଁ ବାପା ଯୌତୁକ ଆଶାରେ ବିବାହ ପାଇଁ ରାଜି ହୋଇଗଲେ । ସ୍ୱାତୀର ମା' ବାପା ତା' ଜିଦ୍ ସାମ୍ନାରେ ହାର ମାନି ନେଇଗଲେ । ଝିଅର ଖୁସି ପାଇଁ ତାକୁ ରାହୁଲ ସହିତ ବାହା କରେଇବା ପାଇଁ ବାଧ ହେଲେ ।

ବାହାଘର ହେଲା । ରାହୁଲକୁ ସ୍ୱାତୀର ବାପା ସାମର୍ଥ୍ୟ ଅନୁସାରେ ଯୌତୁକ ବି ଦେଲେ । ବାହାଘର ବି ବେଶ୍ ଧୁମ୍‌ଧାମ୍‌ରେ ହେଲା ।

ସ୍ୱାତୀ ବେଶ୍ ଖୁସି ଥିଲା ଯେ ଅନ୍ୟ ଜାତିର ହେବା ସତ୍ତ୍ୱେ ତା' ବାପା ମା' ବେଶ୍ ଧୁମ୍‌ଧାମ୍‌ରେ ତା'ର ବାହା କରେଇଲେ । ସ୍ୱାତୀର ବିଶ୍ୱାସ ଥିଲା ଯେ ତାକୁ ଶାଶୂଘର ବୋହୂ ନୁହେଁ, ଝିଅ ଭଳି ରଖିବେ ।

କିନ୍ତୁ ଶାଶୂଘର ଧୀରେ ଧୀରେ ସ୍ୱାତୀକୁ ବନ୍ଦୀଶାଳା ଭଳି ଲାଗିଲା । ଯେତେ ଭୋକିଲା ଥିଲେ ମଧ୍ୟ ସମସ୍ତେ ନ ଖାଇବା ପର୍ଯ୍ୟନ୍ତ ତାକୁ ଖାଇବାକୁ ସ୍ୱତନ୍ତ୍ରତା ନଥିଲା । ଏମିତି କି ଘରର କୌଣସି ପୁରୁଷ ସଦସ୍ୟଙ୍କ ସାମ୍ନାରେ ବସିବାର ଅଧିକାର ବି ନଥିଲା । ସେ ଗ୍ରାଜୁଏସନ୍ ପରୀକ୍ଷା ଦେବା ପାଇଁ ପଢ଼ିବାକୁ ଚାହିଁଲା ବେଳକୁ ତାକୁ ସେଥିରେ ବି ମନା କରାଗଲା ।

ସ୍ୱାତୀ ଏସବୁ ପାଇଁ ରାହୁଲ ପାଖରେ ବିରୋଧ ଜଣେଇଲା । ହେଲେ ରାହୁଲ କହିଥିଲା- "ଏହା ପରିବାର ଦ୍ୱାରା କରାଯାଇଥିବା କୌଣସି ଭୁଲ ନିଷ୍ପତ୍ତି ନୁହେଁ, ବରଂ ଆମ ସଂସ୍କୃତି ଓ ପରମ୍ପରା ।" ସେ ସ୍ୱାତୀକୁ ତାଗିଦ୍ କରି କହେ, " ମା' ବାପା ଯାହା କହିବେ, ତୁମେ ମାନିବାକୁ ବାଧ ।" ଶେଷରେ ସ୍ୱାତୀ ପଢ଼ିବା ପାଇଁ ଜିଦ୍ ଧରିବାରୁ ତା' ଶାଶୁ ଶ୍ୱଶୁର ଓ ରାହୁଲ ଠାରୁ ମାଡ଼ ଖାଇବା ପାଇଁ ପଡ଼ିଲା ।

କିଛିଦିନ ପରେ ଶ୍ୱଶୁର ଘରେ ଗୋଟିଏ ଘର କିଣିବା ପାଇଁ ସ୍ଥିର କଲେ । ଟଙ୍କା ନିଅଁଟ ହେବାରୁ ସ୍ୱାତୀକୁ ଚାରିଲକ୍ଷ ଟଙ୍କା ତା' ବାପାଙ୍କ ଠାରୁ ଆଣିବା ପାଇଁ କହିଲେ । ଏହି ସମୟରେ ସେ ଗର୍ଭବତୀ ମଧ୍ୟ ଥିଲା । ସ୍ୱପ୍ନ ଓ ଆଶା ଥିଲା ଏକ ଉଜ୍ଜ୍ୱଳ ଭବିଷ୍ୟତର । ହେଲେ ସବୁ ଓଲଟ-ପାଲଟ ହୋଇଗଲା । ତାକୁ ପୁଣି ଶାଶୁ ଓ ରାହୁଲର ମାଡ଼ ଖାଇବାକୁ ପଡ଼ିଲା ଓ ତା'ର ଗର୍ଭପାତ ହୋଇଗଲା । ସେମାନେ ତାକୁ ହସ୍‌ପିଟାଲ ବି ଆଣିଲେ ନାହିଁ । ଦି'ଦିନ ପର୍ଯ୍ୟନ୍ତ ରକ୍ତସ୍ରାବ ଲାଗି ରହିଲା । ଆଉ ଶେଷରେ ସେ ଆଖି ବୁଜିଦେଲା ।

ଦିନେ ମୁଁ ଗର୍ବ କରୁଥିଲି, ରାହୁଲ ପାଇଁ । ସେ ଥିଲା ମୋର ସବୁଠାରୁ ପ୍ରିୟ ଛାତ୍ର । ଆଜି ବି ମନେ ପଡ଼େ ଜିଲ୍ଲା ସ୍ତରୀୟ ତର୍କ ପ୍ରତିଯୋଗୀତାରେ ସେ 'ଯୌତୁକ ଏକ ରାକ୍ଷସ' ବିଷୟରେ ଦେଇଥିବା ଭାଷଣଟି । ସତରେ କି ଚମତ୍କାର ଥିଲା ସେ ଭାଷଣ । ଯୌତୁକ ରୂପୀ ରାକ୍ଷସର ଅନ୍ତ କରି ସେ ଶାନ୍ତି, ପ୍ରେମ ଓ ସ୍ନେହର ଏକ ସୁନ୍ଦର ସମାଜ ଗଢ଼ିବାର କି ସୁନ୍ଦର ଯୁକ୍ତି ବାଢ଼ିଥିଲା । ପାଠ ପଢ଼ାରେ ବି ସେ ଥିଲା ଅତି ଉତ୍ତମ । ଗଣିତ ଭଲ ଭାବରେ ଜାଣୁଥିବାରୁ ମୁଁ ତାକୁ ନିଜ ପୁଅ ଆଶୁତୋଷ ଠାରୁ ବି ବେଶୀ ଭଲ ପାଉଥିଲି । ମୋର ବିଶ୍ୱାସ ଥିଲା, ସେ ଦିନେ ନା ଦିନେ ମୋ ନାମକୁ ଗୌରବାନ୍ୱିତ କରିବ । ସେ ମୋ ଦେଖେଇଥିବା ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଜୀବନର ଚଲାପଥରେ ଆଗେଇବ ।

ହେଲେ, ଏ କ'ଣ ସବୁ ସତ୍ୟାନାଶ ହୋଇଗଲା । ଆଜି ବି ମନେ ପଡ଼େ ରାହୁଲ ଭଲ ପଢୁଥିବାରୁ ତାକୁ ମୁଁ କ୍ଲାସ ମନିଟର କରିଥାଏ । ଆଉ ଅନ୍ୟ ପଟେ ହଳଧର ସବୁବେଳେ ମୋ କ୍ଲାସ୍‌ରେ ପନିସ୍‌ମେଂଟ ପାଇ ବାହାରେ ଠିଆ ହୋଇଥାଏ । ତା'ର ପଢ଼ାରେ ବିଲକୁଲ ଧ୍ୟାନ ବି ନଥାଏ । ମୁଁ ସବୁବେଳେ ତାକୁ କହେ, କେଜାଣି

ତୁ ସ୍କୁଲକୁ କାହିଁକି ଆସୁଛୁ । ପଢ଼ିବା ପାଇଁ ନା କେବଳ ସମୟ ବର୍ବାଦ କରିବା ପାଇଁ । ତତେ ପଢ଼େଇ ବଦନାମ ହେବା ଛଡ଼ା ଅନ୍ୟ କିଛି ଲାଭ ନାହିଁ । ଯେତେବେଳେ ବି ଗଣିତ ବୁଝେଇବି ଅନ୍ୟମନସ୍କ ହୋଇ ରହିବୁ । ଯାହା ବୁଝେଇଲେ ବି ଫେଲ ହେବୁ । ଯାହା ବି ହେଉ, ସତକୁ ସତ ହଳଧର ଫେଲ ହୋଇ ପାଠ ଛାଡ଼ିଲା । ମୁଁ ବି ସେଦିନ ମନେ ମନେ ଭାବିଥିଲି ଗଲା ମୁର୍ଖଟାଏ ।

ହେଲେ ଏଇ ତ ଗତ ଶୁକ୍ରବାର ଦିନର କଥା । ହଠାତ୍ ମୁଁ ତା' ବିଷୟରେ ଶୁଣି ଅବାକ୍ ହୋଇଗଲି । ସରକାର ତାକୁ କ'ଣ ନା ପଦ୍ମଶ୍ରୀ ଦେବା ପାଇଁ ଘୋଷଣା କଲେ । ସତରେ ଗଣିତ ସିନା ଜାଣୁନଥିଲା, ହେଲେ ଆଜି ମୁହଁ ଖୋଲି ଯେଉଁଠି ବି କବିତା କହେ, ଲୋକେ ମନ୍ତ୍ର ମୁଗ୍ଧ ହୋଇ ଘଂଟା ଘଂଟା ଧରି ତା' କବିତା ଶୁଣନ୍ତି । ସବୁଠାରୁ ଆଶ୍ଚର୍ଯ୍ୟର କଥା, ଆଜି ବି ସେ ମୋତେ ସମ୍ମାନ କରୁଛି । ତାର ଏତେ ବଡ଼ ସମ୍ମାନ ପାଇବା ପଛରେ ମୋର ହାତ ଓ ପ୍ରେରଣା ରହିଛି ବୋଲି ସେ ସମ୍ବାଦିକ ସମ୍ମିଳନୀରେ ଜଣେଇଛି । ଯେଉଁ ପିଲାକୁ ଅଯୋଗ୍ୟ ମନେ କରୁଥିଲି, ସେ ଆଜି ମୋତେ ସମ୍ମାନିତ କଲା ।

ହଳଧରର ଜୀବନଟା ବତ କମ୍ ଆଦର୍ଶମୟ ନୁହେଁ । ସ୍କୁଲ ସିନା ଛାଡ଼ିଲା , ହେଲେ ପଢ଼ା ଛାଡ଼ିନି କେବେ । ଜୀବନ ସାରା ଶିକ୍ଷା ଗ୍ରହଣ କରିଚାଲିଛି ।

ମା' ବାପା ଯେଉଁ ଝିଅକୁ ବାହା କରିବା ପାଇଁ ଠିକ୍ କଲେ, ତାକୁ ଥରୁଟିଏ ବି ନଦେଖି ବାହା ହେଲା । କେବେ ତା' ଆଖିରେ ଅଶ୍ରୁ ଆସିବା ଦେଇନାହିଁ । ସବୁବେଳେ ତାକୁ ଖୁସିରେ ରଖିବା ପାଇଁ ଚେଷ୍ଟା କରିଛି । ଆର୍ଥିକ ସ୍ଥିତି ଖରାପ ଥିଲେ ବି କେବେ ପତ୍ନୀକୁ ପଦୁଟିଏ କହି ନାହିଁ ।

ହଳଧରର ଶାଶୁ ଶ୍ୱଶୁରଙ୍କ ସ୍ୱର୍ଗବାସ ହୋଇଯିବାରୁ ସେ ନିଜ ଶଳା ଓ ଶାଳୀକୁ ନିଜ ପୁଅ ଝିଅ ପରି ସ୍ନେହ ଦେଇଛି । ଥରେ ଯେତେବେଳେ ପତ୍ନୀ ସୁକୁମାରୀକୁ ଜ୍ୱର ହେଲା, ସେ ତାଙ୍କ ଗାଁରେ ସେତେବେଳେ କୌଣସି ଗାଡ଼ି ମଟରର ସୁବିଧା ନଥିଲା । ସେ ସେଥିପାଇଁ ତାକୁ କାନ୍ଧେଇ ଦୀର୍ଘ ଦଶ କିଲୋମିଟର ଦୂର ହସ୍ପିଟାଲ କୁ ବୋହି ନେଇ ଯାଇଥିଲା । ହେଲେ ବଂଚେଇ ପାରିଲା ନାହିଁ ନିଜ ପ୍ରାଣପ୍ରିୟାକୁ । ସେଦିନଠାରୁ ଟଙ୍କା ଯୋଗାଡ଼ କରି ଗୋଟାଏ ଅଟୋ ରିକ୍ସା କିଣିଛି । ଯାହାକୁ ଚିକିତ୍ସାର ଦରକାର ହୁଏ, ସେ ନିଶୁଳ୍କ ସାହାଯ୍ୟ କରେ । ତାକୁ ହସ୍ପିଟାଲ ପହଂଚାଇ ଦିଏ ।

ମୁଁ ଆଗରୁ ଭାବୁଥିଲି ଶିକ୍ଷା ହିଁ ମଣିଷକୁ ମଣିଷ କରି ଗଢ଼ି ତୋଳେ, ହେଲେ ହୁଏତ ମୁଁ ଭୁଲ୍ ଥିଲି । ଶିକ୍ଷା ନୁହେଁ, ମଣିଷର ଶୁଦ୍ଧ ଭାବନା ହିଁ ମଣିଷକୁ ମଣିଷ କରି ଗଢ଼ି ତୋଳେ ।

ଆଜି ମୁଁ ନିଜେ ଭୁଲ୍ ପ୍ରମାଣିତ ହୋଇ ବି ଜୀବନରେ ପ୍ରଥମ ଥର ପାଇଁ ଖୁସି ଥିଲି ।

ଅନ୍ତରାତ୍ମାର ଅନ୍ତର୍ଦାହରୁ ବାହାରି ଆସୁଥିଲା- ସମାଜ ଦରକାର କରେ ହଳଧର, ରାହୁଲ ନୁହେଁ । ଦରକାର କରେ ଆଦର୍ଶ, ଶିକ୍ଷା ନୁହେଁ ।

ମନରୁ ସ୍ୱତଃ ଆସିଯାଉଥିଲା "ହଳଧର ଦୀର୍ଘାୟୁ ଭବ ।"

ଅବନବେଲା,ରେମଣ୍ଡା,ସୁନ୍ଦରଗଡ

# ଜୀବନ ଯୁଦ୍ଧ

- ରଶ୍ମିବାଳା ଶତପଥୀ

ଜୀବନ ଯୁଦ୍ଧରେ ହାରି ମୁଁ ଯାଇଛି
ପରାସ୍ତ ପଥିକ ପରି
ମୁକ୍ତିର ବାଟ ଖୋଜି ଖୋଜି ମୁଁ
ଥକି ପଡ଼ିଛି ଯେ ଆଜି ।
ଆରମ୍ଭ କେଉଁଠି ଅନ୍ତ ଯେ କେଉଁଠି
ପାରୁନି ଆଜି ମୁଁ ଜାଣି
ଏ ରଣ କ୍ଷେତ୍ରରୁ ରକ୍ଷା କର ମୋତେ
ହେ ମୋର ବାଙ୍କ ଚାହାଣୀ ।
ତ୍ୟାଗର ଶିଖାରେ ଜଳି ଜଳି ଆଜି
ହୋଇଛି ମୁଁ ଆଜି ଦଗ୍ଧ

ସଂସାର ମାୟାରେ ଲକ୍ଷ୍ୟ ଭ୍ରଷ୍ଟ ହୋଇ
ହୃଦୟ ଆଜି ମୋ କ୍ଷୁବ୍ଧ ।
ଅଭିନୟ ଆଉ କରିପାରୁନାହିଁ
ଏ ନାଟ୍ୟ ମଣ୍ଡପେ ଆଜି
ମୁକ୍ତି ଲୋଡୁଅଛି ତାର ମହାପ୍ରଭୁ
ଅବସର ଦିଅ ମୋତେ ।
ଜଗତର ନାଥ ହେ ଜଗନ୍ନାଥ
କୃପାବାରି ଦିଅ ଢାଳି
କ୍ଷମା ଲୋଡୁଅଛି ତୁମ୍ଭ ଶ୍ରୀପୟରେ
କ୍ଷମା ସୁଧା ଦିଅ ଢାଳି ।

ଯାଜପୁର ଟାଉନ୍, ଯାଜପୁର ।

# ସ୍ୱାର୍ଥପର

- ସାଧନା ପଣ୍ଡା

ନୂତନ ବନ୍ଧୁ ଅନେକ ଭେଟିଛି
ଶ୍ରଦ୍ଧା, ପ୍ରୀତିର ଫୁଆର ଫିଟିଛି
ସଂଶୟ ଆଉ ଦ୍ୱନ୍ଦ୍ୱ ତୁଟିଛି
ବିଶ୍ୱେ ପ୍ରେମର ଗନ୍ଧ ଛୁଟିଛି
ବିନାଶି ଅନ୍ଧକାର.... ।
ଚିନ୍ତା, ଚେତନା ପରକୁ ଆପଣା
ସ୍ପର୍ଶ କରିନି ଚେନାଏ ଶୋଚନା
ଉଚ୍ଚାରି ମନ୍ତ୍ର ମାନବବାଦର
ନକରି ଆପଣା, ପରର ବିଚାର
ତପ୍ତ ଲୁହରେ ବୁହାଇ ଚାଲିଛି
ଲେଶହିତ ରକ୍ତ ଧାର... ।
ବନ୍ଧୁତ୍ୱ ଦ୍ୱାହି ଛାତିରେ ଉତାରି
ଆକାଶ କାମୁଡ଼ି ମାଟିକୁ ବିଦାରି
ସ୍ୱାର୍ଥେ ପୂରିତ ହୃଦ ବାହାନର
ତୁଚ୍ଛା ହୁଂକାର ମିଛ ରେ ରେ କାର
ଜୀଇଁଛି ଜୀବନ ମୋହ ସରୋବର
କରି ବୃଥା ଅହଂକାର... ।
ଏମିତି ସହରେ କରିଛୁ ତୁ ଘର
ମାୟା କୁହେଳି ଗୋଲକଧନ୍ଦାର

ଇଛାକୁ ନିଜ ଲଗାମ ବା କାହିଁ
ଉଦାସ ଜୀବନ ବ୍ୟକ୍ତିତାର ଯହିଁ
ଲୁହ ବି ନୁହଁଇ ଇଛା ବି ନୁହଁଇ
ନିଜ ଛାଇ ହୁଏ ପର... ।
କଷ୍ଟ କରୁଛି ଚେଷ୍ଟା କରୁଛି
ସନ୍ତାପ ତାପ ଦଗ୍ଧ କରୁଛି
ଅଶାନ୍ତ କରଇ ଅଳକା ପୁର
ସ୍ୱାର୍ଥପରତାର ଗୋଲକଧନ୍ଦାର
ଚାଲିଛି ହିସାବ ଅଙ୍କ କଷାର
ପିନ୍ଧି ମୁଖା ସ୍ୱାର୍ଥପର... ।
ଆବେଗ ଭିତରେ ଅବଶେଷ ଛବି
ଉଦ୍‌ବେଗ ଭରା ପ୍ରତାରଣା ରବି
ସୁଖ ଅଶ୍ରୁର ଅଶ୍ରୁ ସୁଖରେ
ପ୍ରାଣ ଯାଉଅଛି ଦବି
ମାନବ ବାଦର ପ୍ରଣବ ଅକ୍ଷର
ପରକୁ ଆପଣା ଆପଣାକୁ ପର
ସଜାଇଛି ସ୍ୱାର୍ଥପର
ତପ୍ତ ଲୁହରେ ଶକ୍ତ କରିଛି
ବୁହାଇ ରକ୍ତ ଧାର...... ।

କଳ୍ପନାଛକ, ଭୁବନେଶ୍ୱର ।

# କାଳିଆ କଳାକାହ୍ନୁ

- ଆଦିତ୍ୟ ନାରାୟଣ ପତି

ମୋ କାଳିଆ କଳାକାହ୍ନୁ ଦିଶେ କେଡ଼େ ସୁନ୍ଦର
ଗରୁଡ଼ସ୍ତମ୍ଭ ପଛରୁ ଚାହିଁଦେଲେ ଟେକି ଦୁଇକର ।
ଦିଶିଯାଏ ଆଗେ ଆଖି ଆଡୁଆଳେ ଲୁଚିଯାନ୍ତି ବଡ଼ଠାକୁର
ଚତୁର୍ଦ୍ଧାମୂରତି ରତ୍ନସିଂହାସନେ ବିଜେ ଦେଖିବାକୁ ଭାରି ସୁମନୋହର ।
ବଡ଼ ଠାକୁର ମାଆ ସୁଭଦ୍ରା କଳାଠାକୁର ପରକୁପର ବିରାଜି ଅଛନ୍ତି
ତାପରେ ସୁଦର୍ଶନ ମହାପ୍ରଭୁ ଶ୍ରୀମନ୍ଦିରକୁ ଜଗି ବସିଛନ୍ତି ।
ମନ୍ଦିର ଦ୍ୱାରଦେଶେ ପ୍ରବେଶକାଳେ ଦିଶିଯାନ୍ତି ଏକାକ୍ଷଣେ ଚତୁର୍ଦ୍ଧାମୂରତି
କୋଟିଜନ୍ମ ପୂଣ୍ୟବଳେ ପ୍ରାଣୀ ସେ ଦରଶନ ଲଭନ୍ତି ।
ଆହା କି ସୁନ୍ଦର ଆହା କି ଚମତ୍କାର ସେ ଦୁର୍ଲଭ ଦୃଶ୍ୟ
ଦରଶନ ଲଭି ଏ ତୁଚ୍ଛ ମନୁଷ୍ୟ ପାଏ ଆତ୍ମସନ୍ତୋଷ ।
ହେ କେଶବ ହେ ଜନାର୍ଦ୍ଦନ କି ଯାଦୁ କରହେ ପ୍ରଭୁ ତୁମେ
ଚକାଆଖିକୁ ଦେଖିଦେଲା ମାତ୍ରେ ଚିନ୍ତାକିଛି ନଥାଏ ଏ ମନେ
ସବୁ ଭୁଲି ପ୍ରଭୁ ତମକୁ ଦେଖନ୍ତି ଏତିକି କରୁଥାଏ ପ୍ରାର୍ଥନା
ଯୋଡ଼ ହସ୍ତ ଟେକି ଜୟ ଜଗନ୍ନାଥ କହି ମନକୁ ଦିଏ ଶାନ୍ତ୍ୱନା ।
ନିତି ଦେଖୁଥାଏ ତମକୁ ମୁଁ ପ୍ରଭୁ ପିଣ୍ଡପ୍ରାଣ ଥିବାଯାଏ
ତୁମଛଡ଼ା ପ୍ରଭୁ ଅନ୍ୟ କାଇଁ ମନ ଯାଇନଥାଏ ।
ନିତ୍ୟ ଦରଶନ ଲଭନ୍ତି ଯେ ପ୍ରାଣ ତାଙ୍କଠାରୁ ଭାଗ୍ୟବାନ କାଇଁ
ଏ ସଂସାରରଥରୁ ତରିବାକୁ ତୁମେ ଏକା ପ୍ରଭୁ ସାଇଁ ।
ଚକାଆଖିଆ ନୁହେଁ ସେ ତ ଚୁମ୍ବକ ସଦୃଶ୍ୟ
ଟାଣିନିଏ ବାନ୍ଧି ସମସ୍ତଙ୍କୁ ଡୋରି ଅଦୃଶ୍ୟ ।
ଯେତେ ଦେଖିଲେବି ମାନେ ନାହିଁ ଏ ଅଝଟ ମନ
ବାରମ୍ବାର ସେଇ ଚକାଆଖି ମଧ୍ୟେ ହଜିବାକୁ ହୁଏ ଉଛନ୍ନ ।
ଯେଉଁଠୁ ଦେଖିବ ସେଇଠୁ ଲାଗିବ ପ୍ରଭୁ ଚାହିଁଛନ୍ତି ମତେ
ଚାହିଁଦେଇ ପ୍ରଭୁ ମୁରୁକି ମୁରୁକି ହସି ଦଉଛନ୍ତି ସତେ ।
କେଡ଼େ ମଧୁର ସତେ ସେ ରୂପ ଦରଶନ
କୋଟି ଜନ୍ମ ପୁଣ୍ୟ ବଳେ ପ୍ରାଣୀ ଲଭେ ସେ ପୁଣ୍ୟ ।
କୋଟିକୋଟି ଲୋକଙ୍କର ତୁମେ ଅଟ ମଉଡ଼ମଣୀ
ଏ ସାରା ସଂସାର ତୁମକୁ ଜଗବନ୍ଧୁ ନାମେ ନିତି ପୂଜନ୍ତି ।
ମହାପ୍ରସାଦରେ ଥାଏ ଯେତେ ଆନନ୍ଦ କାହୁଁ ଆଉ ମିଳିବ
କାଣୀଚିଏ ପାଇଦେଲେ ଲାଗେ ମିଳିଗଲା ସର୍ବସ୍ୱ ।
ଟଙ୍କତୋରାଣିରେ ମେଣ୍ଟିଯାଏ ତୃଷ୍ଣା ଏ ସାରା ସଂସାରେ
ମିଳିଯାଏ ସବୁତକ ଶାନ୍ତି ହଟିଯାଇ ଏ ମନୁ ବାସ କାମନାର ।
ଯେତେ ଲେଖିଲେ ବି ସରୁନାହିଁ ପ୍ରଭୁ କେତେ ଯେ ଲେଖିବି
ସମୁଦ୍ରରୁ କାଣିଚାଏ ଜଳ ଆଣି କିବା ମୁଁ ବର୍ଣ୍ଣିପାରିବି ।

ଓଡ଼ଙ୍ଗ, ବାରବାଟି, ଯାଜପୁର ।

# ଜ୍ଞାନ ପ୍ରଦାୟିନୀ ମାଆ ସରସ୍ୱତୀ

- କଳ୍ପନା ରାୟ

ହଂସବାହାନରେ ମାଘ ଶ୍ରୀପଞ୍ଚମୀ
ଶ୍ୱେତବର୍ଣ୍ଣ ରୂପ ହୋଇ
ବୀଣା ହସ୍ତେ ଧରି ମାଆ ବୀଣାପାଣି
କି ସୁନ୍ଦର ଦିଶୁ ତୁହି
ଜ୍ଞାନଦାତ୍ରୀ ବିଦ୍ୟାଦାତ୍ରୀ
ତୋ ପୂଜାରେ ଲଭି ସଭିଏଁ ତ ପ୍ରୀତି
ଯାଆନ୍ତି ବିଭୋର ହୋଇ ।
ବୀଣାର ଝଙ୍କାର ସାରେଗାମା ସ୍ୱର
ଝଙ୍କୃତ ହୁଏ ହୃଦୟେ
ମୂର୍ଖ କାଳିଦାସ ତୋର ବଡ଼ ସୂତ
କବି ଶ୍ରେଷ୍ଠ ତ ବୋଲାଏ
ମାଘମାସ ଶୁକ୍ଳପକ୍ଷେ
କରନ୍ତି ତୋ ପୂଜା ଘରଠୁ ବାହାର
ସାଜସଜ୍ଜା ବିଦ୍ୟାଳୟେ
ଅବୋଧ ବାଳକ ବିଦ୍ୟାରମ୍ଭ କରେ
ତୋହର ଏହି ତିଥିରେ
ପୁସ୍ତକ ଧାରଣ କରିଥାଉ କରେ
ବିଦ୍ୟା ସା ଜ୍ଞାନ ଚକ୍ଷୁରେ

ବାଣ୍ଟୁ ଅଭୟ ମୁଦ୍ରାରେ
ଶୁକ୍ଳ ବସନ ତୋ ଚିତ୍ତ ହରଣରେ
ଲାଗିଥାଏ ତ ବିଧିରେ
ଶ୍ୱେତପଦ୍ମରେ ଆସୀନା ହୋଇଛୁ ତୁ
ବୀଣାପୁସ୍ତକ ହସ୍ତରେ
ଶୁଣି ଯାଉଥାଏ ବୀଣାରୁ ଝଙ୍କାର
ଅଜ୍ଞାନକୁ ତାହା ହରେ
ପୂଜା ତୋ ବିଦ୍ୟାମନ୍ଦିରେ
ମହାମାରୀ ଭୟ ଆଜି କଲା ବନ୍ଦ
ଦୁଃଖ ଭରେ ହୃଦୟରେ
ଜୟ ଜୟ ଜୟ ମାଆ ସରସ୍ୱତୀ
ତୁହି ଯଦି କୃପା କରୁ ।
ସିଦ୍ଧେଶ୍ୱର ମୂର୍ଖ ଜଗତ ଜିତଇ
ଶାରଳା ଦାସ ପୂଜାରୁ
ପଢ଼ିଥିଲି ପୁରାଣରୁ
ଅଜ୍ଞାନକୁ ଜ୍ଞାନୀ ବିଦ୍ୟା ପ୍ରଦାୟିନୀ
ସହସ୍ର ପ୍ରଣାମ କରୁ ।

ସହକାରୀ ଶିକ୍ଷୟିତ୍ରୀ
ଲହଡ଼ା ବାଳିକା ଉଚ୍ଚ ବିଦ୍ୟାଳୟ,
ସମ୍ବଲପୁର ।

# ଫ୍ରେଣ୍ଡ ରିକ୍ୟୁଏଷ୍ଟ

- ଶକୁନ୍ତଳା ପରିଡ଼ା

ସୁଜନେ ଶୁଣ ଦେଇ ମନ କର୍ଣ୍ଣ ଧ୍ୟାନ
କଳିଯୁଗରେ ବନ୍ଧୁତା କରୁଛି ବଖାଣ
ଝିଅଙ୍କୁ ପ୍ରପୋଜ ମାରିବା ପାଇଁ
ଫ୍ରେଣ୍ଡ ରିକ୍ୟୁଏଷ୍ଟ ହୋଇଛି ଆପଣାର ।
ସକାଳୁ ମୋବାଇଲ୍ ଓପନ୍ କର ତ
ଆସିଯାଏ ଭାରି ଭାରି ନୋଟିଫିକେସନ
ସତେ ଅବା ରାତିସାରା ଉଜାଗର ରହି ଦୀପ ଜାଳୁଛନ୍ତି
ବିଚିତ୍ର ବିଚିତ୍ର ନାଁର ଫ୍ରେଣ୍ଡ ରିକ୍ୟୁଏଷ୍ଟମାନ ।
ଚିହ୍ନା ନାହିଁ ଜଣା ନାହିଁ ଭିନ୍ନ ତାଙ୍କ ଠିକଣା
ପବଜି ଲଭର ରକଷ୍ଟାର ଆର ଜେ ପି କେ
ବାପାରେ କି ବିଚିତ୍ର ଆ ଇ ଡି ତାଙ୍କର
କି କଳିଯୁଗ ହେଲା ଝିଅ ପଟେଇବା ବୋଲି
ନିଜ ନାଁ ବଦଳାଇ ଦିଆଗଲା ।

ଫ୍ରେଣ୍ଡ ରିକ୍ୟୁଏଷ୍ଟ ଏସେପ୍ଟ କରୁକରୁ
ହାଏ ହାଲୋରୁ ଷ୍ଟାର୍ଟ ହେଇ ବାବୁ ସୋନା ଯାଏ ଗଲା
କିଏ ବିୟୁଟି ପାର୍ଲର ନବ କହିଲେଣି ତ ଆଉ
କିଏ ସପିଙ୍ଗ୍ କରେଇବ ବୋଲି ବି କହି
ଫେସବୁକର ଫ୍ରେଣ୍ଡରୁ ଡାଇରେକ୍ଟ ହ୍ୱାଟସପ୍‌ରେ ପହଂଚିଲା ।
ଦେଖା କରିବାକୁ କଲେଜ ନାଁରେ ପାର୍କକୁ ଯାଇ
ଚୁମ୍ବନ ଦିଆ ବି ହେଲା
ପୁଣି କେତେବେଳେ ରାସ୍ତା କଡ଼ରେ
ଦୁଇଟି ଷ୍ଟ୍ରରେ ଗୋଟିଏ ପଇଡ଼ ପାଣି ପିଆ ହେଲା ।
କି କଳିଯୁଗ ହେଲା
କୃଷ୍ଣ ସୁଦାମାଙ୍କ ଖୁଦ ଚାଉଳ ବନ୍ଧୁତା ଠାରୁ
ଏ ଫେସବୁକ ଫ୍ରେଣ୍ଡ ରିକ୍ୟୁଏଷ୍ଟ
କି ବିଚିତ୍ର ଖେଳ କଲା ।

ଡାହାଣିଖିଆ, ନାଉଗାଁ, ଜଗତସିଂହପୁର ।

# ଦିଅଁ ପରି ଦିଅଁଟିଏ

- ପ୍ରଶାନ୍ତି ସ୍ୱାଇଁ

ଏପାଖେ ସହର ସେପାଖେ ସାଗର
ମଝିରେ ମୋ କଳାକାହ୍ନୁ
ଦିନ ବିତେ ନାହିଁ ରାତି ସରେ ନାହିଁ
ନଦେଖିଲେ ବହୁ ଦିନୁ ।
ବଡ଼ ଠାକୁରର ଆଖ୍ୟା ସେ ପାଇଛି
ବସିଅଛି ବଡ଼ ଦେଉଳ
ଖୋଜୁଥାଏ ମନ ଖୋଜେ ଏ ନୟନ
ଭେଟିବାକୁ ତାକୁ ସଅଳ ।
ଡୋରି ନ ଲାଗିଲେ ଛୁଇଁ ହୁଏ ନାହିଁ
ବଡ଼ ଦାଣ୍ଡର ସେ ଧୂଳି
ଲାଗିଗଲେ ଡୋରି ଟାଣି ହୋଇଯାଉ
କରିବାକୁ ତା' ପାଖେ ଅଳି ।

ସବୁ ତାକୁ ଜଣା ଜାଣି ସେ ଅଜଣା
ଭାବ ବିନୋଦିଆ ଠାକୁର
ଭାବକୁ ନିକଟ ଅଭାବକୁ ଦୂର
ଲାଗେ ଭାରି ଆପଣାର ।
ଦୁଃଖ ନାହିଁ ମୋର କରିବାକୁ ଦୂର
ସବୁ ତା' ଦୟାରୁ ପାଇଛି
ସୁଦୂରରେ ଥାଇ ପ୍ରଣାମ ଜଣାଇ
ସମର୍ପଣ ଭାବ ରଖିଛି ।
ଦେଖିବାକୁ ଇଚ୍ଛା ସେ କଳା ବଦନ
ଜୀବ ଗଲାବେଳେ ଛାଡ଼ି
ଶେଷ ସମୟରେ ଆସିବକି ସିଏ
ମୋ ହାତ ନିଅନ୍ତା ଭିଡ଼ି ।

ମହାନଦୀବିହାର, କଟକ ।

## କିଏବା ହେବ ନିଜର

– କବି କମଳ ନରେନ୍ଦ୍ର ପ୍ରସାଦ ବେହେରା

ସ୍ୱାର୍ଥପର ଏହି ମଣିଷ ସମାଜେ
ସମସ୍ତେ ଭଉଣୀ ଭାଇ
ସ୍ୱାର୍ଥ ପରିଗଲେ ନଚିହ୍ନନ୍ତି କେହି
ଯାଆନ୍ତି ସର୍ବେ ଦୂରେଇ ।

ରକ୍ତ ଚିହ୍ନେନାହିଁ ରକ୍ତ ସମ୍ପର୍କ
ସମୟେ ହୁଅନ୍ତି ପର
କହିବାକୁ ଲାଜ ଲାଗୁଅଛି ମୁଖେ
କିଏବା ହେବ ନିଜର ।

ଅଢ଼େଇ ଦିନର ସମ୍ପର୍କ ଅଟଇ
ସବୁଠାରୁ ତେଜିୟାନ
ସାମାନ୍ୟ ବଚନେ ଗାଲି ଦେଇ ପୁଣି
ଦେବେ କେତେ ଅପମାନ ।

ନିଜ ରକ୍ତ ଯଦି ହୋଇଯାଏ ପର
ଆଖିରୁ ବହିବ ନୀର
ପରକି ହୋଇବ ଅତି ଆପଣାର
ଭାବିଲେ ଆସିବ ଜ୍ୱର ।

ଜାଣିଶୁଣି ଯେବେ ନିଆଁକୁ ଡେଇଁବ
ପୋଡ଼ିବ କୋମଳ ପାଦ
ଅଜଣାକୁ ଯଦି କର ଆପଣାର
ଗଣିବ କେତେ ପ୍ରମାଦ ।

ସ୍ୱାର୍ଥ ପାଇଁ ବନ୍ଧା ଆଜି ଏ ସମାଜ
ପାରିବାନି କିଛି କହି
କହିଦେଲେ କିଛି ପାହିଯିବ ରାତି
ବୁଝି ପାରିବେନି କେହି ।

ସମ୍ପର୍କ ଗଢ଼ାରେ ରହିଗଲେ ତ୍ରୁଟି
ପାଇବ ଅନେକ କଷ୍ଟ
ଚଲାପଥ ପୁଣି ହେବ କଣ୍ଟକିତ
ପାଞ୍ଚିବେ ସଦା ଅନିଷ୍ଟ ।

ବିଶ୍ୱାସରେ ବିଷ ଦେଇ ଚାଲିଯିବେ
ଝୁରୁଥିବ ଦିନରାତି
ବୁଝିବନି ମନ କେବେ କେଉଁ ଦିନ
ଭରିବ ମନେ ଅଶାନ୍ତି ।

ବିଶ୍ୱାସ ମୋହର ଯାଇଅଛି ତ୍ରୁଟି
ପାରୁନାହିଁ ସହ୍ୟକରି
ଆଖିଲୁହ ମୋର ଆଖିରେ ମରୁଛି
ଡାକୁଛି ରଖ ହେ ହରି ।

ବାନ୍ଧି ଥିଲେ ବନ୍ଧ ମାତ୍ର ପାଞ୍ଚଦିନେ
ମହାପ୍ରଭୁ ରାମଚନ୍ଦ୍ର
ସମ୍ପର୍କର ବନ୍ଧ ଭାଙ୍ଗିଯାଏ ଆଜି
ରକ୍ଷା କର ସୂର୍ଯ୍ୟ ଚନ୍ଦ୍ର ।

ସମ୍ପାଦକ – ମୋ ଅନୁଷ୍ଠାନ
ଆଳଦା, ଖଇରା, ବାଲେଶ୍ୱର ।

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.pracheevoice.in

Whatsapp No. :
+91 88957 07011
Follow us :


## ଆପଣଙ୍କର ଟିକିଏ କଷ୍ଟ
## ଆମର ଗୋଟିଏ ପେଟ



**ବୁଲା ପଶୁଙ୍କୁ ଖାଦ୍ୟ ଦିଅନ୍ତୁ * FEED THE STRAY ANIMAL**

# IBMS No.1 INSTITUTE | IBM'S

SINCE-2005





## BANK | SSC | RLY | OAS

PO/CLERK | +2/GRADUATE | Tech./Non Tech. | BED

**CALCULATE 763X592 IN SECONDS**
**Charge your Brain**
**With the power of VEDIC MATHS.**

Free Registration For the
MATHS (QA) SPEED TECHNIQUE WORK SHOP
AT Our Badambari Branch
By Praharaj Sir .Con:0671-6540190

## 0671-6540190 M-9238500190

## Register Your Name For Free Class

All India Topper



Lopa Mudra Mohanty

### EXCLUSIVE FEATURES


- COMPLETE SIGN-UP SYSTEMS
- ENTRY BY 20 MINUTE PRE INTERVIEW & FREE CLASSES.
- WITH YOU SCORING OF 65%
- STUDENT FORUM CLASSES
- COMMON TEST STARTS FROM THE DATE OF ENTRY WITH COMPLETE EXPLANATION.

101 SPEED TEST
25 COMMON TEST
25 COMPLETE TEST &
IT CONTINUES TILL
YOU SCORE 65%



"I Get 6 job in 7 Month" Joined IOB PO. Calcutta.

Ankita Bhawani
Indian Overseas Bank PO



NARESH BARIK
VIJAYA BANK PO



Ruchi Smita Behera
Corporation Bank



Sandeep Mohanty
Bank Of India PO

Binayak Sahoo
Rank-8(MBA KIIT).
Debendra Bal
Gen Bed Rank -80
Srikant Behera(SBI CBI Clerk)
Loka Nath BeheraE.O & (SBI CLERK)

**IBM'S** CHANDI CHHAK & PALAMANDAP(Near Barabati Gas)CTC

# ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ